କଟକ
ରବିବାର ୨୩ ନଭେମ୍ବର, ୨୦୨୫
ପ୍ରାତଃ ସଂସ୍କରଣ

November 23, 2025 Cuttack
Vol - XXIII, Issue - 233
Price: Rs.5/- (12 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ପେନ୍‌ସନଭୋଗୀଙ୍କ ଟଙ୍କା ହେର୍‌ଫେର, ଜଣେ ଗିରଫ

**ଭୁବନେଶ୍ୱର,୨୨।୧୧(ନି.ପ୍ର):** ଟଙ୍କା ହେର୍‌ଫେର କରିଥିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ସବ୍‌ଟ୍ରେଜେରୀ ଅଫିସ୍‌ର ଜଣେ ପୂର୍ବତନ ବରିଷ୍ଠ କିରାଣୀଙ୍କୁ ଗିରଫ କରିଛି। ସେ ପରିବାର ପେନସନଧାରକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ପାଣ୍ଠିରୁ ୬୮,୮୫,୪୯୭ ଟଙ୍କା ହେରଫେର କରିଥିଲେ। ପେନସନଭୋଗୀଙ୍କ ଆକାଉଣ୍ଟରେ ଟଙ୍କା ଜମା ନକରି ନିଜର ଓ ନିଜ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଥିଲେ। ତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

BERHAMPUR BROILER TRADERS ASSOCIATION
CONSUMER RATE
Live Bird : Rs. 111/-@Kg.
Without Skin : Rs. 230/-@Kg.
Date 23.11.2025

# ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ମୁଖ୍ୟମନ୍ତ୍ରୀ

- ଓଡ଼ିଶାରେ ପ୍ରସ୍ତୁତ ହେଉଛି ଆତ୍ମନିର୍ଭର ଭାରତର ରୂପରେଖ
- ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ସରକାର ପ୍ରତିବଦ୍ଧ





ଓଡ଼ିଶା ମଣ୍ଡପର ଖୁବ୍ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ, 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରିଛନ୍ତି

**ନୂଆଦିଲ୍ଲୀ,୨୨।୧୧(ନି.ପ୍ର):** ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଝଲସୁଛି ଓଡ଼ିଶା ମଣ୍ଡପ। ଓଡ଼ିଶା ମଣ୍ଡପକୁ ନେଇ ସବୁ ମହଲରେ ପ୍ରଶଂସା।

ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆୟୋଜିତ ଓଡ଼ିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦ୍‌ଘାଟନ କରିଛନ୍ତି। 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ' ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଛନ୍ତି। ଓଡ଼ିଶା ମଣ୍ଡପ ପରିଦର୍ଶନ କରି ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରିଛନ୍ତି। ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡ଼ିଶାକୁ ଆତ୍ମନିର୍ଭର ଓଡ଼ିଶାରେ ପରିଣତ କରିବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ବିଷୟବସ୍ତୁ ଯଥାର୍ଥରେ ଆମ ସ୍ୱପ୍ନ ଓ ସମ୍ଭାବନାକୁ ପ୍ରତିପାଦିତ କରୁଛି। ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ସିଲିକନ ସେମିକଣ୍ଡକ୍ଟର ଚିପ୍ ଭଳି ସୂକ୍ଷ୍ମାତିସୂକ୍ଷ୍ମ ଅତ୍ୟାଧୁନିକ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶା ନୂତନ ପରିଚୟ ପ୍ରଦାନ କରିବ। ଏହା ଆମ ଅର୍ଥନୀତିକୁ ସୁଦୃଢ଼ କରିବ। ନୂତନ କର୍ମନିଯୁକ୍ତିର ସୁଯୋଗ ମଧ୍ୟ ସୃଷ୍ଟି କରିବ। ନବୀକରଣୀୟ ବିଦ୍ୟୁତ ଶକ୍ତିର ଉତ୍ପାଦନ, ବ୍ୟାପକ ବୃକ୍ଷଚାରା ରୋପଣ ମାଧ୍ୟମରେ ପରିବେଶ ସନ୍ତୁଳନ ରକ୍ଷା ଏବଂ ପରବର୍ତ୍ତୀ ପିଢି ପାଇଁ ଏକ ସୁନ୍ଦର ପୃଥିବୀ ଛାଡିଯିବା ଆଭିମୁଖ୍ୟ ନେଇ ଆମ ନୀତି ଓ ଯୋଜନା ପ୍ରଣୟନ କରିବା ସହିତ ତା'ର କାର୍ଯ୍ୟାନ୍ୱୟନ ହିଁ ଆମର ପ୍ରାଥମିକତା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପ୍ରଗତିର ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ବିକାଶ ହେଉଛି- ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, କଳା, ସଂସ୍କୃତି, ବାଣିଜ୍ୟ, ଶିଳ୍ପ ସବୁ କ୍ଷେତ୍ରରେ। **(ପୃଷ୍ଠା:୫)**

## ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ

### କୋମାରେ ଥିବା ଶିଶୁର ଚେତା ଫେରିଲା

**ପୁରୀ,୨୨।୧୧(ନି.ପ୍ର):** ସିଂହଦ୍ୱାରରେ ଘଟିଥିବା ଏକ ଚମତ୍କାରକୁ ନେଇ ସବୁଠି ଚର୍ଚ୍ଚା। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ କୋମାରେ ରହିଥିବା ଏକ ଶିଶୁର ଚେତା ଫେରିଆସିଛି। ସେ ହାତ ଗୋଡ଼ ହଲାଉଛି ଏବଂ ଖାଦ୍ୟ ଖାଉଛି। ରାଜସ୍ଥାନର ପ୍ରକାଶ ଭୋଇଙ୍କ ଶିଶୁ କୋମାରେ ରହିଥିଲା। ଡାକ୍ତରମାନେ ବି ହାତ ଟେକି ଦେଇଥିଲେ। ଚାରିଆଡୁ ନିରାଶ ହେବାପରେ ପ୍ରଭୁ ଜଗନ୍ନାଥଙ୍କୁ ଡାକି ଡାକି ରାଜସ୍ଥାନରୁ ଆସିଥିଲେ ପ୍ରକାଶ। ସିଂହଦ୍ୱାର ନିକଟରୁ ପ୍ରଭୁଙ୍କୁ ଡାକିବା ମାତ୍ରେ ତାଙ୍କ ଶିଶୁ ହାତ ଗୋଡ଼ ହଲାଇଥିଲା। ସାଙ୍ଗରେ ମଧ୍ୟ ପ୍ରକାଶଙ୍କ ପତ୍ନୀ ପାୟଲ ରହିଥିଲେ। ଜଗନ୍ନାଥଙ୍କ ଆଶୀର୍ବାଦ ମିଳିବାରୁ ଅସମ୍ଭବ ମଧ୍ୟ ସମ୍ଭବ ହୋଇଥିଲା। ପ୍ରକାଶ ଏବେ କହୁଛନ୍ତି, କ'ଣ ଆଉ କହିବି, ମୁଁ ବାକ୍ ରୁଦ୍ଧ ହୋଇଯାଇଛି, ପ୍ରଭୁ ଜଗନ୍ନାଥ ମୋ ଡାକ ଶୁଣିଛନ୍ତି। ଏଣିକି ମୋ ପୁଅ ଠିଆ ହେଉ।

### ଦୁର୍ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀ ମୃତ

**ସମ୍ବଲପୁର,୨୨।୧୧(ନି.ପ୍ର):** ଏକ ସଡ଼କ ଦୁର୍ଘଟଣାରେ ଆମ୍ବୁଲାନ୍ସରେ ଥିବା କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ଏହି ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲା ଯୁଯୋମୁରା ଥାନା ଅନ୍ତର୍ଗତ ଫୁଲଝରଣ ନିକଟରେ। ସୂଚନା ଅନୁଯାୟୀ, ବୌଦ୍ଧରୁ ଏକ ୧୦୮ ଆମ୍ବୁଲାନ୍ସ(ଓଡି-୦୨-ବିଏଚ୍-୨୮୯୮) ଜଣେ ରୋଗୀଙ୍କୁ ନେଇ ବୁର୍ଲା ଭୀମସାରକୁ ଆସୁଥିବାବେଳେ ଶନିବାର ଭୋର୍ ସାଢ଼େ ୫ଟା ସମୟରେ ମହୁଲପାଲି ନିକଟ ଜାତୀୟ ରାଜପଥ(୫୫) ପାର୍ଶ୍ୱରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଆମ୍ବୁଲାନ୍ସ ଚାଳକଙ୍କ ନିକଟରେ ବସିଥିବା କର୍ମଚାରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଚାଳକ ଓ ରୋଗୀଙ୍କ ସମେତ ଆମ୍ବୁଲାନ୍ସରେ ଥିବା ୫ ଜଣ ଗୁରୁତର ହୋଇଛନ୍ତି। ଯୁଯୋମୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଅନ୍ୟ ଏକ ଆମ୍ବୁଲାନ୍ସରେ ଭୀମସାରକୁ ପଠାଇଛି। ମୃତଦେହ ମଧ୍ୟ ବ୍ୟବଚ୍ଛେଦ ପାଇଁ ପଠାଇଛି। ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି।

### ବିଧାନସଭା ଅଧିବେଶନ ପୂର୍ବରୁ ୨୬ରେ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର,୨୨।୧୧(ନି.ପ୍ର):** ଆସନ୍ତା ୨୭ରେ ଆରମ୍ଭ ହେବ ବିଧାନସଭାର ଶୀତକାଳୀନ ଅଧିବେଶନ। ଅଧିବେଶନ ପୂର୍ବରୁ ୨୬ ତାରିଖରେ ବସିବ ସର୍ବଦଳୀୟ ବେଠକ। ସର୍ବଦଳୀୟ ବୈଠକ ଡାକିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ବାଚସ୍ପତିଙ୍କ ଅଧକ୍ଷତାରେ ସର୍ବଦଳୀୟ ବୈଠକ ବସିବ। ଗୃହକୁ ସୁରୁଖୁରୁରେ ଚଳାଇବା, ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହେବା, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୃହରେ ଉଠାଇବା ଆଦି ଉପରେ ସର୍ବଦଳୀୟ ବୈଠକରେ ଆଲୋଚନା ହୋଇପାରେ। ଏହି ବୈଠକ ଶାସକ ଓ ବିରୋଧୀ ଦଳର ନେତାମାନେ ଯୋଗଦେବେ।

ଶୀତକାଳୀନ ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧିତ କରିବେ। ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସି ଗୃହକୁ ସମ୍ବୋଧିତ କରିବା ହେବ ଏକ ଉଲ୍ଲେଖନୀୟ ଘଟଣା। ୨୮ରେ ଗୃହରେ ସରକାର ଆଗତ କରିବେ ପ୍ରଥମ ଅତିରିକ୍ତ ବଜେଟ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୃହରେ ଉପସ୍ଥାପିତ କରିବେ। ଏହା ଉପରେ ଡିସେମ୍ବର ୪, ୫ ଓ ୬ରେ ଆଲୋଚନା ହେବ। ୮ ତାରିଖରେ ଏ ସଂପର୍କିତ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ। ବିଧାନସଭାର ଶୀତ ଅଧିବେଶନ ଚାଲିବ ଡିସେମ୍ବର ୩୧ ଯାଏ। ଅଧିବେଶନ ବେଶ୍ ସରଗରମ ହେବ ବୋଲି ଅନୁମାନ କରାଯାଉଛି।

# କନ୍ଧମାଳରୁ ମାଓ ନିପାତ ଅଭିଯାନ

## ପୋଲିସ ଡିଜିଙ୍କ ସମୀକ୍ଷା

### ଓଡ଼ିଶାରେ ୮୦ ରୁ ୮୫ ମାଓବାଦୀ

### ଅସ୍ତ୍ର ଛାଡ଼ି ଆତ୍ମସମର୍ପଣ କରିବାକୁ ଆହ୍ୱାନ



**ଭୁବନେଶ୍ୱର,୨୨।୧୧(ନି.ପ୍ର):** ଓଡ଼ିଶାକୁ ମାଓମୁକ୍ତ କରିବା ପାଇଁ ପ୍ରସ୍ତୁତ ହୋଇଛି ବ୍ଲୁ ପ୍ରିଣ୍ଟ। ମାଓବାଦୀ ଆତ୍ମସମର୍ପଣ କରିବେ ନହେଲେ ନିପାତ ହେବେ। ଖୁବ୍‌ଶୀଘ୍ର କନ୍ଧମାଳରୁ ଆରମ୍ଭ ହେବ ମାଓ ନିପାତ ଅଭିଯାନ।

ପୋଲିସ ଡିଜି ୱାଇ ବି ଖୁରାନିଆ କନ୍ଧମାଳରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ବହୁ ପୋଲିସ ଅଧିକାରୀ ସାମିଲ ହୋଇଥିଲେ। ଡିଜିପି କହିଛନ୍ତି, ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତ ମାଓମୁକ୍ତ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଘୋଷଣା କରିଛନ୍ତି। ଓଡ଼ିଶା ମଧ୍ୟ ମାଓମୁକ୍ତ ହେବ। ଓଡ଼ିଶା ପୋଲିସ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ମାଓ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ମୂଳପୋଛ କରିବା ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି। ଓଡ଼ିଶାରେ ଅଛନ୍ତି ୮୦ ରୁ ୮୫ ମାଓବାଦୀ। ସେମାନଙ୍କ ମଧ୍ୟରେ ୫ଜଣ ଓଡ଼ିଆ, ଅନ୍ୟମାନେ ବାହାର ରାଜ୍ୟର।

ଅସ୍ତ୍ର ତ୍ୟାଗ କରି ଆତ୍ମସମର୍ପଣ କରିବାକୁ ମାଓବାଦୀଙ୍କୁ ଆହ୍ୱାନ ଦେଛନ୍ତି ପୋଲିସ ଡିଜି। ସେ କହିଛନ୍ତି, ଆତ୍ମସମର୍ପଣ ପାଇଁ ମାଓବାଦୀଙ୍କୁ ଉତ୍ସାହିତ କରାଯାଉଛି। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ସ୍ୱତନ୍ତ୍ର ପଲିସି। ଚଳିତବର୍ଷ ୧୯ ଜଣ ମାଓବାଦୀ ନିପାତ ହେଇଥିବାବେଳେ ୮ଜଣ ଗିରଫ ହୋଇଛନ୍ତି ଏବଂ ଆତ୍ମସମର୍ପଣ କରିଛନ୍ତି ୬ଜଣ। ୫ ଜିଲ୍ଲାରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି।

## ୩୭ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୨।୧୧(ନି.ପ୍ର):** ସୀମାନ୍ତ ତେଲଙ୍ଗାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ୩୭ ଜଣ ମାଓବାଦୀ। ସେମାନଙ୍କ ମଧ୍ୟରେ ଏନ୍‌କାଉଣ୍ଟରରେ ମୃତ ଦୁର୍ଦ୍ଧାନ୍ତ ମାଓନେତା ହିଡ୍‌ମାର ସହଯୋଗୀ ଆଜାଦ ଓ ରମେଶ ମଧ୍ୟ ରହିଛନ୍ତି। ୩ ଜଣ ଷ୍ଟେଟ୍ କମିଟି ମେମ୍ବର ମଧ୍ୟ ରହିଛନ୍ତି। ଆତ୍ମସମର୍ପଣ ସମୟରେ ତେଲଙ୍ଗାନା ପୋଲିସ ଡିଜି ଉପସ୍ଥିତ ଥିଲେ।

ଆଜାଦ ଓ ରମେଶଙ୍କ ମୁଣ୍ଡ ପାଇଁ ତେଲଙ୍ଗାନା ରାଜ୍ୟ ସରକାର ୨୦ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରିଥିଲେ। ଆତ୍ମସମର୍ପଣ ସମୟରେ ମାଓବାଦୀମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ମଧ୍ୟ ସମର୍ପଣ କରିଥିଲେ। ଏହି ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ଏକେ-୪୭ ରାଇଫଲ, ଥ୍ରି ନଟ୍ ଥ୍ରି ରାଇଫଲ, ଏସ୍‌ଏଲ୍‌ଆର୍ ଓ ୩୦୦ରୁ ଅଧିକ ଜୀବନ୍ତ ଗୁଳି।

ଆତ୍ମସମର୍ପଣ କରିଥିବା ୩୭ ମାଓବାଦୀଙ୍କ ମୁଣ୍ଡରେ ୧ କୋଟି ୪୧ ଲକ୍ଷ ୫ ହଜାର ଟଙ୍କା ପୁରସ୍କାର ଘୋଷଣା ହୋଇଥିଲା। ପୋଲିସ ପକ୍ଷରୁ ସମସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଯିବ। ସେମାନଙ୍କର ଥଇଥାନର ବ୍ୟବସ୍ଥା ମଧ୍ୟ କରାଯିବ। ଏକେ-୪୭ ଓ ଏସ୍‌ଏଲ୍‌ଆର୍ ବନ୍ଧୁକଧାରୀ ମାଓବାଦୀଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଅର୍ଥ ରାଶି ପ୍ରଦାନ କରାଯିବ। ଦୁର୍ଦ୍ଧାନ୍ତ ମାଓନେତାମାନଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ହେବାପରେ ଲାଲ୍‌ଗଡ଼ ଭୁଶୁଡ଼ି ପଡୁଛି। ଅଧିକ ସଂଖ୍ୟାରେ ମାଓବାଦୀ ଏବେ ଆତ୍ମସମର୍ପଣ କରୁଛନ୍ତି।

## ବାଂଲାଦେଶୀ ଲିଙ୍କ୍

### ଫେରାର ଅଭିଯୁକ୍ତ ସିକନ୍ଦର ଆଲାମ ଗିରଫ

**ଜଗତସିଂହପୁର,୨୨।୧୧(ନି.ପ୍ର):** ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ସହ ପୋଲିସକୁ ଆକ୍ରମଣ କରି ଫେରାର ହୋଇଯାଇଥିବା ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ବେହେରାମପୁରର ସିକନ୍ଦର ଆଲାମ ଗିରଫ ହୋଇଛି। ଯାଜପୁରରୁ ତାକୁ ଗିରଫ କରିଛି ଜଗତସିଂହପୁର ପୋଲିସ। ତାକୁ ଏକ ଅଜଣା ସ୍ଥାନରେ ରଖାଯାଇ ପଚରାଉଚୁରା କରାଯାଉଛି। ତା' ମୋବାଇଲ ଫୋନକୁ ଜବତ କରାଯାଇଛି।

ସିକନ୍ଦର ସହ ଆଉ ଜଣଙ୍କୁ ମଧ୍ୟ ଗିରଫ କରିଛି ଜଗତସିଂହପୁର ପୋଲିସ। ଜଣେ ସିକନ୍ଦରର ଭାଇ ବୋଲି କୁହାଯାଉଛି। ତାକୁ ଖୋର୍ଦ୍ଧାରୁ ଗିରଫ କରାଯାଇଥିବା ଜଣାଯାଇଛି। ତାକୁ ମଧ୍ୟ ଅଜଣା ସ୍ଥାନରେ ରଖି ପୋଲିସ ପଚରାଉଚରା କରୁଛି।

ବାଂଲାଦେଶୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଗତ ୧୬ ତାରିଖ ସନ୍ଧ୍ୟାରେ ପୋଲିସ ସିକନ୍ଦରର ଧନୀପୁର ବେହେରାମପୁର ଘରେ ଚଢ଼ାଉ କରିଥିଲା। ସରକାରୀ ଜମିରେ ଭଡ଼ା ଘର ତିଆରି କରି ସିକନ୍ଦର ବାଂଲାଦେଶୀଙ୍କୁ ଆଶ୍ରୟ ଦେଇଥିଲା। ଚଢ଼ାଉ ସମୟରେ ସିକନ୍ଦର ଓ ତା' ଭାଇ ପୋଲିସକୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ଅନ୍ୟ କେତେଜଣଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସର ଦୁଇଟି ଖୋଜୁଥିଲା ସିକନ୍ଦରକୁ। ଶେଷରେ ସେ ଧରାପଡ଼ିଛି।

### ହସୀନାଙ୍କ ମୃତ୍ୟୁ ଦଣ୍ଡାଦେଶ ଉପରେ ପ୍ରତିକ୍ରିୟା ଦେବାକୁ ମନା କଲା ପାକିସ୍ତାନ

**ନୂଆଦିଲ୍ଲୀ,୨୨।୧୧(ନି.ପ୍ର):** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଦେଶର ଅନ୍ତର୍ଜାତୀୟ କ୍ରାଇମ ଟ୍ରିବ୍ୟୁନାଲ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ପାକିସ୍ତାନ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି। ହସୀନାଙ୍କ ମୃତ୍ୟୁ ଦଣ୍ଡାଦେଶ ପରେ ପାକିସ୍ତାନ ବାଂଲାଦେଶ ସପକ୍ଷରେ ଏବଂ ହସୀନାଙ୍କ ବିପକ୍ଷରେ ପ୍ରତିକ୍ରିୟା ରଖିବ ବୋଲି ଆଶା କରାଯାଉଥିଲା। ପାକିସ୍ତାନ କହିଛି, ଏହା ବାଂଲାଦେଶର ଆଭ୍ୟନ୍ତରୀଣ ମାମଲା, ଏହା ଉପରେ ପ୍ରତିକ୍ରିୟା ଦେବା ଠିକ୍ ହେବନାହିଁ। ପାକିସ୍ତାନ ବୈଦେଶିକ କାର୍ଯ୍ୟାଳୟର ମୁଖପାତ୍ର କହିଛନ୍ତି, ଏହା ଦେଶର ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ପ୍ରକ୍ରିୟାର ଏକ ଆଭ୍ୟନ୍ତରୀଣ ବିଷୟ। ଏହିବିଷୟରେ ଅଧିକ ମନ୍ତବ୍ୟ ଦେବା ଉଚିତ ହେବନାହିଁ। ବାଂଲାଦେଶର ଲୋକମାନେ ସେମାନଙ୍କ ଗଣତାନ୍ତ୍ରିକ ଏବଂ ସାମ୍ବିଧାନିକ ପ୍ରକ୍ରିୟା ଅନୁଯାୟୀ ସମସ୍ୟାର ସମାଧାନ କରିବାକୁ ସମ୍ପୂର୍ଣ୍ଣ ସକ୍ଷମ।

## ଭାରତ-ଆଫଗାନିସ୍ତାନ ମଧ୍ୟରେ ଖୁବ ଶୀଘ୍ର ଏୟାର କାର୍ଗୋ ସେବା

**ନୂଆଦିଲ୍ଲୀ,୨୨।୧୧(ନି.ପ୍ର):** ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସୁଦୃଢ଼ ହେବାରେ ଲାଗି କୂଟନୈତିକ ସମ୍ପର୍କ। ଏବେ ଦୁଇ ଦେଶ ବାଣିଜ୍ୟ ଏବଂ ଅର୍ଥନୈତିକ ସମ୍ପର୍କ ଆଡ଼କୁ ଅଗ୍ରସର ହେଉଛନ୍ତି। ଖୁବ୍ ଶୀଘ୍ର ଦୁଇ ଦେଶ ମଧ୍ୟରେ ବିମାନ ମାଲ ପରିବହନ ସେବା (ଏୟାର କାର୍ଗୋ ସେବା) ଆରମ୍ଭ ହେବ। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆନନ୍ଦ ପ୍ରକାଶ ଏନେଇ ସୂଚନା ଦେଇଛନ୍ତି ।

ସେ କହିଛନ୍ତି, କାବୁଲ-ଦିଲ୍ଲୀ ସେକ୍ଟର ଏବଂ କାବୁଲ -ଅମୃତସର ରୁଟ୍‌ରେ ମାଲ ପରିବହନ କରିଡରକୁ ସକ୍ରିୟ କରାଯାଇଛି। ଏହି ସେକ୍ଟରଗୁଡ଼ିକରେ ଖୁବ୍ ଶୀଘ୍ର କାର୍ଗୋ ବିମାନ ଚଳାଚଳ ଆରମ୍ଭ ହେବ। ଏହା ଦୁଇ ଦେଶ ମଧ୍ୟରେ ସଂଯୋଗକୁ ଉନ୍ନତ କରିବ ଏବଂ ବାଣିଜ୍ୟ ଓ ବାଣିଜ୍ୟିକ ସମ୍ପର୍କକୁ ସୁଦୃଢ଼ କରିବ। ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ସହଯୋଗର ତଦାରଖ ଏବଂ ସମର୍ଥନ ପାଇଁ ଦୁଇ ଦେଶର ଦୂତାବାସରେ ଜଣେ ବାଣିଜ୍ୟ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ସହମତ ହୋଇଛନ୍ତି। ଏହି ସ୍ୱତନ୍ତ୍ର ମିଳିତ କାର୍ଯ୍ୟ ଗୋଷ୍ଠୀ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଭାରତୀୟ ଏବଂ ଆଫଗାନ ବ୍ୟବସାୟଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ହେବ।

ସେ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟର ଆକାର ପ୍ରାୟ ୧ ବିଲିୟନ ଡଲାର। ତଥାପି ଆହୁରି ଅଭିବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଛି । ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ଏବଂ ନିବେଶ ଉପରେ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀକୁ ପୁନଃ ସକ୍ରିୟ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଆଫଗାନିସ୍ତାନର ତାଲିବାନ ସରକାରଙ୍କ ବାଣିଜ୍ୟ ମନ୍ତ୍ରୀ ଅଲ-ହାଜ ନୁରୁଦ୍ଦିନ ଅଜିଜି ବର୍ତ୍ତମାନ ଭାରତ ଗସ୍ତରେ ଥିବା ବେଳେ ଏହି ଘୋଷଣା କରାଯାଇଛି। ସେ ପାଞ୍ଚଦିନିଆ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କର ଲକ୍ଷ୍ୟ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ନୂତନ ଶିଖରରେ ପହଞ୍ଚାଇବା।

# ସୃଷ୍ଟି ହେଲା ଲଘୁଚାପ, ପୁଣି ବାତ୍ୟା ଭୟ

## କୁଆଡ଼େ ମୁହାଁଇବ ସ୍ପଷ୍ଟ ହୋଇନି

**ଭୁବନେଶ୍ୱର,୨୨।୧୧(ନି.ପ୍ର):** ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପକ୍ଷେତ୍ର ସୃଷ୍ଟି ହୋଇଛି। ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଏହି ଲଘୁଚାପ ପରବର୍ତ୍ତୀ ସମୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୪ ତାରିଖରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ।

ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ୨୬ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୁଖିଲା ପାଗ ଜାରି ରହିବ। ଲଘୁଚାପ ସୃଷ୍ଟି ହେବା ପରେ ବର୍ଷା ଓ ବାତ୍ୟାର ରୂପରେଖ ସ୍ପଷ୍ଟ ହେବ।

ପାଣିପାଗ ବିଶେଷଜ୍ଞଙ୍କ ଅନୁଯାୟୀ, ଗଭୀର ଅବପାତରେ ପରିଣତ ହୋଇ ଏହି ଲଘୁଚାପ ବାତ୍ୟାର ରୂପ ନେଇପାରେ। ତେବେ ସମ୍ଭାବ୍ୟ ବାତ୍ୟା କେଉଁଠାରେ ଲ୍ୟାଣ୍ଡଫଲ କରିବ ଏବଂ କେବେ ଲ୍ୟାଣ୍ଡଫଲ କରିବ ଏବେଠାରୁ କହିବା ସମ୍ଭବ ନୁହେଁ। ଏହି ସମ୍ଭାବ୍ୟ ବାତ୍ୟାର ନାମ ରହିଛି ସେନ୍ୟାର।

ସମ୍ଭାବ୍ୟ ବାତ୍ୟାକୁ ନେଇ ଏବେ ଚାଷୀ ଛାନିଆ ହୋଇପଡ଼ିଛନ୍ତି। ବିଲରେ ପାଚିଲା ଧାନ ସାଙ୍ଗକୁ ମକା ଫସଲ ଓ ପନିପରିବା। ବାତ୍ୟା ସହ ପ୍ରବଳ ବର୍ଷା ହେଲେ ସାରା ବର୍ଷର ପରିଶ୍ରମ ବେକାର ହୋଇଯିବ। କେବଳ ଚାଷ ଉପରେ ନିର୍ଭର କରୁଥିବା କୃଷକଙ୍କ ଅଣ୍ଟା ମଧ୍ୟ ଭାଙ୍ଗିଯିବ। ବହୁ ଚାଷୀଙ୍କର ଧାନ ଏବେ ପାଚିଲା ଅବସ୍ଥାରେ ଅଛି। ଯେଉଁମାନଙ୍କର ଧାନ ପାଚିଯାଇଛି ସେମାନେ ଏବେ କାଟି ଘରକୁ ବୋହି ନେଉଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସମ୍ଭାବ୍ୟ ବାତ୍ୟା ସେନ୍ୟାରକୁ ନେଇ କହିଛନ୍ତି, ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ଠିକଣା ହୋଇଛି। ଆମେ ସର୍ବଦା ସଫଳତାର ସହ ଏହାର ମୁକାବିଲା କରିଛୁ। ଓଡ୍ରାଫ, ଏନ୍‌ଡ୍ରାଫ, ଅଗ୍ନିଶମବାହିନୀ, ଓସ୍‌ଡମା, ବିଭିନ୍ନ ଏନ୍‌ଜିଓ, ଅଙ୍ଗନବାଡ଼ି ଓ ଆଶାକର୍ମୀ ବିପର୍ଯ୍ୟୟ ସମୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ବାତ୍ୟା ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି।



ବାତ୍ୟା ଭୟରେ ଜମିରୁ ଧାନ କାଟି ନେଉଛନ୍ତି ଚାଷୀ

## ଆଉ ୧୦୦ଟି ନୂଆ ୧୦୮ ଆମ୍ବୁଲାନ୍ସ ଆସିବ

**ଭୁବନେଶ୍ୱର,୨୨।୧୧(ନି.ପ୍ର):** ରାଜ୍ୟ ସରକାର ରୋଗୀ ପରିବହନ ବ୍ୟବସ୍ଥା ସୁଧରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ଫଳରେ ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆସିବ। ପୁରୁଣା ହୋଇଯାଇଥିବା ଆମ୍ବୁଲାନ୍ସକୁ ବଦଳାଇ ୪୨୮ଟି ନୂଆ ଆମ୍ବୁଲାନ୍ସ ପାଇଁ ସରକାର ଟେଣ୍ଡର କରିଥିଲେ। ଏହି କ୍ରମରେ ଚଳିତମାସ ଶେଷ ସୁଦ୍ଧା ଯୋଡି ହେବ ଆଉ ୧୦୦ଟି ନୂଆ ୧୦୮ ଆମ୍ବୁଲାନ୍ସ। ୨୫ ତାରିଖରୁ ଓଡ଼ିଶାକୁ ପର୍ଯ୍ୟାୟକ୍ରମେ ନୂଆ ୧୦୮ ଆମ୍ବୁଲାନ୍ସ ଆସିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ସଂସ୍ଥା ୧୦୦ଟି ଆମ୍ବୁଲାନ୍ସ ପ୍ରଦାନ କରିବ।

ପୁରୁଣା ହୋଇଯାଇଥିବା ଆମ୍ବୁଲାନ୍ସକୁ ହଟାଇବା ପାଇଁ ଦୀର୍ଘଦିନରୁ ସରକାରୀ ସ୍ତରରେ ଆଲୋଚନା ଚାଲିଥିଲା। ରାଜ୍ୟରେ ଗଡୁଥିବା ଅଧିକାଂଶ ୧୦୮ ଆମ୍ବୁଲାନ୍ସ ପୁରୁଣା ହୋଇସାରିଛି। ଗତ କ୍ୟାବିନେଟ୍ ବୈଠକରେ ୪୨୮ଟି ଆମ୍ବୁଲାନ୍ସ କିଣାକୁ ମଞ୍ଜୁରି ମିଳିଥିଲା। ଏଥିରେ ୪୨୧ଟି ୧୦୮ ଆମ୍ବୁଲାନ୍ସ, ପରିବହନ ବିଭାଗର ୫ଟି ଏଏଲ୍‌ଏସ୍ ଓ ଝାରସୁଗୁଡ଼ା କାର୍ଡିଆକ୍ ହସ୍ପିଟାଲ ପାଇଁ ୨ଟି ଏଏଲ୍‌ଏସ୍ ଆମ୍ବୁଲାନ୍ସ ରହିଛି। ଏସବୁ ପାଇଁ ୧୧୯ କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ। **(ପୃଷ୍ଠା:୫)**



# ୨୦,୦୦୦ ଟଙ୍କିଆ ଆଇଫୋନ୍ ପକେଟ୍

ଆପଲ୍ କମ୍ପାନି ଜାପାନୀ ଫ୍ୟାଶନ୍ ଡିଜାଇନର୍ ଇସେ ମିୟାକେଙ୍କ ସହଯୋଗରେ ବିକଶିତ 'ଆଇଫୋନ୍ ପକେଟ୍' ନାମକ ଏକ ବୁଣା ପାଉଚ୍ ବଜାରକୁ ଛାଡ଼ିଛି। ଗତ ୧୪ ତାରିଖରୁ ଫ୍ରାନ୍ସ, ଚୀନ୍, ଇଟାଲୀ, ଜାପାନ, ସିଙ୍ଗାପୁର, ଦକ୍ଷିଣ କୋରିଆ, ୟୁକେ ଏବଂ ଆମେରିକାରେ 'ଆପଲ୍ ଡଟ୍ କମ୍' ସାଇଟ୍‌ରେ ଏହା ଉପଲବ୍ଧ ହୋଇଛି। ଏହି ପାଉଚ୍‌ର ମୂଲ୍ୟ ୨୦,୩୭୯ ଟଙ୍କା (୨୨୯.୯୫ ଡଲାର) ରହିଛି।

ଏହି ପାଉଚକୁ ହାତରେ ଧରିହେବ, ବ୍ୟାଗ୍‌ରେ ବାନ୍ଧିହେବ କିମ୍ବା ସିଧାସଳଖ ବହନ କରିହେବ। ତେବେ ଏକ ଆଇଫୋନ୍ ଓ ଅନ୍ୟାନ୍ୟ ଛୋଟ ଡିଭାଇସ୍ ବହନ କରିପାରୁଥିବା ଏହି ନୂତନ ଉତ୍ପାଦର ଏପରି ଉଚ୍ଚ ମୂଲ୍ୟ ଏବଂ ଡିଜାଇନ୍ ଉପରେ ସମାଲୋଚକମାନେ ପ୍ରଶ୍ନ ଉଠାଇଛନ୍ତି। ଏହାର ମଧ୍ୟ ଏକ ଛୋଟ ସଂସ୍କରଣ ୧୪୯.୯୫ ଡଲାରରେ ଅତିରିକ୍ତ ରଙ୍ଗ ବିକଳ୍ପରେ ଉପଲବ୍ଧ, ଯାହାକୁ ହାତ ଉପରେ ହୁକ୍ କରାଯାଇପାରିବ କିମ୍ବା ଏକ ବ୍ୟାଗ୍‌ରେ ବାନ୍ଧି ହେବ। ଏହି ପାଉଚ୍‌ରେ ସୁରକ୍ଷିତ ଆଇଫୋନ୍‌ର ପରଦାକୁ ବାହାରୁ ଦେଖିବାର ବ୍ୟବସ୍ଥା ରହିଛି।

କମ୍ପାନି ଦ୍ୱାରା ଏଭଳି ଉତ୍ପାଦ ଓ ଏହାର ବର୍ଣ୍ଣନା ହାସ୍ୟାସ୍ପଦ ବୋଲି ଅନେକ ସମାଲୋଚନା କରିଛନ୍ତି। ବିଶେଷକରି ପ୍ରତିଦ୍ୱନ୍ଦ୍ୱୀ କମ୍ପାନିମାନଙ୍କ ତୁଳନାରେ ଆପଲ୍ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଦୌଡ଼ରେ ପଛରେ ପଡ଼ିଯାଉଛି ବୋଲି ଅନେକ କହିଛନ୍ତି। ଅନ୍ୟମାନେ ଏଆଇ ମଡେଲ ନିର୍ମାଣ କରୁଥିବା ବେଳେ ଆପଲ୍ ମୋଜା ସହ ଖେଳୁଛି ବୋଲି କେତେକ କଟାକ୍ଷ କରିଛନ୍ତି। ସେହିପରି ଆପଲ୍‌ର ପ୍ରଶଂସକମାନେ ଏହାର ଯେକୌଣସି ଉତ୍ପାଦକୁ ଯଥାର୍ଥ କରିବା ପାଇଁ କେତେ ଦୂର ଯାଇପାରିବେ ବୋଲି କେହି କେହି ପ୍ରଶ୍ନ କରିଛନ୍ତି।

# ଦୃଢ଼ମନା ସୁପର୍ଣ୍ଣା

## ବିନା ଛୁଟିରେ ୨୮ ବର୍ଷ ପାଠପଢ଼ା



ମେ ୨, ୧୯୯୭ରେ ଆରମ୍ଭ କରିଥିଲେ ଶିକ୍ଷକତା ବୃତ୍ତି। ସେଇଠି ଦୀର୍ଘ ବର୍ଷ କାମ କରିବା ପରେ ନେଲେ ଅବସର । ତେବେ ଅବସର ପରେ ବି ଜାରି ରଖିଛନ୍ତି ଶିକ୍ଷାଦାନ। ଏବେବି ୨୮ ବର୍ଷରୁ ଅଧିକ ଧରି କରିଆସୁଛନ୍ତି ଶିକ୍ଷକତା। ସାଢ଼େ ୨୮ ବର୍ଷ ମଧ୍ୟରେ ପଶ୍ଚିମବଙ୍ଗର ଚିତ୍ର ବଦଳି ଯାଇଛି। ବାତ୍ୟା, ବନ୍ୟା, ହରତାଳ, କୋଭିଡ୍ ଭଳି ବିଭିନ୍ନ ବିପର୍ଯ୍ୟୟ ଆସିଛି। ଏହି ସମୟ ମଧ୍ୟରେ ପଶ୍ଚିମବଙ୍ଗ ତିନି ଜଣ ମୁଖ୍ୟମନ୍ତ୍ରୀ ଦେଖିଛି। କିନ୍ତୁ ସୁପର୍ଣ୍ଣାଙ୍କ ଶିକ୍ଷାଦାନକୁ ପାରିନଥିଲା ଅଟକାଇ।

ଜାରି ରହିଛି ନୀରବଚ୍ଛିନ୍ନ ପାଠପଢ଼ା। ପେଶାରେ ସେ ଇତିହାସ ଶିକ୍ଷୟିତ୍ରୀ। ନାଁ ତାଙ୍କର ସୁପର୍ଣ୍ଣା। ତେବେ ଏହାକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ। ଏତେଦିନ ମଧ୍ୟରେ ସେ କ'ଣ ଗୋଟିଏ ଦିନ ପାଇଁ ମଧ୍ୟ ଅସୁସ୍ଥ ହୋଇନାହାନ୍ତି। ସୁପର୍ଣ୍ଣାଙ୍କ ଉତ୍ତର ହେଉଛି, ହୋଇଥିଲି ହେଲେ ସେଥିପ୍ରତି ମୁଁ ଧ୍ୟାନ ଦେଇନଥିଲି। ମୁଁ ସ୍କୁଲକୁ ଯାଉଥିଲି। ମୁଁ ପାଠ ପଢ଼ାଉଥିଲି।

ସୁପର୍ଣ୍ଣାଙ୍କ ଜନ୍ମ, ସ୍କୁଲ ଏବଂ କଲେଜ ପାଠପଢ଼ା ସବୁ କିଛି ଦୁର୍ଗାପୁରରେ। ପରେ ସେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର ଶିକ୍ଷା ଏବଂ ଚନ୍ଦନନଗର ସରକାରୀ କଲେଜରୁ ବି.ଏଡ୍। ପାଠପଢ଼ା ପରେ ସେ ଆରମ୍ଭ କରିଥିଲେ ଶିକ୍ଷକତା। ଗିରିଡିହ ସେନା ପବ୍ଲିକ୍ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। କିନ୍ତୁ ଏହାପରେ ସେ ହାଓଡାର ଆମତାରେ ବିବାହ କରିଥିଲେ। ଯେତେବେଳେ ସେ ଗର୍ଭବତୀ ଥିଲେ, ତାଙ୍କୁ ଶ୍ରୀରାମପୁରର ଏକ ସ୍କୁଲରେ ଚାକିରିର ସୁଯୋଗ ମିଳିଥିଲା।

ଶିଶୁକନ୍ୟା ଜନ୍ମ ହେବାର କିଛିଦିନ ମଧ୍ୟରେ ସେ ଶିକ୍ଷାଦାନ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ତାଙ୍କ ନବଜାତ ଝିଅକୁ ସ୍କୁଲରେ ପାଠ ପଢ଼ାଉଥିଲେ। ସେତିକି ନୁହେଁ ତାଙ୍କୁ ଜଣେ ଚାକରାଣୀ ପାଖରେ ଛାଡି ଦେଉଥିଲେ। କିନ୍ତୁ ସେ ଯେଉଁ ଚ୍ୟାଲେଞ୍ଜ ଗ୍ରହଣ କରିଥିଲେ ତାହାକୁ ସେ ଛାଡିବାକୁ ଚାହୁଁନଥିଲେ। ସେ କୁହନ୍ତି, ଅନେକ ଲୋକ କୁହନ୍ତି ଯେ ମୁଁ ମୋ ଝିଅର ପିଲାଦିନକୁ ଅବହେଳା କରିଥିଲି। ହୁଏତ ଏହା ଟିକିଏ ଘଟିଥିଲା। କିନ୍ତୁ ସେ ନିଜ ଢଙ୍ଗରେ ନିଜକୁ ପ୍ରତିଷ୍ଠିତ କରୁଛନ୍ତି।

ସୁପର୍ଣ୍ଣାଙ୍କ ଝିଅ ଚନ୍ଦନନଗରର ସେଣ୍ଟ ଜୋସେଫ କନଭେଣ୍ଟରୁ ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ତାଙ୍କ ମା'ଙ୍କ ଇତିହାସ ବିଷୟ ସହିତ ତାଙ୍କର ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ଏବେ ସେ ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ମଧ୍ୟ ପାଠ ପଢ଼ାଉଛନ୍ତି। ସୁପର୍ଣ୍ଣାଙ୍କ ସ୍ୱାମୀ ଜଣେ ରାସାୟନିକ ଇଞ୍ଜିନିୟର। ସେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ।



# ଉପକାରୀ ଗୁଜୁରାତି



ଗୁଜୁରାତିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ପାଚନ କ୍ରିୟାକୁ କେତେକାଂଶରେ ସକ୍ରିୟ କରିଥାଏ। ତା'ସହ ଶରୀରରେ ଥିବା ଏନଜାଇମ୍ ତତ୍ତ୍ୱକୁ ମଧ୍ୟ ଦୃଢ଼ କରେ। ଶ୍ୱାସକ୍ରିୟାକୁ ସତେଜ ରଖେ ଗୁଜୁରାତି। ଏହାକୁ ଖାଇଲେ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି ଯେ ଗୁଜୁରାତି ଖାଇବା ଦ୍ୱାରା ହୃତ୍‌ପିଣ୍ଡ କାର୍ଯ୍ୟଧାରା କେକୋଂଶରେ ସକ୍ରିୟ ରଖିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ଗୁଜୁରାତିରେ ଏଭଳି ତତ୍ତ୍ୱ ରହିଛି, ଯାହା। ଶରୀରରେ ଥିବା ବିଷାକ୍ତ ଜିନିଷଗୁଡିକୁ ବାହାର କରିଦିଏ। ସବୁଠାରୁ ଖାସ୍ କଥା ହେଲା, ଏହା ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ଖାଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଗୁଜୁରାତି। ଏହା ମଧ୍ୟ ଶରୀରରେ ଶକ୍ତି ସଞ୍ଚାର କରିଥାଏ।

# ହେଙ୍ଗୁ ଖାଇଲେ ମିଳିବ ଗଜବ ଫାଇଦା



ହେଙ୍ଗୁ ପ୍ରତିଟି ଗୃହିଣୀଙ୍କ ରୋଷେଇ ଘରେ ଥିବା ଏକ ସାମଗ୍ରୀ। ହେଙ୍ଗୁର ବ୍ୟବହାର ସାଧାରଣତଃ କିଛି ରୋଷେଇରେ ବ୍ୟବହାର କରାଯାଏ। ଲୋକମାନେ ପ୍ରାୟତଃ ଡାଲି, କଢ଼ି ଇତ୍ୟାଦି ଖାଦ୍ୟକୁ ସୁଗନ୍ଧିତ କରିବା ପାଇଁ ହେଙ୍ଗୁ ବ୍ୟବହାର କରନ୍ତି। ହେଙ୍ଗୁ ହେଉଛି ଔଷଧୀୟ ଗୁଣର ଭଣ୍ଡାର। ଯଦିଓ ଅନେକ ଲୋକ ଏହାକୁ ପସନ୍ଦ କରନ୍ତି, କିଛି ଲୋକ ଏହାର ଗନ୍ଧ ଏବଂ ସ୍ୱାଦ ଯୋଗୁ ଏହାକୁ କୌଣସି ଜିନିଷରେ ମିଶାନ୍ତି ନାହିଁ। ଯେଉଁମାନେ ହେଙ୍ଗୁର ସ୍ୱାଦ କିମ୍ବା ଗନ୍ଧ ପସନ୍ଦ କରନ୍ତି ନାହିଁ, ସେମାନେ ଜାଣିବା ଉଚିତ ଯେ ଏହା ବହୁତ ଲାଭଦାୟକ ମସଲା। ଏହାକୁ ନିୟମିତ ଭାବରେ ଖାଦ୍ୟରେ ବ୍ୟବହାର କଲେ ଅନେକ ରୋଗକୁ ଦୂରେଇ ରଖିପାରିବା। ଆପଣ ଚାହିଁଲେ ପାଣିରେ ହେଙ୍ଗୁ ପାଉଡର ମିଶାଇ ମଧ୍ୟ ଏହାକୁ ସେବନ କରିପାରିବେ। ଆସନ୍ତୁ ଜାଣିବା ହେଙ୍ଗୁର ଉପକାରୀ ଗୁଣ ସମ୍ପର୍କରେ...

- ହେଙ୍ଗୁରେ ଥିବା ପୋଷକ ତତ୍ତ୍ୱ ପାଚନ ପ୍ରଣାଳୀ, ହୃଦୟ, ଶରୀରରେ ଫୁଲା, କର୍କଟ ରୋଗ, ମଧୁମେହ ଇତ୍ୟାଦି ପାଇଁ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଏହା କୋଷ୍ଠକାଠିନ୍ୟ, ବଦ୍‌ହଜମୀ, ଗ୍ୟାସ୍ ଇତ୍ୟାଦି ସମସ୍ୟାକୁ ମଧ୍ୟ ଦୂର କରେ।
- ହେଙ୍ଗୁ ପାଣି ପିଇବା ଦ୍ୱାରା ଶରୀରକୁ ମୁକ୍ତ ରାଡିକାଲ୍ସ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା ମିଳିଥାଏ। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଏହାସହିତ ଶରୀରକୁ ହୃଦରୋଗ, ମଧୁମେହ ଇତ୍ୟାଦିରୁ ରକ୍ଷା କରାଯାଇପାରିବ।
- ଯେଉଁମାନଙ୍କର ଓଜନ କ୍ରମାଗତ ଭାବରେ ବଢୁଛି, ସେମାନେ ମଧ୍ୟ ନିଜ ଖାଦ୍ୟରେ ହେଙ୍ଗୁ ସାମିଲ କରିବା ଉଚିତ। ଏହା ପାଚନକ୍ରିୟାକୁ ଉନ୍ନତ କରେ।
- ହେଙ୍ଗୁ ସାମଗ୍ରିକ ସ୍ୱାସ୍ଥ୍ୟ ସହିତ ଚର୍ମ ପାଇଁ ମଧ୍ୟ ଲାଭଦାୟକ। ହେଙ୍ଗୁ ଖାଇବା ଦ୍ୱାରା କମ୍ ବୟସରେ ଦାଗ, ସୂକ୍ଷ୍ମ ରେଖା, ବାର୍ଦ୍ଧକ୍ୟ ଲକ୍ଷଣ, ରଙ୍ଗ ପରିବର୍ତ୍ତନ, ବ୍ରଣ ଏବଂ ଦାଗ ଦୂର ହୋଇଯାଏ।
- ନିୟମିତ ଭାବରେ ହେଙ୍ଗୁ ପାଣି ପିଇବା ଦ୍ୱାରା ମଧ୍ୟ ମଧୁମେହ ରୋଗରେ ବହୁତ ଆରାମ ମିଳିଥାଏ। ଏହାର ନିୟମିତ ସେବନ ଦ୍ୱାରା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ।

# ଚର୍ଚ୍ଚାରେ ମିନି ଐଶ୍ୱର୍ଯ୍ୟା

ପ୍ରତିବର୍ଷ ଅଗଣିତ ନୂଆ ମୁହଁ ବଲିଉଡରେ ଡେବ୍ୟୁ କରନ୍ତି, କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ପ୍ରଥମ ଥର ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜନ୍ତି। ରଣବୀର ସିଂଙ୍କ ବହୁପ୍ରତିକ୍ଷୀତ ଫିଲ୍ମ 'ଧୁରନ୍ଧର'ର ମୁଖ୍ୟ ନାୟିକା ସାରା ଅର୍ଜୁନଙ୍କ କ୍ଷେତ୍ରରେ ମଧ୍ୟ ଏପରି ହୋଇଛି। ଫିଲ୍ମ ରିଲିଜ ହେବାକୁ ମାତ୍ର ଦୁଇ ସପ୍ତାହ ବାକି ଅଛି, କିନ୍ତୁ ସାରା ଏବେ ବି ଶିରୋନାମାରେ ଅଛନ୍ତି। ଫିଲ୍ମର ପ୍ରଥମ ଝଲକ ରିଲିଜ ହେବା ପରଠାରୁ ଏହି ଅଭିନେତ୍ରୀ ଚର୍ଚ୍ଚାରେ ଅଛନ୍ତି। 'ଧୁରନ୍ଧର' ଟିଜରରେ ସାରାଙ୍କ ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି।

ଏହି ଫିଲ୍ମରେ ସେ ତାଙ୍କଠାରୁ ୨୦ ବର୍ଷ ବଡ଼ ରଣବୀରଙ୍କ ସହିତ ରୋମାନ୍ସ କରିବେ। ସାରାରୁ ଏବେ କେବଳ ୨୦ ବର୍ଷ। କିନ୍ତୁ ସେ ବହୁତ ପୂର୍ବରୁ ତାଙ୍କର ଫିଲ୍ମ ଡେବ୍ୟୁ କରିଥିଲେ। ସେ ମଡେଲିଂ ଏବଂ ବିଜ୍ଞାପନ ସହିତ ତାଙ୍କର କ୍ୟାରିୟର୍ ଆରମ୍ଭ କରିଥିଲେ। ଭାରତୀୟ ସିନେମାକୁ ଯିବା ପୂର୍ବରୁ ସେ ମ୍ୟାଗି, କ୍ଲିନିକ ପ୍ଲସ ଏବଂ ମ୍ୟାକଡୋନାଲ୍ଡସ ସମେତ ଅନେକ ପ୍ରମୁଖ ବ୍ରାଣ୍ଡ ସହିତ କାମ କରିଥିଲେ। ସାରାଙ୍କ କ୍ୟାରିୟରର ଏକ ପ୍ରମୁଖ ମୋଡ଼ ଥିଲା ବିକ୍ରମଙ୍କ ଅଭିନୀତ 'ଦିଭା ଥିରୁମାଲ'। ଏଥିରେ ସେ ବିକ୍ରମଙ୍କ ଝିଅ ନୀଲା ଭୂମିକାରେ ଅଭିନୟ କରିଥିଲେ। ସେ ମଣିରତ୍ନମଙ୍କ 'ପୋନିୟିନ ସେଲଭାନ'ରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଚରିତ୍ର ନନ୍ଦିନୀଙ୍କ ପିଲାଦିନ ଭୂମିକାରେ ଅଭିନୟ କରି ମଧ୍ୟ ଚର୍ଚ୍ଚାକୁ ଆସିଥିଲେ। ଏହି ଫିଲ୍ମ ପରେ ତାଙ୍କୁ 'ମିନି ଐଶ୍ୱର୍ଯ୍ୟା ରାୟ' ଡକାଯାଏ।

# ପୁରୁଷଙ୍କୁ ଲୋଡ଼ା ଅଧିକ ବ୍ୟାୟାମ



ହୃତ୍‌ପିଣ୍ଡ ପାଇଁ ବ୍ୟାୟାମ ଔଷଧ ସଦୃଶ। ତେବେ ଏହା ପ୍ରଭାବଶାଳୀ ହେବା ପାଇଁ ତାହାର ସଠିକ୍ ମାତ୍ରା ଆବଶ୍ୟକ। ପୁରୁଷମାନେ ହୃଦ୍‌ରୋଗ ଆଶଙ୍କା ହ୍ରାସ କରିବା ପାଇଁ ମହିଳାଙ୍କ ତୁଳନାରେ ପ୍ରାୟ ଦୁଇଗୁଣ ଅଧିକ ବ୍ୟାୟାମ କରିବା ଆବଶ୍ୟକ ବୋଲି ଏକ ଅଧ୍ୟୟନରୁ ଗବେଷକମାନେ ଜାଣିପାରିଛନ୍ତି। ଏହି ଅଧ୍ୟୟନରେ ୩୭ରୁ ୭୩ ବର୍ଷ ବୟସର ୮୫ ହଜାରରୁ ଅଧିକ ପ୍ରାପ୍ତବୟସ୍କଙ୍କ ଶରୀରରେ ଆକ୍ସିଲେରୋମିଟର ଲଗାଇ ବ୍ୟାୟାମର ମାତ୍ରା ଓ ସ୍ୱାସ୍ଥ୍ୟ ଫଳାଫଳକୁ ୮ ବର୍ଷ ଧରି ତର୍ଜମା କରାଯାଇଥିଲା। ଯେଉଁ ମହିଳାମାନେ ସପ୍ତାହରେ ପ୍ରାୟ ୪ ଘଣ୍ଟା ଧରି ଦ୍ରୁତ ଚାଲିବା, ଜଗିଂ, ସାଇକେଲିଂ କିମ୍ବା ନୃତ୍ୟ ପରି ମଧ୍ୟମରୁ ତୀବ୍ର ଶାରୀରିକ କାର୍ଯ୍ୟକଳାପ କରୁଥିଲେ, ସେମାନଙ୍କର କରୋନାରି ହୃଦ୍‌ରୋଗ ବିପଦ ପ୍ରାୟ ୩୦% କମ୍ ଥିଲା। ତେବେ ସମାନ ହ୍ରାସ ଦେଖିବା ପାଇଁ ପୁରୁଷମାନଙ୍କୁ ସପ୍ତାହକୁ ପ୍ରାୟ ୯ ଘଣ୍ଟା ଶାରୀରିକ କାର୍ଯ୍ୟକଳାପ କରିବାକୁ ପଡ଼ିଥାଏ। ଅଧ୍ୟୟନର ଆକଳନ ଅନୁଯାୟୀ, କରୋନାରି ହୃଦ୍‌ରୋଗରେ ପୀଡ଼ିତ ଯେଉଁ ମହିଳାମାନେ ସପ୍ତାହରେ ପ୍ରାୟ ୧୫୦ ମିନିଟ୍ ବ୍ୟାୟାମ କରନ୍ତି ସେମାନଙ୍କର ମୃତ୍ୟୁ ଆଶଙ୍କା ୭୦% ହ୍ରାସ ପାଇଥାଏ। ଅପରପକ୍ଷେ, ସମାନ ଅବଧିର ବ୍ୟାୟାମ କରୁଥିବା ପୁରୁଷମାନଙ୍କ ମୃତ୍ୟୁର ଆଶଙ୍କା ମାତ୍ର ୨୦% ହ୍ରାସ ପାଇଥାଏ। ତେଣୁ ଲିଙ୍ଗ ଭିତ୍ତିରେ ବ୍ୟାୟାମର ଅବଧି ଭିନ୍ନ ଭିନ୍ନ ବୋଲି ଏହି ନୂଆ ଧାରଣାକୁ ଏହି ଗବେଷଣା ବଳ ଦେଉଛି।

# କିପରି କଟିବ ଆଜିର ଦିନ

୨୩ ନଭେମ୍ବର ୨୦୨୫

**ମେଷ:** ପାରିବାରିକ ସମସ୍ୟା ସମାଧାନରେ ପଡ଼ୋଶୀଙ୍କ ଅବଦାନକୁ ଅସ୍ୱୀକାର କରିପାରିବେନି। ରଚନାତ୍ମକ କାମରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବାରେ ବନ୍ଧୁଙ୍କ ସାହାଯ୍ୟ ନେଇପାରନ୍ତି ।

**ବୃଷ:** ପରିବାରରୁ ପୂର୍ଣ୍ଣ ସମର୍ଥନ ଲାଭକରି ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିବେ। ବନ୍ଧୁଙ୍କ ପରାମର୍ଶରେ ଦୂରଯାତ୍ରାରେ ସଫଳତା ପାଇପାରିବେ। ପଡ଼ୋଶୀଙ୍କ ସହିତ ବିବାଦୀୟ ଘଟଣାର ଅବସାନ ଘଟିବ।

**ମିଥୁନ:** ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ ସକାଶେ ସମର୍ଥନ ପାଇପାରନ୍ତି। ଅଂଶୀଦାର ବ୍ୟବସାୟୀଙ୍କ ସହିତ ବାଣିଜ୍ୟରେ ମାନମନାନ୍ତର ସୃଷ୍ଟି ହେବ। ଆତ୍ମୀୟମାନେ ଅସହଯୋଗ କଲେ ମଧ୍ୟ କାମ ଅଟକି ରହିବନି।

**କର୍କଟ:** ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବା ସହିତ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ଅଭାବ କାରଣରୁ ଅଶାନ୍ତି ଅନୁଭବ କରିବେ ।

**ସିଂହ:** ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ପ୍ରଭୃତି ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। ନିଜ ପରିସରର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ଗୃହିଣୀମାନେ ଖୁସି ରହିବେ।

**କନ୍ୟା:** ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ଆନୁଷ୍ଠାନିକ କାମ ସ୍ଥଗିତ ରହିଯିବ। ଭଲ ସମ୍ପର୍କ ରହିଥିବା ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ। ବାଣିଜ୍ୟ, ଗବେଷଣା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

**ତୁଳା:** ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପାରସ୍ପରିକ ଆଲୋଚନା କରିବା ଭଲ। ସଭାସମିତିରେ ଯୋଗଦେଇ ଲାଭବାନ୍ ହେବେ ଓ ପ୍ରତିଷ୍ଠା ପାଇବେ। ଗସ୍ତ କାର୍ଯ୍ୟକ୍ରମ ସମସ୍ୟା ହେତୁ ବାତିଲ ହୋଇପାରେ।

**ବିଛା:** ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାରସୂତ୍ରରେ ଅର୍ଥ ଆଣିବେ।

**ଧନୁ:** ଆବଶ୍ୟକତା ପୂରଣ କରିବା ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରି ସଫଳତା ହାସଲ କରିବେ। ଦେହ ଭଲ ରହିଲେ ମ-ଧ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ଅନୁଭବ କରିପାରନ୍ତି।

**ମକର:** ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମିତ୍ରଭଳି ଆଚରଣ କରିବେ। ପ୍ରତ୍ୟୁଷ ଯାତ୍ରା, ପ୍ରଶାସନଏବଂ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ:** ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାର ମଉକା ମିଳିବ। ବିବାଦୀୟ ପରିସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ:** କର୍ମକ୍ଷେତ୍ରରେ ଅପରାହ୍ନରେ ଟେନସନ୍ କମିଯିବ ଏବଂ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେବ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର ମିଳିପାରେ।

# ରାଜଯୋଗିନୀ ଡା. କମଳେଶ ଦିଦିଜୀଙ୍କ ଦିବ୍ୟ ପ୍ରସ୍ଥାନ

କଟକ, ୨୨।୧୧ (ନିପ୍ର): ଗଭୀର ଶୋକ ସହ ବ୍ରହ୍ମାକୁମାରୀ ପରିବାର, ଓଡିଶା ଆଜି ସୂଚନା ଦେଇଛି ଯେ ଆଦରଣୀୟ ଆଧ୍ୟାତ୍ମିକ ନେତୃତ୍ୱ, ରାଜଯୋଗିନୀ ଡା. କମଳେଶ ଦିଦିଜୀ ଆଜି ପୂର୍ବାହ୍ନ ୧୦:୪୦ରେ ଦେହତ୍ୟାଗ କରି ଦିବ୍ୟ ଲୋକକୁ ପ୍ରସ୍ଥାନ କରିଛନ୍ତି।

ଡା. କମଳେଶ ଦିଦିଜୀଙ୍କୁ ତାଙ୍କ ଅସାମାନ୍ୟ ଆଧ୍ୟାତ୍ମିକ ସେବା, ସାମାଜିକ ଉନ୍ନତି, ଶାନ୍ତି, ନାରୀ ସଶକ୍ତିକରଣ ଓ ମୂଲ୍ୟଭିତ୍ତିକ ଜୀବନ ପ୍ରଚାର ପାଇଁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ସରଳତା, ମାଧୁର୍ଯ୍ୟ ଓ ସମର୍ପିତ ସେବା ଓଡିଶାର ଲକ୍ଷୋଧିକ ଲୋକଙ୍କୁ ପ୍ରଭାବିତ କରିଛି। ତାଙ୍କ ଦୃଷ୍ଟିସମ୍ପନ୍ନ ନେତୃତ୍ୱ ତଳେ ବ୍ରହ୍ମାକୁମାରୀ ପରିବାର ଓଡିଶାରେ ବିସ୍ତାରିତ



ଓ ସୁଦୃଢ଼ ହୋଇଛି। ଅନେକ ଧ୍ୟାନ କେନ୍ଦ୍ର ସ୍ଥାପନ ଓ ସାମାଜିକ-ଆଧ୍ୟାତ୍ମିକ ଜାଗୃକତା ସୃଷ୍ଟିରେ ତାଙ୍କ ଅବଦାନ ଅତୁଳନୀୟ। ଡା. କମଳେଶ ଦିଦିଜୀଙ୍କ ପ୍ରମୁଖ ଅବଦାନଗୁଡିକ:

- ●ଓଡିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶକୁ ଶକ୍ତିଶାଳୀ କରିବା
- ●ନାରୀମାନଙ୍କୁ ଆତ୍ମବଳ, ନେତୃତ୍ୱ ଓ ସଶକ୍ତିକରଣ ଦେବା
- ●ଯୁବପିଢ଼ୀଙ୍କୁ ସଂସ୍କାର ଓ ମୂଲ୍ୟଭିତ୍ତିକ ଜୀବନରେ ପ୍ରେରିତ କରିବା
- ●ଶାନ୍ତି, ପରିବେଶ ସୁରକ୍ଷା ଓ ଆନ୍ତରିକ ଶକ୍ତିବର୍ଦ୍ଧନ ପାଇଁ ବ୍ୟାପକ ସଚେତନତା ପ୍ରସାର କରିବା

ତାଙ୍କ ପବିତ୍ର ଜୀବନ ଓ ନେତୃତ୍ୱ ଓଡିଶା ପାଇଁ ଅମର ସମ୍ପଦ ହୋଇ ରହିବ।

ଦିଦିଜୀଙ୍କର ଶେଷକାର୍ଯ୍ୟ ୨୪ ନଭେମ୍ବର ୨୦୨୫ ତାରିଖରେ ବିଶ୍ୱ ଶାନ୍ତି ସରୋବର, ନିଆଳ, କଟକ ଠାରେ ସମ୍ପନ୍ନ ହେବ।

# ହାଇଟେକ୍‌ରେ ଗ୍ରହଣ ଖଣ୍ଡିଆ ଅପରେସନ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୨।୧୧ (ନିପ୍ର): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥ ଦନ୍ତ ଚିକିତ୍ସା ମହାବିଦ୍ୟାଳୟରେ ଗ୍ରହଣ ଖଣ୍ଡିଆର ୫ମ ଚିକିତ୍ସା ମିଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହାକୁ ମୁଖ୍ୟ ଅତିଥି ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶ୍ରୁରେଶ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଓଡିଶା ଶିଶୁ ଅଧିକାର ଆୟୋଗର ସଭ୍ୟା ମନସ୍ମିତା ଖୁଣ୍ଟିଆ, ଓଡିଶା ମହିଳା କମିଶନର ସଭ୍ୟା ପ୍ରତିମା ଶତପଥୀ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଛନ୍ତି। ମିଶନ୍ ସ୍ମାଇଲ, ମୁଥୁଟ୍ ପାପାଚନ୍ ଗ୍ରୁପ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ଉଦ୍ୟମରେ ଓଡିଶାର ଶିଶୁ ଏବଂ ଯୁବକମାନଙ୍କୁ ନିଃଶୁଳ୍କ ଭାବେ ଗ୍ରହଣ ଖଣ୍ଡିଆର ଚିକିତ୍ସା ପ୍ରଦାନ କରାଯାଉଛି । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଏହି ସେବା ସର୍ବଦା ଜାରି ରହିବ ବୋଲି କହିଥିବାବେଳେ ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଶ୍ରୁରେଶ କୁମାର ପାଣିଗ୍ରାହୀ ସମାଜର ପ୍ରତିଟି ବର୍ଗର ଲୋକମାନଙ୍କୁ ଆମେ ସ୍ୱାସ୍ଥ୍ୟ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସଂକଳ୍ପବଦ୍ଧ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଥୁଟ୍ ପାପାଚନ୍ ଗ୍ରୁପର ମୁଖ୍ୟ ସିଏସ୍‌ଆର ଡ. ପ୍ରଶାନ୍ତ କୁମାର ନେଲ୍ଲିକାଲ୍, ମିଶନ୍ ସ୍ମାଇଲ, ଟ୍ରଷ୍ଟି ଡ. ରାମକୁମାର ଭେଙ୍କଟେଶ୍ୱରନ୍, ହାଇଟେକ୍ ଡେଣ୍ଟାଲ କଲେଜର ପ୍ରିନ୍ସିପାଲ ପ୍ରଫେସର ଡ. ସଂଗ୍ରାମ ପାତ୍ର, ଭାଇସ୍-ପ୍ରିନ୍ସିପାଲ ଡ. ସୁଭାଷ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଭିତୋଷ ଦେବତା ସର୍ଜିକାଲ ଟିମ୍ ଲିଡର ଡ. ମନିଷ ମୁକୁଳ ଘୋଷ ଉପସ୍ଥିତ ଥିଲେ । ଏହା ମଧ୍ୟରେ ୩୫୦୦ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରି ହାଇଟେକ୍ ଏକ ସ୍ୱତନ୍ତ୍ର ମାଇଲ ଖୁଣ୍ଟ ସୃଷ୍ଟି କରିଛି ବୋଲି ଉପସ୍ଥିତ ଅତିଥିମାନେ କହିଛନ୍ତି । ମିଶନ ସ୍ମାଇଲ୍‌ର ଓଡିଶା ମୁଖ୍ୟ ତୁଷିତ୍ କାର୍ଯ୍ୟକ୍ରମକୁ ସଂପାଦନ କରିଥିଲେ ।



# ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା




ନୟାଗଡ଼,୨୨।୧୧ (ନିପ୍ର): ନୟାଗଡ଼ ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସଭା ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ତାଙ୍କ ବକ୍ତବ୍ୟରେ, ବାର୍ଦ୍ଧକ୍ୟ ଅଭିଜ୍ଞତାର ଗନ୍ତାଘର ହୋଇଥିବା ବେଳେ ତାହା ଅଭିଶାପ ପାଲଟି ଯାଉଛି। ଭିତ୍ତିଭୂମୀ ବିକାଶ ହୋଇଛି, ବୌଦ୍ଧିକ ବିକାଶ ହୋଇପାରୁ ନାହିଁ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ତାଙ୍କ ବ୍ୟକ୍ତବ୍ୟରେ ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ ଓ ଲୋକ ସମ୍ପର୍କ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାରୀ କାର୍ଯ୍ୟକ୍ରମରେ ସଂଗଠନକୁ ଅଣଦେଖା କରୁଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଁ. ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବୈଠକରେ ସମ୍ପାଦକ ଲୋକନାଥ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ବିଶ୍ୱନାଥ ନାୟକଙ୍କ ବରିଷ୍ଠ ନାଗରିକ ମଞ୍ଚ ଗଠନ ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହିତ ବିଗତ ୨୦ ବର୍ଷ ମଧ୍ୟରେ ନୟାଗଡ଼ରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦେବା ସହ ଏହାର ଶ୍ରେୟ ନୟାଗଡ଼ ବିଧାୟକଙ୍କୁ ଦେଇଥିଲେ। ସମେତ ଶତାଧିକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଛାତ୍ରଛାତ୍ରୀଙ୍କ ବିପଦଶଙ୍କୁଳ ଯାତ୍ରା ନେଇ ଚିନ୍ତାରେ ଅଭିଭାବକ, ପ୍ରଶାସନ ନୀରବ

କଣ୍ଟିଲୋ, ୨୨।୧୧ (ନି.ପ୍ର): ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ଅବସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଦୈନିକ ଯାନବାହନ ଯୋଗେ ବିପଦଶଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟ ରାସ୍ତାଦେଇ ଖୋଲାମେଲାରେ ଯାତ୍ରିବାହୀ ଅଟୋ,ଟାଟା ମ୍ୟାଜିକ ଓ ଅନ୍ୟାନ୍ୟ ଗାଡି ଯୋଗେ ବର୍ଷ ବର୍ଷ ଧରି ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନଗୁଡିକୁ ଯାଉଥିବାରୁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣା/ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଇଛି।ଘରୋଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଗାଡି ମାଲିକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଛାତ୍ରଛାତ୍ରୀମାନେ ଏଭଳି ବିପଦଶଙ୍କୁଳ ଅବସ୍ଥାରେ ଯାତାୟତ କରୁଥିବା ଦେଖିବାକୁ ମିଳୁଛି।ଏ ସଂର୍ପକରେ ପୋଲିସ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପରିବହନ ବିଭାଗ କର୍ତ୍ତୃପକ୍ଷ ଭଲ ଭାବେ ଅବଗତ ଥିଲେ ହେଁ ସେଭଳି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ଏପରିକି ଦୈନିକ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରୁଥିବା ଗାଡିଗୁଡିକର ଫିଟନେସ ଓ ଆନୁସଙ୍ଗିକ କାଗଜପତ୍ର ଠିକଠାକ ନଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ପ୍ରଶାସନିକ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଅନେକ ପୁରୁଣା ଗାଡି ଏବେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନ ଗୁଡିକୁ ନେବା ଆଣିବାରେ ନିୟୋଜିତ ହୋଇଥିବା ଜଣାପଡିଛି।ଏଥିପ୍ରତି ନୟାଗଡ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଦୃଷ୍ଟି ଦେଇ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଗାଡିଗୁଡିକର କାଗଜପତ୍ର ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।ନୟାଗଡ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



# ଓଡିଏମ୍ ପବ୍ଲିକ୍ ସ୍କୁଲର 'ବାର୍ଷିକ କ୍ରୀଡା ଉତ୍ସବ' ଉଦ୍‌ଯାପିତ

ଭୁବନେଶ୍ୱର, ୨୨।୧୧ (ନିପ୍ର): ପଟିଆସ୍ଥିତ ଓ.ଡି.ଏମ୍. ପବ୍ଲିକ ସ୍କୁଲର ୩୫ ତମ 'ବାର୍ଷିକ କ୍ରୀଡା ଉତ୍ସବ' (ଗେମ୍‌ଅନ୍)-୨୦୨୫ ବିଦ୍ୟାଳୟ ପରିସରରେ ମହାସମାରୋହରେ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି ପ୍ରଥମ ଦିବସରେ ଖେଳ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସ ଉଦ୍‌ଯାପନୀ ଉତ୍ସବରେ ଓ.ଡି.ଏମ୍. ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଟାଟା ଏୟାର ଇଣ୍ଡିଆ ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ପ୍ରଶାସକ ବିଶିଷ୍ଟ କ୍ରୀଡାବିତ୍ ସ୍ୱାୟାଂଶୁ ସତ୍ୟପ୍ରଜ୍ଞ ଯୋଗ ଦେଇ କ୍ରୀଡା ପତାକା ଅବତରଣ କରି ଉତ୍ସବକୁ ଉଦ୍‌ଯାପିତ କରିଥିଲେ ଏହି ଉପଲକ୍ଷ୍ୟେ ଅତିଥି ବିଶିଷ୍ଟ କ୍ରୀଡାବିତ୍ ସ୍ୱାୟାଂଶୁ ସତ୍ୟପ୍ରଜ୍ଞ ତାଙ୍କ ଅଭିଭାଷଣରେ କ୍ରୀଡାପ୍ରେମୀମାନଙ୍କୁ ସତ୍ୟ ଓ ନଷ୍ଠି ।ର ସହିତ ଉତ୍ତମ ଖେଳ ପ୍ରଦର୍ଶନ କରିବା ପାଇଁ ଉଦ୍‌ବୋଧନ ଦେବା ସହ ଭବିଷ୍ୟତରେ କ୍ରୀଡାକୁ ଜୀବନଧାରଣର ମାଧମ ଭାବରେ ଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ ଏହି ଅବସରରେ ଅଧକ୍ଷ ଡ଼ ମୀନକେତନ ତାଙ୍କ ଅଭିଭାଷଣରେ ଶିକ୍ଷା, ବୌଦ୍ଧିକ ବିକାଶର ଚାବିକାଠି ହୋଇଥିଲା ବେଳେ, କ୍ରୀଡ଼ା ଶାରୀରକି ସୁସ୍ଥତାର ପରିଚୟ ବୋଲି ମତବ୍ୟକ୍ତ କରିବା ସହ ବିଦ୍ୟାର୍ଥୀର ସାମଗ୍ରିକ ବିକାଶ ନିମନ୍ତେ କ୍ରୀଡ଼ା ହିଁ ଏକମାତ୍ର ମାଧମ ବୋଲି କ୍ରୀଡ଼ା ପ୍ରେମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏପରିକି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ମାନଙ୍କୁ ଉତ୍ସାହତି କରିବା ସହ ଭବିଷ୍ୟତରେ ଉତ୍ତମ କ୍ରୀଡ଼ାବିତ୍ ହେବାର ଅଭିଳାଷ ପୋଷଣ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର (ଡଃ) ପି.କେ.ଦାସ, ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା-ନିର୍ଦ୍ଦେଶକ ଡ଼ ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ଼. ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ଼. ରାଜେଶ୍ କୁମାର ପାଢ଼ୀ ପ୍ରମୁଖ କୃତି ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ ଏହି ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ବିଭାଗର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ ଶେଷରେ ପ୍ରୀତି ହାଉସ୍ ଚିୟାନ୍ ହୋଇଥିଲା ବେଳେ ମୈତ୍ରୀ ହାଉସ୍ ରନର୍ସ-ଅପ୍ ଭାବରେ ଘୋଷଣା କରାଯାଇଥିଲା




# ହାଇଟେକ ମେଡିକାଲ କଲେଜରେ ଓଡିଶା ରାଜ୍ୟ ଫିଜିଓଥେରାପି ଲିଗ



ଭୁବନେଶ୍ୱର, ୨୨।୧୧ (ନିପ୍ର): ହାଇଟେକ ଟକ ମେଡିକାଲ କଲେଜ ପରିସରସ୍ଥ ଖେଳ ପଡିଆ ଠାରେ ଓଡିଶା ରାଜ୍ୟ ଫିଜିଓଥେରାପି ଲିଗର ଇଣ୍ଟର କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଛି। ଏହାକୁ ମୁଖ୍ୟ ଅତିଥି ବିଏମସି ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ହାଇଟେକ ଗ୍ରୁପର ସିଇଓ ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୁରେ ରେଶ କୁମାର ପାଣିଗ୍ରାହୀ ଉଦ୍‌ଘାଟନ କରିଥିବା ବେଳେ ଖେଳାଳି ମାନଙ୍କୁ ଉତ୍ସାହିତ କରିବାସହ ଶାରୀରିକ ସୁସ୍ଥତା ପାଇଁ ଆବଶ୍ୟକ ବୋଲି କହିଥିଲେ। ଏହି କ୍ରିକେଟ ଟୁର୍ନାମେଣ୍ଟରେ ଡ୍ରିମସ, ଇନ୍‌ଷ୍ଟିଚ୍ୟୁଟ ଅଫ ହେଲ୍ଥ ସାଇନସ, ପ୍ରତିଭା ଦେବୀ, କିମସ ଏବଂ ହାଇଟେକ ର ବିଦ୍ୟାର୍ଥୀ ମାନେ ଅଂଶ ଗ୍ରହଣ କରିଛନ୍ତି। ଏଥିରେ ହାଇଟେକ ଫିଜିଓଥେରାପି କଲେଜର ଡିନ ଆଣ୍ଡ ଡ଼ାଇରେକଟର ପ୍ରଫେସର ଡାକ୍ତର ଅମଲେନ୍ଦୁ ଚୌଧୁରୀ, ପ୍ରିନସିପାଲ ପ୍ରଫେସର ଡାକ୍ତର ଦୀପକ ସାମନ୍ତରାୟ ଯୋଗଦାନ କରିଥିଲେ ୧୬୧ ଓଡିଶା ରାଜ୍ୟ ଫିଜିଓଥେରାପି କନଫରେନ୍ସର ଅର୍ଗାନାଇଜୀଙ୍ଗ ସେକ୍ରେଟେରୀ ଡାକ୍ତର ସୌମେନ୍ଦ୍ର ପଣ୍ଡା ଖେଳାଳୀମାନଙ୍କୁ ଉତ୍ସାହିତ କରିଛନ୍ତି ।

# ରମାକାନ୍ତଙ୍କ ସ୍କୁଟି ଦୁର୍ଘଟଣାରେ ମୃତ୍ୟୁ

କଣ୍ଟିଲୋ,୨୨।୧୧(ନି.ପ୍ର): କଣ୍ଟିଲୋ ଗ୍ରାମ ପଞ୍ଚାୟତର ଖୁଦ ବେହେରା ପାଟଣା ସାହିର ରମାକାନ୍ତ ସାହୁ (୫୯)ଙ୍କ ଖୋର୍ଦ୍ଧା, ସାରୁଅ -ବେଗୁନିଆ ରାସ୍ତାରେ ଏକ ସ୍କୁଟି ଦୁର୍ଘଟଣାରେ ଗତ ଗୁରୁବାର ଦିନ ପ୍ରାଣହାନି ଘଟିଥିବା ଜଣାପଡିଛି।ସେ ଖୋର୍ଦ୍ଧା ଜିଲ୍ଲା ଯାଆଁଳା ଠାରେ ଥିବା ଇଂଡଷ୍ଟ୍ରିଆଲ ଇଷ୍ଟେଟ କମ୍ପାନୀରେ ଆକାଉଣ୍ଟାଟ ଭାବେ ଦୀର୍ଘ ବର୍ଷ ଧରି କାମ କରୁଥିଲେ। ମାତ୍ର ରମାକାନ୍ତ ବେଗୁନିଆରେ ପରିବାର ସହ ରହୁଥିଲେ। ପ୍ରତିଦିନ ଭଳି ଡ୍ୟୁଟି ସରିବା ପରେ ନିଜ ସ୍କୁଟି ଯୋଗେ ଘରକୁ ଫେରୁଥିବା ସମୟ ରେ ସନ୍ଧ୍ୟାପ୍ରାୟ ୬ଟା ସମୟ ରେ ସ୍କୁଟି ଦୁର୍ଘଟଣା ର ଶିକାର ହୋଇଥିଲେ। ରକ୍ତ ଜୁଡୁ ବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ସ୍ବର୍ଗତ ସାହୁଙ୍କୁ ସ୍ଥାନୀୟ ବ୍ୟକ୍ତି ଙ୍କ ସାହାଯ୍ୟ ରେ ସଙ୍ଗେ ସଙ୍ଗେ କଟକ ଏସ ସି ବି ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିଲା।ସେଠାରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ସୂଚନା ମିଳିଛି। ସେଜଣେ ସରଳ, ଅମାୟିକ ବ୍ୟକ୍ତି ଭାବେ ବେଶ୍ ଜଣାଶୁଣା। ରମାକାନ୍ତଙ୍କ ଅକାଳ ବିୟୋଗ ଖବର ପ୍ରଚାର ହେବାପରେ ଗ୍ରାମ ରେ ତଥା ସାହିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରମାକାନ୍ତଙ୍କ ଶେଷକୃତ୍ୟ ମହାନଦୀ ନିକଟସ୍ଥ ସ୍ମଶାନ ଘାଟରେ ସମ୍ପନ୍ନ ହୋଇଥିବାବେଳେ ତାଙ୍କ ଜ୍ୟେଷ୍ଠ କନ୍ୟା ମୁଖାଗ୍ନି ଦେଇଥିଲେ।


# ଓଡିଶାର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଉଛନ୍ତି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର କର୍ମଚାରୀ

ଭୁବନେଶ୍ୱର, ୨୨।୧୧ (ନିପ୍ର): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ନିଜ କାର୍ଯକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଓଡିଶାର ଯୁବ ଚିନ୍ତାଧାରାକୁ ପ୍ରେରିତ କରିବା ପାଇଁଏକ କର୍ମଚାରୀ ସ୍ୱେଚ୍ଛାସେବୀ କାର୍ଯକ୍ରମ ମାଧ୍ୟମରେ ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି। ଏହି ପଦକ୍ଷେପ ଶିକ୍ଷଣୀୟ, ସୃଜନଶୀଳତ ଏବଂ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ଓ କାର୍ଯ୍ୟକଳାପ ମ୍ାଧମରେ କର୍ମଚାରୀ ଏବଂ ୨୦୦ରୁ ଅଧିକ ପିଲାଙ୍କୁଏକତ୍ରିତ କରିଥିଲା । ପାରାଦ୍ୱୀପ ର ନିମିଡିହିସ୍ଥିତ ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ୫୪ ଜଣ ଛାତ୍ରଛାତ୍ରୀ ଓ ସେଠାକାର କର୍ମଚାରୀ ଏବଂ ଏଏମ୍/ଏନ୍‌ଏସ୍ ଇଣ୍ଡିଆ କର୍ମଚାରୀ ମ୍ିଳିତ ଭାବେ କେକ୍ କାଟିବା ସହିତ କାର୍ଯ୍ୟକ୍ରମ୍ ଆରମ୍ଭ ନହାଇଥିଲା । ଏହାପରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ କର୍ମଚାରୀ ଏବଂ ପିଲାମ୍ାନେ ସୃଜନଶୀଳତା ଏବଂ ଦଳଗତ ମନୋଭାବର ନିର୍ଦ୍ଦଶନ ସ୍ୱରୂପ ନୋଟବୁକ୍ ପ୍ରସ୍ତୁତି କରିଥିନଲ। ଶେ୍ଷରେ ଶିକ୍ଷାଶ୍ରମ ପିଲାମ୍ାନଙ୍କ ଦ୍ୱାରା ଏକ ପ୍ରଭାବୀ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶୀତ ହାଇଥିଲା । ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ମୁଖ୍ୟ ସିଏଚ ହରି ପ୍ରସାଦ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଫାଇନାନ୍ସ ଏବଂ ଆକାଉଣ୍ଟସ୍ ବିଭାଗ ମୁଖ୍ୟ ସଞ୍ଜୀବେ ସିଂ, ଏଏମ୍/ଏନ୍‌ଏସ୍ ପୋର୍ଟସର ଫାଇନାନ୍ସ ବିଭାଗ ମୁଖ୍ୟ ପ୍ରଶାନ୍ତ ବେହେରା ଏବଂ ଶ୍ରୀ ଲୋକନାଥ ଶିକ୍ଷାଶ୍ରମର ସଚିବ ପ୍ରଦୀପ୍ତ କୁମ୍ାର ଭୂୟାଁ ଉପସ୍ଥିତ ଥିଲେ । ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର କର୍ମଚାରୀମ୍ାନେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁଏକ ବିଜ୍ଞାନ ମଡେଲ ପ୍ରସ୍ତୁତି କାଯ୍ୟକ୍ରମ ଆୟୋଜନ କରଥିଲେ । ସେମାନେ ଚୁମ୍ବକୀୟ ଲେଭିଟେସେନ, ୱିଣ୍ଡମିଲ୍, ନ୍ୟୁଟନ୍ସ କଲର ଡିସ୍କ, ଇଲେକ୍ଟ୍ରୋମ୍ୟାଗନେଟ୍ ଓ କଣ୍ଡକ୍ଟର ଏବଂ ଇନସୁଲେଟର ଉପରେ ୮୨ ଟି ବ୍ୟବହାରିକ ଷ୍ଟମ୍ ମଡେଲ୍ ପ୍ରସ୍ତୁତ କରିଥିଲେ । ଛାତ୍ରଛାତ୍ରୀମାନ୍ଙ୍କୁ ବିଜ୍ଞାନକୁ ବ୍ୟବହାରିକ ଉପାୟରେ ବୁଝିବାରେ ସହାୟତା କରିବା,ଗୁରୁତ୍ୱପୂର୍ଣ୍ଣ ଏବଂ ସମସ୍ୟା ସମାଧାନ ସମ୍ପର୍କିତ ଚିନ୍ତାଧାରାକୁ ବିକଶିତ କରିବା ପାଇଁ ଏହି ମଡେଲ ଗୁଡିକ ନିକଟସ୍ଥ ବିଦ୍ୟାଳୟରେ ବଣ୍ଟନ କରାଯାଇଥିଲା । ଠାକୁରାଣୀ ଖଣିର ଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ଶ୍ାହା ଏହି କାର୍ଯକ୍ରମରେ ଯୋଗ ଦେଇ ଗଭୀର ଜ୍ଞାନ ଆହରଣ ପାଇଁ ବିଜ୍ଞାନ ପ୍ରକଳ୍ପର ପ୍ରସ୍ତୁତିରେ ଅଂଶଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହା ବ୍ୟତିତ କମ୍ପାନୀର ପାରାଦ୍ୱୀପ ଏବଂ ବଡ଼ବିଲ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀ ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କମ୍ପାନୀର ମାନବ ସମ୍ବଳ ବିଭାଗ ଦ୍ୱାରା ଚିତ୍ରାଙ୍କନ, ନୃତ୍ୟ ଏବଂ ସଂଗୀତ ପ୍ରତିଯୋଗିତା ସହିତ ଆକର୍ଷଣୀୟ ଖେଳ ଆୟୋଜନ କରାଯାଇଥିଲା। ପିଲାମାନଙ୍କୁ ଶୃଜନଶୀଳ, ଶୀକ୍ଷାଗତ ଓ ସାଂସ୍କୃତିକ କାର୍ଯକଳାପରେ ନିୟୋଜିତ କରି କମ୍ପାନୀ କେବଳ ଯୁବ ଚିନ୍ତାଧାରାର ବିକାଶ କରିନାହିଁ ବରଂ ସ୍ଥାନୀୟ ଗୋଷ୍ଠୀ ସହିତ ଏହାର ସଂପର୍କକୁ ମଧ ଅଧିକ ସୁଦୃଢ଼ କରୁଛି। ଏହିପରି କାର୍ଯକ୍ରମ ଅନ୍ତର୍ଭୁକ୍ତକାରୀ ବିକାଶକୁ ଉତ୍ସାହିତ କରିବା ଏବଂ ଏହାର କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ଏକ ସକରାତ୍ମକ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।







**ଅନୁଚିହ୍ନ** ପୁରାଣ ଓ ପ୍ରାଚୀନ ଭାରତୀୟ କଥା
ସାହିତ୍ୟ ଆମ ପୂର୍ବଜଙ୍କ ଜୀବନ-ଦୃଷ୍ଟି, ନୈତିକ ମୂଲ୍ୟ ଓ ସାଂସ୍କୃତିକ ଚେତନାର ଦର୍ପଣ।

## ସମ୍ପାଦକୀୟ

# ଛୋଟ ଦେଶ, ବଡ଼ ସଫଳତା

**ବି**ଶ୍ୱର ସବୁଠାରୁ ଛୋଟ ଦେଶ କୁରାକାଓ ଏକ ବହୁତ ବଡ଼ ସଫଳତା ହାସଲ କରି ଚମକାଇ ଦେଇଛି । ଏହାର ଜନସଂଖ୍ୟା ମାତ୍ର ଦେଢ଼ ଲକ୍ଷରୁ ଅଧିକ, ୧.୫୬ ଲକ୍ଷ । ଏହି କାରିବିଏନ ଦ୍ୱୀପରାଷ୍ଟ୍ର ୨୦୨୬ ଫୁଟବଲ ବିଶ୍ୱ କପ୍ ପାଇଁ ଯୋଗ୍ୟତା ହାସଲ କରିଛି । ବିଶ୍ୱ କପ୍‌ରେ ଭାଗ ନେବେ ବିଶ୍ୱର ଯୋଗ୍ୟ ବିବେଚିତ ୪୮ ଫୁଟବଲ ଟିମ୍ । ଆମେରିକା, ମେକ୍ସିକୋ ଓ କାନାଡ଼ା ମିଳିତ ଭାବେ ୨୦୨୬ ବିଶ୍ୱ କପ୍‌ର ଆୟୋଜକ । କୁରାକାଓ ତା'ର ଚାରି ଟିମ୍ ବିଶିଷ୍ଟ ଗ୍ରୁପରେ ଜାମାଇକା ସହ ୦-୦ରେ ଡ୍ର କରି ଶୀର୍ଷ ସ୍ଥାନରେ ରହି ଯୋଗ୍ୟ ବିବେଚିତ ହୋଇଛି । ଏହି ଗ୍ରୁପରେ ରହିଥିବା ଅନ୍ୟ ଦୁଇଟି ଟିମ୍ ତ୍ରିନିଦାଦ ଓ ଟବାଗୋ ଏବଂ ବରମୁଡ଼ା । କୁରାକାଓ ରହିଥିଲା ନେଦରଲ୍ୟାଣ୍ଡ୍ସ କିଙ୍ଗଡ଼ମ୍‌ରେ । ୧୫ ବର୍ଷ ପୂର୍ବେ ଅଟୋନୋମୀ ହାସଲ କରିବା ପୂର୍ବରୁ ଏହା ନେଦରଲ୍ୟାଣ୍ଡ୍ସ ଆଣ୍ଟିଲେସ୍ ଭାବେ ପରିଚିତ ଥିଲା । କୁରାକାଓ ଏକ ଫୁଟବଲ ପ୍ରିୟ ଦେଶ । କୁରାକାଓ ଟିମ୍‌ରେ ସ୍ଥାନ ପାଇଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଡିଫେଣ୍ଡର ଜୋଶୁଆ ବ୍ରେନେଟ। ସେ ପୂର୍ବରୁ ନେଦରଲ୍ୟାଣ୍ଡ୍ସ ପାଇଁ ଏକ ବିଶ୍ୱ କପ୍ କ୍ୱାଲିଫାଏର୍‌ରେ ଖେଳିଥିଲେ । ଆଉ ଜଣେ ଖେଳାଳି ତାହିଥ ଚୋଙ୍ଗ ମାଞ୍ଚେଷ୍ଟର ୟୁନାଇଟେଡ଼ର ଯୁବ ଖେଳାଳି । ଆଉ କେତେଜଣ ଇଂଲଣ୍ଡର ଥାର୍ଡ଼-ଟାୟାର ଲିଗ୍ ରୋଦରହାମ, ତୁର୍କୀର ସେକେଣ୍ଡ ଡିଭିଜନ ଲିଗ୍ ଓ ସାଉଦି ଆରବ ଲିଗ୍‌ର ଖେଳାଳି । ବିଶ୍ୱ କପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କୁରାକାଓ ଟିମ୍‌ର କୋଚ୍ ଜଣେ ଡଚ୍, ଡିକ୍ ଆଡ଼ଭୋକାଟ । ତାଙ୍କର ବୟସ ୭୮ ବର୍ଷ । ଏହା ତାଙ୍କର ତୃତୀୟ ବିଶ୍ୱ କପ୍ ଟିମ୍ । ୧୯୯୪ ବିଶ୍ୱ କପ୍‌ରେ ସେ ନେଦରଲ୍ୟାଣ୍ଡ୍ସର ଏବଂ ୧୯୦୬ ବିଶ୍ୱ କପ୍‌ରେ ଦକ୍ଷିଣ କୋରିଆର କୋଚ୍ ଥିଲେ। ୨୦୨୬ ବିଶ୍ୱ କପ୍ ପାଇଁ କ୍ୱାଲିଫାଏ କରିବାକୁ ଜାମାଇକା ବିପକ୍ଷରେ କୁରାକାଓର ହୋଇଥିବା ମ୍ୟାଚର କିନ୍ତୁ ପଡ଼ିଆରେ ଉପସ୍ଥିତ ନଥିଲେ ଡିକ୍, ପାରିବାରିକ କାରଣରୁ ନେଦରଲ୍ୟାଣ୍ଡ୍ସ ଯାଇଥିଲେ । ତାଙ୍କ ଅନୁପସ୍ଥିତିରେ ବି କୁରାକାଓ ଟିମ୍ ଚମତ୍କାର ପ୍ରଦର୍ଶନ କରି ମ୍ୟାଚ ଡ୍ର ରଖିଥିଲା ଏବଂ ବିଶ୍ୱ କପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ପ୍ରଥମଥର ପାଇଁ ବିଶ୍ୱ କପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିବାରୁ କୁରାକାଓରେ ଏବେ ଆନନ୍ଦ ଆଉ ଆନନ୍ଦ। ଦେଶବାସୀ ଖୁସିରେ ରାଜରାସ୍ତାକୁ ଓହ୍ଲାଇ ଆସି ନୃତ୍ୟ କରିଛନ୍ତି । କୁରାକାଓର ଆଞ୍ଚଳିକ ପଡ଼ୋଶୀ ପାନାମା ଓ ହାଇତି ମଧ୍ୟ ଯୋଗ୍ୟ ବିବେଚିତ ହୋଇଛନ୍ତି ୨୦୨୬ ବିଶ୍ୱ କପ୍ ଖେଳିବାକୁ । ପାନାମା ଶେଷଥର ପାଇଁ ବିଶ୍ୱ କପ୍ ଖେଳିଥିଲା ୧୯୧୮ରେ ଏବଂ ଏହା ହେବ ତା'ର ଦ୍ୱିତୀୟ ବିଶ୍ୱ କପ୍ । ପାନାମା ଏଲ୍ ସାଲଭାଡୋରକୁ ୩-୦ରେ ପରାସ୍ତ କରି ଯୋଗ୍ୟ ବିବେଚିତ ହୋଇଛି । ହାଇତି ନିକାରାଗୁଆକୁ ୨-୦ରେ ହରାଇ ୨୦୨୬ ବିଶ୍ୱ କପ୍‌ରେ ଖେଳିବାକୁ ଯାଉଛି । ଶେଷଥର ପାଇଁ ୧୯୭୪ରେ ହାଇତି ବିଶ୍ୱ କପ୍‌ରେ ଖେଳିଥିଲା।

> **ମାତ୍ର ଦେଢ଼ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କାରିବିଏନ ଦ୍ୱୀପ ରାଷ୍ଟ୍ର କୁରାକାଓ ୨୦୨୬ ଫୁଟବଲ ବିଶ୍ୱ କପ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇ ଚମକାଇ ଦେଇଛି । କୁରାକାଓ ବିଶ୍ୱର ସବୁଠାରୁ କ୍ଷୁଦ୍ର ଦେଶ ।**



୨୦୨୬ ବିଶ୍ୱ କପ୍ ପାଇଁ ଆଉ ଏକ ଛୋଟ ଦେଶ କେପ୍ ବର୍ଡେ ଯୋଗ୍ୟ ବିବେଚିତ ହୋଇଛି । ଏହି ଦେଶର ଜନସଂଖ୍ୟା ୫.୨୫ ଲକ୍ଷ । ଫିଫା ର୍ୟାଙ୍କିଙ୍ଗରେ ଏହି ଦେଶ ୭୦ତମ ସ୍ଥାନରେ ରହିଛି । ଅତୀତରେ ଆଉ କେତୋଟି ଛୋଟ ଦେଶ ମଧ୍ୟ ଫୁଟବଲ ବିଶ୍ୱ କପ୍‌ରେ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ । ୧୯୩୦ରେ ପାରାଗୁଏ ଦକ୍ଷିଣ ଆମେରିକାର ପ୍ରଥମ ଦେଶ ଭାବେ ଖେଳିଥିଲା ବିଶ୍ୱ କପ୍ । ଏହି ଦେଶର ଜନସଂଖ୍ୟା ପ୍ରାୟ ୧୦ ଲକ୍ଷ । ୧୯୫୮ରେ ନର୍ଦ୍ଦନ ଆୟର୍ଲ୍ୟାଣ୍ଡ ଫୁଟବଲ ବିଶ୍ୱ କପ୍‌ରେ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା । ନର୍ଦ୍ଦନ ଆୟର୍ଲ୍ୟାଣ୍ଡ ୧୯୫୮ ପରେ ୧୯୮୨ ଓ ୧୯୮୬ ବିଶ୍ୱ କପ୍ ମଧ୍ୟ ଖେଳିଛି । ଏହାର ଜନସଂଖ୍ୟା ୧୪ ଲକ୍ଷ । ୨୦୦୬ରେ ତ୍ରିନିଦାଦ ଓ ଟବାଗୋ ବିଶ୍ୱ କପ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା । ଏହାର ଜନସଂଖ୍ୟା ୧୩ ଲକ୍ଷ । ୨୦୧୮ରେ ଆଇସଲ୍ୟାଣ୍ଡ ଖେଳିଥିଲା ବିଶ୍ୱ କପ୍ । ଏହାର ଜନସଂଖ୍ୟା ୩.୫ ଲକ୍ଷ । ୨୦୨୬ ବିଶ୍ୱ କପ୍‌ରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ସ୍କଟଲ୍ୟାଣ୍ଡ । ଏଥିପାଇଁ ତା'ର ଦୀର୍ଘ ୨୮ ବର୍ଷର ଅପେକ୍ଷା ଶେଷ ହୋଇଛି । ଡେନମାର୍କକୁ ୪-୨ରେ ପରାସ୍ତ କରି ସ୍କଟଲ୍ୟାଣ୍ଡ ୨୦୨୬ ବିଶ୍ୱ କପ୍‌ର ୪୮ ଟିମ୍ ମଧ୍ୟରେ ସ୍ଥାନ ପାଇଛି ।

## ସାମ୍ପ୍ରତିକୀ

# ଚାଷୀଙ୍କୁ ମିଳିବ ଫସଲ ନଷ୍ଟ କ୍ଷତିପୂରଣ

**କୃ**ଷକ ପାଇଁ ଏକ ବଡ଼ ସହାୟତା ଘୋଷଣା କରିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନକହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ଫସଲ କ୍ଷତିର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବର୍ଗକୁ ଅନ୍ତର୍ଭୁକ୍ତ କରାଯାଇଛି । ଏଥିପାଇଁ ଚାଷୀମାନେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ଏବେ ଯେମିତି ବି ଫସଲ ନଷ୍ଟ ହେଉ, ସରକାର କ୍ଷତିପୂରଣ ଦେବେ । ସେ କହିଛନ୍ତି, ଏପର୍ଯ୍ୟନ୍ତ ଫସଲ ବୀମା ଯୋଜନାରେ ପ୍ରାକୃତିକ ବିପର୍ଯ୍ୟୟ, ମରୁଡ଼ି, କୁଆପଥର ବର୍ଷା, ଝଡ଼, କୀଟପତଙ୍ଗ ଏବଂ ରୋଗ ଯୋଗୁ ହେଉଥିବା କ୍ଷତିକୁ ଅନ୍ତର୍ଭୁକ୍ତ କରାଯାଉଥିଲା । କିନ୍ତୁ ଦୁଇଟି ପ୍ରମୁଖ ପ୍ରକାରର କ୍ଷତିକୁ ବାଦ ଦିଆଯାଇଥିଲା- ବନ୍ୟପ୍ରାଣୀଙ୍କ ଦ୍ୱାରା ହେଉଥିବା ଫସଲ କ୍ଷତି ଏବଂ ଅତ୍ୟଧିକ ବର୍ଷା ଯୋଗୁ ବନ୍ୟା କିମ୍ବା ଖେତରେ ଦୀର୍ଘ ସମୟ ଧରି ଜଳବନ୍ଦୀ ହେବା ଯୋଗୁ ହୋଇଥିବା କ୍ଷତି। ପ୍ରଧାନମନ୍ତ୍ରୀ ଚାଷୀଙ୍କ ଦାବିକୁ ଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନ ଏହି ଉଭୟ ପ୍ରକାରର କ୍ଷତିକୁ ପିଏମ୍‌ଏଫ୍‌ବିୱାଇ ପରିସରକୁ ଆଣିଛନ୍ତି। ଏହା ଲକ୍ଷ ଲକ୍ଷ ଚାଷୀଙ୍କୁ ସିଧାସଳଖ ଲାଭ ଦେବ । ଯେଉଁ ଅଞ୍ଚଳରେ ବନ୍ୟ ପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ହୋଉଛି କିମ୍ବା ଯେଉଁଠାରେ ମୌସୁମୀ ସମୟରେ ପାଣି ଜମି ରହି ଫସଲ ନଷ୍ଟ କରୁଛି ସେହି ଅଞ୍ଚଳରେ ଚାଷୀମାନେ ଉପକୃତ ହେବେ । ଯଦି କୌଣସି ଚାଷୀଙ୍କ ଫସଲ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେଲେ ସେମାନେ ଏବେ ବୀମା ରାଶି ପାଇବେ। ଜଳବନ୍ଦୀ ଯୋଗୁ ଫସଲ ନଷ୍ଟ ହେଉଥିବା କ୍ଷେତ୍ରରେ ଚାଷୀଙ୍କୁ ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରାଯିବ। ଏହାକୁ ଚାଷୀଙ୍କ ସ୍ୱାର୍ଥ ପାଇଁ ଏକ ଐତିହାସିକ ନିଷ୍ପତ୍ତି ବୋଲି ଉଲ୍ଲେକ କରି କେନ୍ଦ୍ର କୃଷି ମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।



# ଏ ମାଟି ଆଜି ବି ଝୁରୁଛି ନବକୃଷ୍ଣଙ୍କୁ

ହିମାଂଶୁ ଶେଖର ଆଚାର୍ଯ୍ୟ

**କା**ଳଜୟୀ ସତ୍ତାର ଅଧିକାରୀ ଥିଲେ ନବକୃଷ୍ଣ ଚୌଧୁରୀ । ଗାନ୍ଧିବାଦୀ ଚିନ୍ତା ଓ ଚେତନାର ସେ ଥିଲେ ପ୍ରକୃତ ପୂଜାରୀ। ତାଙ୍କ ପରି ଜନନାୟକ ବିରଳ। ସେଥିପାଇଁ ତ ଏକ ଆଭିଜାତ୍ୟ ଓ ଜମିଦାର ପରିବାରରେ ଜନ୍ମ ହେଲେ ବି ଖଦଡର ନିରାଡମ୍ବର ପରିଚ୍ଛଦ ଓ ଉତ୍ସର୍ଗୀକୃତ ମନୋଭାବ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଭୂଷଣ । କୌଣସି ପରିସ୍ଥିତିରେ ସେ ନିଜ ନୀତି ଓ ଆଦର୍ଶରୁ ବିଚ୍ୟୁତ ହୋଇନଥିଲେ, ଏହା ହିଁ ଥିଲା ତାଙ୍କର ବିଶେଷତ୍ୱ ।

ନବକୃଷ୍ଣ ଚୌଧୁରୀ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ସାମ୍ୟବାଦୀ ଚିନ୍ତା ଓ ଚେତନାର ପୂଜାରୀ, କୃଷକ, ଖଟିଖିଆ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡମ୍ବର ଓ ନିରହଙ୍କାରୀ ମଣିଷ ଏବଂ ସର୍ବୋପରି ଜଣେ ନୀତିନିଷ୍ଠ ଜନନାୟକ । ବାଲ୍ୟକାଳରୁ ଜାତିର ପିତା ମହାତ୍ମା ଗାନ୍ଧି ଓ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଚିନ୍ତା ଓ ଚେତନା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଯେଉଁଠି ସ୍ୱାଧୀନତାର ସ୍ୱପ୍ନ ସେଇ ଘର ଭିତରେ ଜମାଟ ବାନ୍ଧି ରହିଥିଲା । ଘରସାରା ପ୍ରବାହିତ ହେଉଥିଲା ସଂଗ୍ରାମର ଏକ ଆବହାଓ୍ୱା ।ଏହି ପରିବାରର ଧୂଳିମାଟିର ସନ୍ତ ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ମହୀୟସୀ ନାରୀ ନେତ୍ରୀ ମାଳତୀ ଚୌଧୁରୀଓ ଅଗ୍ନିକନ୍ୟା ଅନପୂର୍ଣ୍ଣା ମହାରଣାଙ୍କୁ ଅବା ନଜାଣେ କିଏ! ଏଭଳି ଉତ୍ସର୍ଗୀକୃତ ପରିବାର ଭାରତ ଇତିହାସରେ ବିରଳ। ଏମାନଙ୍କ ପ୍ରେରଣା ହିଁ ତାଙ୍କୁ ଜଣେ ବିପ୍ଳବୀ ଓ ଜନନାୟକ ଭାବେ ଗଢିବା ନିମନ୍ତେ ଅନୁକୂଳ ପରିବେଶ ଯୋଗାଇଥିଲା।

ପ୍ରାଥମିକ ଶିକ୍ଷା ପରେ ନବକୃଷ୍ଣ ଚୌଧୁରୀଙ୍କ ହାଇସ୍କୁଲ ଶିକ୍ଷା ସମାପ୍ତ ହୋଇଥିଲା କଟକର ପ୍ୟାରିମୋହନ ଏକାଡେମୀରୁ । ଉଚ୍ଚ ଶିକ୍ଷା ପାଇଁ ସେ ୧୯୧୮ରେ ରେଭେନ୍ସା କଲେଜରେ ନାମ ଲେଖାଇଲେ। ୧୯୨୧ ମସିହାର କଥା । ସେତେବେଳେ ମହାତ୍ମା ଗାନ୍ଧିଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଦେଶରେ । ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ କଲେଜ ଛାତ୍ର ପାଠପଢା ଛାଡି ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ ସେମାନଙ୍କ ଭିତରୁ ଜଣେ ଥିଲେ ନବକୃଷ୍ଣ ଚୌଧୁରୀ । ତାଙ୍କ ଆଗରେ ଥିଲା ସୁନେଲି ଭବିଷ୍ୟତ । ସେ ଚାହିଁଥିଲେ ଉଚ୍ଚ ଶିକ୍ଷା ଲାଭ କରି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇପାରିଥାନ୍ତେ । ମାତ୍ର ସେସବୁକୁ ପଛରେ ପକାଇ ପାଠରେ ଡୋରି ବାନ୍ଧି ସେ ଝାସ ଦେଲେ ଅସହଯୋଗ ଆନ୍ଦୋଳନରେ । ଆଉ ତା' ପରଠାରୁ ସେ ହୋଇଗଲେ ସଚ୍ଚା ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ । ସେହି ସମୟରେ ମହାତ୍ମା ଗାନ୍ଧିଙ୍କ ଦ୍ୱାରା ପ୍ରତିଷ୍ଠିତ ସାବରମତୀ ଆଶ୍ରମ ସାରା ଦେଶରେ ରଚନାତ୍ମକ କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ତାଲିମ କେନ୍ଦ୍ର ଥିଲା । ୧୯୨୩ ମସିହାରେ ନବକୃଷ୍ଣ ସାବରମତୀ ଯାତ୍ରା କଲେ ଓ ସେଠାରେ କିଛିଦିନ ରହିଲେ । ଏହି ଆଶ୍ରମର ରହଣି ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା ।

ସାବରମତୀ ଆଶ୍ରମରୁ ଫେରି ନବକୃଷ୍ଣ ଚୌଧୁରୀ ତାରକାନାଥ ଦାସଙ୍କ ଭାଷଣ ଶୁଣିବା ପାଇଁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ଜାତୀୟ ଅନୁଷ୍ଠାନକୁ ଯାଇଥିଲେ । ମଣିକାଞ୍ଚନ ସଂଯୋଗ ଭଳି ସେହି ସମୟରେ ମାଳତୀ ସେନ୍‌ଙ୍କ ସହ ସାକ୍ଷାତ ହୋଇଥିଲା। ତାଙ୍କ ସହିତ ନବକୃଷ୍ଣଙ୍କ ସମ୍ପର୍କ କ୍ରମଶଃ ଘନିଷ୍ଠ ହେଲା । ପରେ ୧୯୨୭ ଜୁଲାଇ ୨୭ ତାରିଖରେ ବଙ୍ଗୀୟ କନ୍ୟା ମାଳତୀ ସେନ୍ ନବକୃଷ୍ଣଙ୍କ ଧର୍ମପତ୍ନୀ ହୋଇ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀରେ ରୂପାନ୍ତରିତ ହୋଇ ବିପ୍ଳବିଣୀ ମହିଳା ହୋଇପାରିଥିଲେ । ବିବାହର କିଛିଦିନ ପରେ ନବକୃଷ୍ଣ ମାଳତୀଙ୍କୁ ଧରି ଜଗତସିଂହପୁରଠାରୁ ପ୍ରାୟ ୮ କି.ମି ଦୂର ତରିକୁନ୍ଦରେ ଥିବା ତାଙ୍କ କୃଷି ଫାର୍ମରେ ଯାଇ ରହିଲେ । ସେଠାରେ ଚାଷ କାମରେ ଲାଗିପଡିଲେ ଓ ଜଣେ ଚାଷୀର ପୁଅ-ବୋହୂ ଭଳି ସେମାନେ ଜୀବନ ଅତିବାହିତ କରିବାକୁ ଲାଗିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ତାହା ରୂପାନ୍ତିରିତ ହୋଇଥିଲା 'ତରି ଆଶ୍ରମ' ରୂପେ । ସେଇ ଆଶ୍ରମରୁ ସେ ସାମିଲ ହୋଇଥିଲେ ଲବଣ ସତ୍ୟାଗ୍ରହରେ । ବାଲେଶ୍ୱରର ଇଞ୍ଚୁଡିରେ ଲବଣ ମାରି ବନ୍ଦୀ ହେଲେ ନବକୃଷ୍ଣ । ଜେଲରୁ ଫେରି ତରି



ଆଶ୍ରମରେ ଏକଜୁଟ କଲେ ଖଟିଖିଆ, ମେହନତି ମଣିଷ ଓ ଚାଷୀମାନଙ୍କୁ । ସେମାନଙ୍କୁ ସଚେତନ କରିବା ପାଇଁ ପତ୍ନୀଙ୍କ ଗହଣା ବିକି ୧୯୩୩ରେ 'ସାରଥୀ' ନାମକ ଏକ ମୁଖପତ୍ର ପ୍ରକାଶ କଲେ । ଏହି ପତ୍ରିକାର ମୁଖବନ୍ଧରେ ଲେଖାଥିଲା – 'ଦୁନିଆର ସବୁ ଶ୍ରମିକ ଏକ ହୁଅ' ।

୧୯୪୬ ମସିହା ଏପ୍ରିଲ ମାସରେ ଓଡ଼ିଶା ବିଧାନସଭା ପାଇଁ ସାଧାରଣ ନିର୍ବାଚନ ହେଲା । ନିର୍ବାଚନ ପରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସର ଯେଉଁ ମନ୍ତ୍ରିମଣ୍ଡଳ ଗଢାହେଲା ସେଥିରେ ନବକୃଷ୍ଣ ଚୌଧୁରୀ ହେଲେ ରାଜସ୍ୱ, ଯୋଗାଣ ଓ ପରିବହନ ବିଭାଗ ମନ୍ତ୍ରୀ । ମନ୍ତ୍ରିମଣ୍ଡଳରେ ସେ ଅଢେଇ ବର୍ଷ ପର୍ଯ୍ୟନ୍ତ ରହିଥିଲେ। ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବା ପରେ ଓଡ଼ିଶାର ଐତିହାସିକ ଚିତ୍ର ବଦଳିଗଲାକା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସହିତ ଓଡ଼ିଶା ଗଡଜାତ ଗୁଡିକର ମିଶ୍ରଣ । ଏହି ମିଶ୍ରଣରେ ନବକୃଷ୍ଣ ଚୌଧୁରୀଙ୍କର ଯଥେଷ୍ଟ ଅବଦାନ ଥିଲା । ୧୯୫୦ ମେ' ମାସରୁ ୧୯୫୬ ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢେଛଅ ବର୍ଷ ପର୍ଯ୍ୟନ୍ତ ସେ ହେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣଭିତ୍ତି ସ୍ଥାପନ ହୋଇଥିଲା । ଭାଗଚାଷୀ ଆଇନ, ଜମିଦାରୀ ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ନେଇଥିଲେ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏଥିସହିତ ନବକୃଷ୍ଣ ଚୌଧୁରୀଙ୍କ ଶାସନ କାଳରେ ହୀରାକୁଦ ବହୁମୁଖୀ ଯୋଜନା ତଥା ଭାରତର ପ୍ରଥମ ରାଷ୍ଟ୍ରାୟତ୍ତ ଇସ୍ପାତ ଶିଳ୍ପ ଯୋଜନା ରାଉରକେଲା ଇସ୍ପାତ କାରଖାନାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା।

ସଫଳ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବକୃଷ୍ଣ ଚୌଧୁରୀ କାର୍ଯ୍ୟ କରି ୧୯୫୬ ମସିହା ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ସେତେବେଳେ ଓଡ଼ିଶାର ଜନସାଧାରଣ ତଥା ବିଧାନସଭାର ସଦସ୍ୟମାନଙ୍କର ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଥିଲା । ତଥାପି ନବକୃଷ୍ଣ ମୁଖ୍ୟମନ୍ତ୍ରୀ ପଦରେ ରହିବାକୁ ଚାହିଁଲେ ନାହିଁ । ତାଙ୍କ ପାଇଁ ପଦବୀ ବଡ ନଥିଲା । ବଡ ଥିଲା ଦୀନ, ଦରିଦ୍ର ଓ ଅବହେଳିତ ଜନତାଙ୍କ ସେବା । ମୁଖ୍ୟମନ୍ତ୍ରୀ ଭଳି ଉଚ୍ଚ ପଦବୀରୁ ଜଣେ ସ୍ୱଇଚ୍ଛାରେ ଓହରିଯିବା ଦେଶର ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ନବକୃଷ୍ଣଙ୍କ ଏଭଳି ନିଷ୍ପତ୍ତିକୁ ସେତେବେଳେ ଭୂଦାନ ଆନ୍ଦୋଳନର ନେତା ବିନୋବା ଭାବେ ରାଜପୁତ୍ର ବୁଦ୍ଧଦେବଙ୍କ ସିଂହାସନ ତ୍ୟାଗ ସହିତ ତୁଳନା କରିଥିଲେ। ଏହାପରେ ସେ ମାନବ ସେବାକୁ ମାଧବ ସେବା ରୂପେ ଗ୍ରହଣ କରି ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ସହ ନିଜକୁ ଶେଷ ଜୀବନ ପର୍ଯ୍ୟନ୍ତ ନିୟୋଜିତ କରିଥିଲେ ଅନୁଗୁଳରେ ଥିବା ବାଜିରାଉତ ଛାତ୍ରାବାସରେ ଯାହାକୁ ସେ ମୁକ୍ତି ସଂଗ୍ରାମର ଶହୀଦ ବୀର ବାଜି ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠା କରିଥିଲେ ୧୯୪୬ ମସିହାରେ।

ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ୧୯୦୧ ମସିହା ନଭେମ୍ବର ୨୩ ତାରିଖ ଓ ଦେହାନ୍ତ ୧୯୮୪ ମସିହା ଜୁନ୍ ୨୪ ତାରିଖ । ତାଙ୍କର ଦୀର୍ଘ ୮୩ ବର୍ଷର ସମର୍ପିତ ଜୀବନ 'ଖେରସ' ଗ୍ରାମରୁ ଆରମ୍ଭ ହୋଇ 'ତରିଆଶ୍ରମ' ଏବଂ ଶେଷରେ 'ବାଜିରାଉତ ଛାତ୍ରାବାସ'ରେ ଶେଷ ହୋଇଥିଲା । ଝୁରୁଛି ଏ ମାଟି ନବକୃଷ୍ଣଙ୍କୁ ..... ଆଉ ଝୁରୁଥିବ କାଳକାଳକୁ ।

ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

# ଅବାଞ୍ଛିତ ଗର୍ଭଧାରଣ

ଡା. କାନ୍ତି ନାୟକ

**ଜ**ଣେ ନାରୀର ଜୀବନର ସଫଳତା ଭରି ରହିଥାଏ ଗର୍ଭଧାରଣରେ। ସନ୍ତାନ ପ୍ରାପ୍ତି ପାଇଁ ନାରୀ ଅନେକ ସ୍ୱପ୍ନ ଦେଖିଥାଏ । ଏକ ସାର୍ଥକ ଜୀବନର ଅନ୍ତର୍ନିହିତ ଆନନ୍ଦ ଭରି ରହିଥାଏ ମାତୃତ୍ୱରେ। ତେବେ ଅବାଞ୍ଛିତ ଗର୍ଭଧାରଣ ନାରୀର ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ସାମାନ୍ୟ ଭୁଲ ମାତ୍ରକେ ଏ ନେଇ ଅନେକ ଅସୁବିଧାକୁ ସାମ୍ନା କରିବା ସହ ସ୍ୱାସ୍ଥ୍ୟଗତ ବିପଦ ରହିଥାଏ ଏବଂ ଏହାର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ରହିଥାଏ।

ଔଷଧ ଖାଇବାରେ ଅନିୟମିତତା : ଗର୍ଭନିରୋଧକ ଔଷଧ ଖାଇବାରେ ଅନିୟମିତତା ହିଁ ଅବାଞ୍ଛିତ ଗର୍ଭଧାରଣର ମୁଖ୍ୟ କାରଣ। ଆପଣ ପ୍ରତିଦିନ ଗର୍ଭନିରୋଧକ ଔଷଧ ଖାଉଛନ୍ତି, ହେଲେ ମଝିରେ ଭୁଲି ଯାଇ ଦିନେ କି ଦୁଇଦିନ ଔଷଧ ଖାଇନାହାନ୍ତି, ତାପରେ ଖାଇଛନ୍ତି। ଏହାଦ୍ୱାରା ମଧ୍ୟ ଆପଣ ଗର୍ଭଧାରଣର ଶିକାର ହୋଇପାରନ୍ତି। ଅନ୍ୟ ଏକ ଭୁଲ ହେଉଛି ଅସୁରକ୍ଷିତ ସେକ୍ସ ଜୀବନ ବିତାଇଛନ୍ତି ହେଲେ ଦୁଇଦିନ ପର୍ଯ୍ୟନ୍ତ ଗର୍ଭନିରୋଧକ ଔଷଧ ଖାଇନାହାନ୍ତି, ତେବେ ଗର୍ଭଧାରଣର ଶିକାର ହୋଇପାରନ୍ତି।

ବାନ୍ତି ହେଉଥିଲେ : ଗର୍ଭନିରୋଧକ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ଯଦି ଆପଣଙ୍କର ବାନ୍ତି ହୋଇଯାଏ, ତେବେ ମଧ୍ୟ ଗର୍ଭଧାରଣର ଶିକାର ହୋଇପାରନ୍ତି। କାରଣ ବାନ୍ତି ହେବା ଦ୍ୱାରା ଆପଣଙ୍କ ଶରୀରରେ ଗର୍ଭନିରୋଧକ ଔଷଧ ଠିକ୍ ଭାବରେ କାମ କରିପାରେନାହିଁ।

ଠିକ୍ ସମୟରେ ଔଷଧ ନଖାଇବା : ଦୁଇଟି ଟାବଲେଟ ଖାଇବା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ବ୍ୟବଧାନ ରହିବା ଅନୁଚିତ। ମନେରଖନ୍ତୁ ଆପଣଙ୍କୁ ପ୍ରତିଦିନ ନିୟମିତ ସମୟରେ ହିଁ ଗର୍ଭନିରୋଧକ ଔଷଧ ଖାଇବା ଦରକାର। ଉଦାହରଣ ସ୍ୱରୂପ ଯଦି ଆପଣ ସକାଳେ ଟାବଲେଟ୍ ଖାଇବା ଆରମ୍ଭ କରିଛନ୍ତି, ତେବେ ପ୍ରତିଦିନ ସକାଳେ ହିଁ ଔଷଧ ଖାଆନ୍ତୁ। ନଚେତ୍ ଟାବଲେଟ୍‌ର ପ୍ରଭାବ କମ୍ ପଡ଼ିଥାଏ।



ଔଷଧ ଖାଇବାର ଠିକ୍ ପରେ ଅସୁରକ୍ଷିତ ସେକ୍ସ: ଗର୍ଭନିରୋଧକ ଔଷଧ ଋତୁଚକ୍ରର ତୃତୀୟ କିମ୍ବା ପଞ୍ଚମ ଦିନରୁ ଆରମ୍ଭ କରିବାକୁ ପଡ଼ିଥାଏ। ଯଦି ଋତୁଚକ୍ର ସମୟରେ ଏପରି ଭାବରେ ଗର୍ଭନିରୋଧକ ଔଷଧ ବ୍ୟବହାର କରୁଥାନ୍ତି, ତାହାଲେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଅସୁରକ୍ଷିତ ସେକ୍ସ ଜୀବନ ବିତାନ୍ତୁ ନାହିଁ। ନଚେତ୍ ଗର୍ଭଧାରଣର ଶିକାର ହୋଇପାରନ୍ତି।

ଅଧିକ ତାପମାତ୍ରାରେ ଔଷଧ ରଖିବା : ଅଧିକ ତାପମାତ୍ରାରେ ଔଷଧ ରଖନ୍ତୁ ନାହିଁ। ଅଧିକ ତାପମାତ୍ରାରେ ଔଷଧ ରଖିଲେ, ତା'ର କ୍ଷମତା ହ୍ରାସ ହୋଇଥାଏ। ଫଳରେ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେନାହିଁ। କୌଣସି ବାକ୍ସ କି କାର ଭିତରେ ରଖନ୍ତୁନାହିଁ। ସିଧା ଖରାପଡୁଥିବା ସ୍ଥାନରେ ମଧ୍ୟ ଔଷଧ ରଖନ୍ତୁନାହିଁ। ଏହାସହିତ ୬ ମାସରୁ ଅଧିକ ସମୟ ଷ୍ଟୋର କରି ରଖନ୍ତୁନାହିଁ। ସବୁଠୁ ଭଲ ହେବ ଏକ ମାସ ପାଇଁ ଆବଶ୍ୟକ ଔଷଧ କିଣନ୍ତୁ। ଏହାପରେ ପୁନଃ କିଣନ୍ତୁ।

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା
ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ

# ଜାତୀୟ କବି ସଂଗ୍ରାମୀ ବୀରକିଶୋର

ଅକ୍ଷୟ କୁମାର ରାଉତ

**ହ**ରିହରପୁର (ଜଗତସିଂହପୁର) ଦେଇ ବହି ଯାଉଥିବା ଅଳକା ନଦୀ ନିକଟରେ ଅଳକା ଆଶ୍ରମ, ପାଖାପାଖି ଗାଁ ପୁନଙ୍ଗ। ଏହି ଗାଁର ଗୋପାଳ ଚନ୍ଦ୍ର ଓ ପଦ୍ମାବତୀଙ୍କ କୋଳ ମଣ୍ଡନ କରି ୧୮୯୬ ମସିହା ନଭେମ୍ବର ମାସ ୨୩ ତାରିଖ ଜନ୍ମ ହୋଇଥିଲେ କବି ବୀରବିଶୋର। ପିତା ମାତାଙ୍କର ସେ ଥିଲେ ପ୍ରଥମ ସନ୍ତାନ।

ଗାଁ ର ନରହରି ଦାସଙ୍କଠାରୁ ଅକ୍ଷର ଶିକ୍ଷା ଓ ଅନ୍ୟାନ୍ୟ ପାଠ ପଢି ଥିଲେ ବୀରକିଶୋର। ପିତା ଗୋପାଳ ଚନ୍ଦ୍ର ପୁଅକୁ ବଡ ମଣିଷ କରିବା ପାଇଁ କଟକର ଟାଉନ୍ ଭିକ୍ଟୋରିଆ ସ୍କୁଲରେ ନାମ ଲେଖାଇ ଦେଲେ। ପରବର୍ତ୍ତୀ ସମୟରେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟାପୀଠ' ହେଲା। ଭକ୍ତ ବକି ମଧୁସୂଦନ ରାଓ ସେ ସ୍କୁଲର ସେକ୍ରେଟାରୀ ଥିଲେ। ଭକ୍ତ କବି ବୀରକିଶୋରଙ୍କ ଚାଲିଚଳନ ଦେଖି କହିଥିଲେ, ସେ ଜଣେ ବଡ କବି ହେବ। ମାଟ୍ରିକ ପାସ କରି ବୀରକିଶୋର ରେଭେନ୍ସା କଲେଜରେ ପାଠ ପଢିଲେ। ମେସ୍‌ରେ କବି ନାରାୟଣ ମୋହନ ଦେଙ୍କଠାରୁ ଉତ୍ସାହ ପାଇ କବିତା ଲେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଷୋଳ ବର୍ଷ ବୟସରେ ସେ ଦୁବଘାସ ଉପରେ କାକର ଟୋପାସବୁ ପଡୁଥିବା ଦେଖି କବିତା ରଚନା କରିଥିଲେ।

ମହାତ୍ମା ଗାନ୍ଧି ଆଫ୍ରିକାରୁ ଆସି ଭାରତୀୟ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥାନ୍ତି। କଲେଜରେ ପଢୁଥିବା ବୀରକିଶୋରଙ୍କ ମନ ପରାଧୀନ ଭାରତ ବର୍ଷ ପାଇଁ ଛଟପଟ ହେଉଥାଏ। ଜମିଦାରୀ ହରାଇଥିବା ବାପାଙ୍କର ଇଚ୍ଛା ପୁଅ ବଡ ଚାକିର କରିବ। ପିତାଙ୍କର ଆର୍ଥିକ ଅବସ୍ଥା ଖରାପ ଦେଖି ବୀରକିଶୋର ପିଡବ୍ଲ୍ୟୁଡିରେ ମାସିକ ୫୫ଟଙ୍କା ଦରମାରେ ଚାକିରି କଲେ। ତାଙ୍କର ସାନ ଭାଇ ବାନାମ୍ବର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ସାରିଥାନ୍ତି। ସେ ସମୟରେ ଯେଉଁ ଛାତ୍ର ଆନ୍ଦୋଳନରେ ମିଶୁ ଥାଆନ୍ତି,ସେମାନଙ୍କୁ ବାନରସେନା କୁହାଯାଉଥିଲା । ଗୋରା ସେନାପତି ଡାୟାରଙ୍କ ନିର୍ଦ୍ଦୟ ଆଚରଣ ଓ ଜାଲିଓ୍ୱାନାବାଗ ହତ୍ୟାକାଣ୍ଡ ବୀରକିଶୋରଙ୍କ ମନରେ ଗଭୀର ଆଘାତ ଦେଲା। ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପାଇଁ ବୀରକିଶୋରଙ୍କ ଆଗ୍ରହ ତାଙ୍କୁ ଜାତୀୟ କବିତା ଲେଖିବାକୁ ବାଧ୍ୟ କରିଥିଲା। ତାଙ୍କର ଏହି କବିତାଗୁଡିକ କଟକର ମୁକୁର ପ୍ରେସରେ 'ମୋହନବଂଶୀ' ନାମରେ ପ୍ରକାଶ ପାଇଲା। ବହିଟିର ଲେଖକ ଓ ପ୍ରକାଶକ ଛଦ୍ମନାମ ବାନାମ୍ବର ଓ ମୁଦ୍ରାକର ବି.ଏସ୍.ଦାସ ବୋଲି ରହିଲା। ତିନିଅଣା ଦାମର ବହିଟି ମଧୁସୂଦନ ଦାସଙ୍କୁ ଉତ୍ସର୍ଗ କରାଗଲା। ସରକାରଙ୍କ ହୁକୁମ ଜାରି ପୂର୍ବରୁ ବହିତକ ବିକ୍ରି ହୋଇଯାଇଥିଲା। ୧୯୨୨ ମସିହାରେ ବୀରକିଶୋର ଚାକିରିରୁ ଇସ୍ତଫା ଦେଇଥିଲେ। ଏ ଦୁର୍ବଳ ଅତ୍ୟାଚାରୀ ସରକାର ଅଧୀନରେ ମୁଁ ଆଉ ଚାକିରି ଚାହେଁନା ମୁଁ ଯଦି ବଞ୍ଚିଥାଏ, ସ୍ୱାଧୀନ ସରକାର ଗଢାହେଲେ କିଛିଦିନ ଚାକିରି କରିବି।

ବୀରକିଶୋର ସରକାରୀ ଚାକିରି ଛାଡିବାର ଅଳ୍ପ କେତେ ଦିନ ପରେ ନୋଦା ଅଞ୍ଚଳର ଜମିଦାର ଧର୍ମାନନ୍ଦ ପଟ୍ଟନାୟକଙ୍କ ଝିଅ ଶାରଦା ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ ବୀରକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ବାନରସେନାଙ୍କ ମନୋବଳ ବଢାଇବା ପାଇଁ ବୀରକିଶୋର ବିଭିନ୍ନ ଗୀତ ଲେଖୁଥିଲେ। ବୀରକିଶୋରଙ୍କ



ରଚିତ ଗୀତଗୁଡିକ ବିଭିନ୍ନ ସଭା, ସମିତିରେ ଗାୟନ କରାଗଲା। ଓ ବାନରସେନାମାନେ ତାଙ୍କ ଗୀତ ଗାଇ ଗାଇ ଗାଁ ଗହଳିରେ ବୁଲିଲେ, ସାଜିଲେ ପିଲାଏ ବାନରସେନା, ବାହାରିଲେ ଧରି ତ୍ରିରଙ୍ଗାବାନା/ଖାଇଲେ ଗୋଇଠା ବେତ ପାହାର,ଦେଖିଲେ ସହିବ ଛାତି କାହାର/ ଗୋରା ସରକାର ବନ୍ଧୁକ ଗୁଳି,କବିତା ଶକତି ତା' ଠାରୁ ବଳି।।

୧୯୩୦ରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଆଇନଅମାନ୍ୟ ଆନ୍ଦୋଳନ ବା ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଗଲା। ଗାନ୍ଧିଜୀ ଦାଣ୍ଡି ଯାତ୍ରା କଲେ। ସତ୍ୟାଗ୍ରହୀ ମାନେ ଓଡିଶାରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ କାଠଯୋଡି ନଈକୂଳରୁ ଇଞ୍ଚୁଡି ବାହାରିଲେ। ବୀରକିଶୋରଙ୍କ ରଚିତ 'ଦରିଆ ଦଖଲ କରିଯିବ କିଏ ଆସ' ଗୀତ ବୋଲି ବୋଲି ସତ୍ୟାଗ୍ରହୀ ମାନେ ଚାଲିଲେ। ସରକାରଙ୍କ ଅତ୍ୟାଚାରକୁ ଖାତିର ନକରି ସମୁଦ୍ରରୁ ଲୁଣ ମରା କାର୍ଯ୍ୟ ଆରମ୍ଭ କରିଦେଲେ। ଏହି ସମୟରେ ବୀରକିଶୋର ଯେଉଁ ସବୁ ଗୀତ ଲେଖିଲେ, ତାହାକୁ ଏକ ବାର ପୃଷ୍ଠାର ବହିଟି ରଣଦୁନ୍ଦୁଭି ନାମରେ ପ୍ରକାଶ କଲେ। ଛଦ୍ମନାମରେ ପ୍ରେସର ନାମ ରହିଲା ରେଙ୍ଗୁନ୍ ବିପ୍ଳବୀ ପ୍ରେସ୍ ମୁଦ୍ରକ ଇୟାଂପୁଙ୍ଗୀ ଓ ପ୍ରକାଶକ କାମଦେବ । ବହିଟିର ଦାମ୍ ଥିଲା ଏକ ଅଣା। ଏହି ବହି ଲେଖିବା ଯୋଗୁ ବୀରକିଶୋର ରାଜଦ୍ରୋହ ଅପରାଧରେ ଜେଲଦଣ୍ଡ ଭୋଗକଲେ।

ଲବଣ ସତ୍ୟାଗ୍ରହରେ ଅନେକ ଲୋକ ଗିରଫ୍ ହେଲେ। ଆନ୍ଦୋଳନ ବଢିବାରେ ଲାଗିଲା। ବ୍ରିଟିଶ ସରକାର ଗୋଲଟେବୁଲ ବୈଠକରେ ଯୋଗ ଦେବାକୁ ମହାତ୍ମା ଗାନ୍ଧିଙ୍କୁ ଆମନ୍ତ୍ରଣ କଲେ। ଏହି ସମୟରେ ବୀରକିଶୋର 'ରଣ ଭେରୀ' ନାମରେ ପାଞ୍ଚ ପୃଷ୍ଠାର ବହିଟିଏ ଲେଖିଲେ। ଯାହାର ଦାମ୍ ଥିଲା ମାତ୍ର ପଇସାଏ। ଗୀତ ଲେଖି ବୀରକିଶୋର ସାତବର୍ଷ ଜେଲ ଦଣ୍ଡ ଭୋଗକଲେ। ତାଙ୍କର ଘର ସତରଥର ଖାନ୍‌ତଲାସ ହୋଇଥିଲା।

ବ୍ରହ୍ମପୁର କେନ୍ଦ୍ରୀୟ ଜେଲରେ ବୀରକିଶୋର ଥିବା ସମୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ନେଇ ଲାଠି ମାଡରେ ପ୍ରାୟ ଅଶୀ ଜଣ ବନ୍ଦୀ ଓ ବୀରକିଶୋର ଆହତ ହୋଇଥିଲେ। ୧୯୪୩ ମାର୍ଚ୍ଚ ମାସରେ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲ ଭିତରେ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା। ଏହି ଘଟଣାରେ ବୀରକିଶୋର ଦୁଃଖରେ ଯେଉଁ ଗୀତ ଲେଖି ବୋଲି ଥିଲେ, ତାହା ଶୁଣି ସବୁ ବନ୍ଦୀମାନେ ଭୋ ଭୋ କାନ୍ଦି ଉଠିଲେ। ସେମାନଙ୍କ ମନରେ ଆଶଙ୍କା ହେଲା ଆଉ କ'ଣ ଦେଶ ସ୍ୱାଧୀନ ହେବନାହିଁ। ବୀରକିଶୋର ମନର ଭାବନାରୁ ଚପାଇ ବନ୍ଦୀମାନଙ୍କ ମନରେ ନୂତନ ସାହାସ, ଆଶା ଓ ଭାବନା ସୃଷ୍ଟି କରିଥିଲେ।

ବୀରକିଶୋର ଜେଲ ଭିତରେ ବୈଜୟନ୍ତୀ ନାମରେ ଗୋଟିଏ ହାତଲେଖା ପତ୍ରିକା ସଂପାଦନା କରୁଥିଲେ। ଏହି କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୈକୁଣ୍ଠ ନାଥ ମହାନ୍ତି, ବିଶ୍ୱମ୍ବର ପରିଡା, ରାମପ୍ରସାଦ ମହାନ୍ତି ଓ ଅନେକ ଯୁବ ବନ୍ଦୀ। ଜେଲରୁ ଫେରି ବୀରକିଶୋର ପତ୍ରପତ୍ରିକା ପିଲାମାନଙ୍କ ପାଇଁ ପ୍ରକାଶ କରୁଥିଲେ। ସେଥିମଧ୍ୟରୁ 'ମୋ ଦେଶ' ପତ୍ରିକା ଥିଲା ଅନ୍ୟତମ। ସେହି ଜୀବନର ଶେଷ ପର୍ଯ୍ୟନ୍ତ ଋଣ ମୁକ୍ତ ହୋଇ ପାରିନଥିଲେ। ପାଠ୍ୟ ପୁସ୍ତକର ଯେତେବେଳେ ଜାତୀୟ କରଣ କରାଗଲା ବୀରକିଶୋର ସେ କମିଟିର ସଂପାଦକ ଥିଲେ। ତାଙ୍କ ଉଦ୍ୟମରେ ମୋ ଛବି ବହି ଓ ନୂଆ ଛବି ବହି ପ୍ରକାଶ ପାଇଥିଲା।

୧୯୪୬ରେ କଟକ ଜିଲ୍ଲା ବୋର୍ଡକୁ ସଭ୍ୟ ଭାବରେ ସେ ଜଗତ୍‌ସିଂହପୁରରୁ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପରେ ସେ କଟକ ଜିଲ୍ଲା ଲୋକାଲ ବୋର୍ଡର ଭାଇସ୍‌ଚେୟାରମ୍ୟାନ ଓ ଚେୟାରମ୍ୟାନ ହୋଇଥିଲେ। ବୀରବାବୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ଉପନିର୍ବାଚନରେ ଜଗତ୍‌ସିଂହପୁର ଆସନରୁ ନିର୍ବାଚିତ ହୋଇ, ୧୯୫୯ ମସିହା ଫେବୃଆରୀ ମାସ ୨୫ ତାରିଖରେ ବିଧାନ ସଭାର ସଭ୍ୟ ଭାବରେ ଶପଥ ଗ୍ରହଣ କରିଥିଲେ।

ଜାତୀୟ କବି ବୀରକିଶୋର ସ୍ୱାଧୀନ ଭାରତକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ଆଧୁନିକ ବାବୁମାନଙ୍କୁ ଦେଖି ସେ ଲେଖିଥିଲେ,'ବାବୁ ନଚିହ୍ନିବ ଛତା ଜୋତାରୁ,ସାଧୁ ନଚିହ୍ନିବ ଗୋଲି ଚିତାରୁ/ ନେତା ନଚିହ୍ନିବ ଖାଲି କଥାରୁ, ଥରେ ବୁଲି ଆସ କଲିକତାରୁ। ବୀରକିଶୋର ୧୯୭୩ ଅପ୍ରେଲ ମାସ ୨୮ ତାରିଖରେ ଧରାଧାମରୁ ବିଦାୟ ନେଇଥିଲେ ଅମର ଧାମକୁ । ଲୋକଙ୍କ ମନ ହୃଦୟରେ ସେ ପ୍ରତିଧ୍ୱନିତ ହେଉଛନ୍ତି ଓ ହେଉଥିବେ।

ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ,ପାରାଦ୍ୱୀପ ଗଡ଼,
କୁଜଙ୍ଗ, ଜଗତସିଂହପୁର,
ମୋ:୯୯୩୭୬୯୧୪୭୫

# ହକ୍ ପାଇଁ ଆଦିବାସୀଙ୍କ ଗ୍ରାମସଭା

ବୁଗୁଡା, ୨୨।୧୧ (ନି.ପ୍ର): ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମପଞ୍ଚାୟତର କଣ୍ଡରାଇ ଆଦିବାସୀ ଗାଁରେ ଆଦିବାସୀ ସମାଜର ଗ୍ରାମସଭା ଗତ ୨୧ ନଭେମ୍ବରରେ ଆୟୋଜିତ ହୋଇଥିଲା । ଆଦିବାସୀଙ୍କ ହକ ପାଇଁ ଲଢେଇ କରି ଜୀବନକୁ ବାଜି ଲଗାଇ ଅକାଳରେ ମୃତ୍ୟୁବରଣ କରିଥିବା କ୍ୟାମ୍ପେନ୍ ଫର୍ ସର୍ଭାଇବାଲ୍ ଆଣ୍ଡ୍ ଡିଗ୍ନିଟି (ସିଏସଡି)ର ନେତା ପ୍ରଦୀପ ସାହୁଙ୍କ ସ୍ମୃତି ଚାରଣ କରିବା ସହ ୨ ମିନିଟ ନୀରବ ପ୍ରାର୍ଥନା କରଯାଇଥିଲା । ଏହି ଗ୍ରାମସଭାରେ ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ଅଧିକାର, ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର ହାସଲ ପାଇଁ ବିଚାର ବିମର୍ଷ ହୋଇଥିଲା । ଉଭୟ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଦଶନ୍ଧି ଦଶନ୍ଧି ଧରି ପୂର୍ବପୁରୁଷାନୁକ୍ରମେ ଜଙ୍ଗଲରୁ ଆମ୍ବ, ପଣସ, କେନ୍ଦୁ, ମହୁଲ ଆଦି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଜଙ୍ଗଲ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିବା କଣ୍ଡରାଇ, ବେଲଗାଁ, ସମଲାଇ, ନିମପଲ୍ଲୀ ଆଦି ଜଙ୍ଗଲ ଜମିରେ ଗ୍ରାମସଭାର ବିନା ଅନୁମୋଦନରେ ଆନ୍ଧ୍ର ଜମି ମାଫିଆ ଏବଂ ଆମ ଓଡ଼ିଆ ଜମି ମାଫିଆ, ପ୍ରଭାବଶାଳୀ ମାଫିଆ-ଦଲାଲ ପ୍ରବେଶ କରି ବଳପୂର୍ବକ ଜଙ୍ଗଲ କାଟିବା, ଜଙ୍ଗଲଜମିରେ ବୁଲଡୋଜର ଲଗାଇ ଆଦିବାସୀଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରିବା, ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ଜଙ୍ଗଲ ଧ୍ୱଂସ, ପାରମ୍ପରିକ ଜୀବନ ଜୀବିକା, ସ୍ୱାସ୍ଥ୍ୟ ତଥା ସମ୍ମାନର ସହ ବଞ୍ଚିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛନ୍ତି । ୩୦୦ରୁ ୪୦୦ ଫୁଟ ଗଭୀର ନଳ କୂଅ ଖୋଲି ପାଣି ଶୋଷି ନେଉଥିବା ଯୋଗୁଁ ୨ ବର୍ଷ ହେଲା ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଆଜି ପର୍ଯ୍ୟନ୍ତ ଆଦିବାସୀଙ୍କ ସ୍ୱାର୍ଥରେ କାର୍ଯ୍ୟକାରୀ ହୋଇନାହି । ଜଙ୍ଗଲ ଅଧିକାର କମିଟି ଗଠନ କରି ଜିଲ୍ଲା ପ୍ରଶାସନ ଚିର ନିଦ୍ରାରେ ଶୋଇବା ନେଇ ଗ୍ରାମସଭା କ୍ଷୋଭ ପ୍ରକାଶ କରିବା ସହ ଏଦିଗରେ ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ ଏବଂ ଅନ୍ୟାୟ ବିରୋଧରେ ଆଦିବାସୀ ମେଳି କରାଯିବ ବୋଲି ଗ୍ରାମସଭା ନିଷ୍ପତ୍ତି ନେଇଛି । ଅନେକ ବ୍ୟକ୍ତିଗତ ଜମିକୁ ମଧ୍ୟ ଜମି ମାଫିଆ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରିବା, ଗୋଷ୍ଠୀଗତଜଙ୍ଗଲକୁ ଦଖଲକୁ ନେଇଛନ୍ତି, ଆଦିବାସୀ ପିଲାଙ୍କ ଶିକ୍ଷାରୁ ବଞ୍ଚିତ କରିବା, ରାସ୍ତା ଆଦି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ କରିବା, ହାତକୁ କାମ, ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅନୁଯାୟୀ କାମ ପ୍ରଦାନ ନ କରିବା ଏପରି ଅନେକ ସମସ୍ୟା ଉପରେ ନେତୃବୃନ୍ଦ ମତ ରଖିଥିଲେ । ଏହାର ସ୍ଥାୟୀ ସମାଧାନ ପାଇଁ ୨୬ ନଭେମ୍ବର ସଂବିଧାନ ଦିବସରେ ବୁଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମୁଖରେ ବିକ୍ଷୋଭ କରି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ । ଏହି ଗ୍ରାମସଭାରେ ଆଦିବାସୀ ଭାରତ ମହାସଭାର ରାଜ୍ୟ ଆବାହକ ଟୁନା ମଲିକ, ଜିଲା ସଭାପତି ପୂର୍ଣ ଚନ୍ଦ୍ର ପ୍ରଧାନ, ଜଗନାଥପ୍ରସାଦ ମୁଠାର କାର୍ତ୍ତିକ ପ୍ରଧାନ, ଡମ୍ବୁରୁ ପ୍ରଧାନ, ପଞ୍ଚାନନ ପ୍ରଧାନ, ବୁଗୁଡା ଆଦିବାସୀ ସମାଜ ସମ୍ପାଦକ ପ୍ରଶନ୍ନ ଦଳ ବେହେରା, ଦଣ୍ଡପାଣି ଯାନୀ, ସୁରେନ୍ଦ୍ର ମଳିକ, ସିପିଆଇ(ଏମଏଲ) ରେଡଷ୍ଟାର ଜିଲ୍ଲା ସମ୍ପାଦକ ଶଙ୍କର ଇନକିଲାବ, ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ସନ୍ତୋଷ ଯାନୀ ଆଦି ପ୍ରମୁଖ ଯୋଗ ଦେଇଥିଲେ । ସଂଯୁକ୍ତା ପ୍ରଧାନ, ନର୍ମଦା ପ୍ରଧାନ, ସୁକାନ୍ତି ମଲ୍ଲିକ ଆଦି ମହିଳା ନେତ୍ରୀମାନେ ଆଦିବାସୀଙ୍କ ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ବୋଲି ସମୀକ୍ଷା କରି ଯେଉଁ ଆଇନ ୨୦୦୬ରେ ହୋଇଥିଲା ତାହା ୧୯ ବର୍ଷ ବିତିଗଲା ପରେ ମଧ୍ୟ କାର୍ଯ୍ୟକାରୀ ନହେବା ଆଦିବାସୀଙ୍କ ପ୍ରତି ଅବହେଳା ବୋଲି ପ୍ରକାଶ ପାଇଛି ।

## ବିଦ୍ୟା ଭାରତୀ ପକ୍ଷରୁ ସପ୍ତଶକ୍ତି ସଙ୍ଗମ



ହିଞ୍ଜିଳିକାଟୁ,୨୨।୧୧(ନି.ପ୍ର): ବିଦ୍ୟା ଭାରତୀ ତରଫରୁ ହିଞ୍ଜିଳିକାଟୁ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରମା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପ୍ରାନ୍ତ ସେବିକା ପ୍ରମୁଖ ବିଘ୍ନେଶ୍ୱରୀ ସାହୁ ଯୋଗ ଦେଇଥିଲେ । ନିଜ ବକ୍ତବ୍ୟରେ ସେ ସମସ୍ତ ମାତୃମଣ୍ଡଳୀକୁ ସଚେତନ କରି ସମାଜକୁ ଉଚିତ ମାର୍ଗ ଦର୍ଶନଦେବା ଓ ସୁପ୍ତ ଚେତନାକୁ ଜାଗ୍ରତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥି ସହିତ ସମାଜରେ ନାରୀ ସଶକ୍ତିକରଣ ଓ ନାରୀ ଜାଗରଣ ଉପରେ ଆଲୋଚନା କରିଥିଲେ । ସଂକଳ୍ପ କରିବା ପରେ ମା ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାଜଲକ୍ଷ୍ମୀ ଖାଡଙ୍ଗା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ରିତାଞ୍ଜଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟା ସୁପ୍ରିୟା ଗୁପ୍ତା, ମାତୃ ଭାରତୀର ସଭାପତି ସାଗରିକା ପଟ୍ଟନାୟକ, ପ୍ରୀତି ରେଖା ପଟ୍ଟନାୟକ ଓ ଜ୍ୟୋତି ଲକ୍ଷ୍ମୀ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ଆଚାର୍ଯ୍ୟ, ଆଚର୍ଯ୍ୟା ଓ ମାତୃ ମଣ୍ଡଳୀ ଉପସ୍ଥିତ ଥିଲେ । ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନା ଯୋଗ୍ୟ ବିଦ୍ୟା ଭାରତୀ ଅଧୀନରେ ଥିବା ୪୦ ହଜାର ଶିଶୁ ମନ୍ଦିରରେ ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପାଳନ କରଯାଇଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଛତ୍ରପୁର,୨୨।୧୧ (ନି.ପ୍ର): ଛତ୍ରପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ ତମ ବାର୍ଷିକ କ୍ରୀଡ଼ା ଶନିବାର ଉଦଯାପିତ ହୋଇଯାଇଅଛି । ମୁଖ୍ୟଅତିଥି ରୁପେ ଛତ୍ରପୁର ପୌର ପରିଷଦ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଆଇନଜିବୀ କେ.ଚନ୍ଦ୍ରଶେଖର ରେଡ୍ଡୀ, ଗୋପାଳପୁର ବନ୍ଦରର ସାମାଜିକ ଦାୟିତ୍ୱବୋଧ ବିଭାଗର ମୁଖ୍ୟ ଦେବଦତ୍ତ ମିଶ୍ର, ରୋଟାରୀୟାନ୍ ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ସଂକୁଳ ପ୍ରମୁଖ ଡ଼ଃ. ଜେ. କୁର୍ମା ରାଓ ପ୍ରମୁଖ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସାଙ୍ଗକୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଶାରିରୀକ ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ ବାର୍ଷିକ କ୍ରୀଡାର ବିବରଣୀ ପାଠ କରିଥିଲେ । ଦକ୍ଷିଣପୂର୍ବ ସମ୍ଭାଗ ଶାରିରୀକ ପ୍ରମୁଖ ଚତୁର୍ଭୁଜ ତ୍ରିପାଠୀ, ସ୍ଥାନୀୟ ମହିଳା ମହାବିଦ୍ୟାଳୟର ଶାରିରୀକ ଶିକ୍ଷକ ସନ୍ତୋଷ ବିଷୋୟୀ ସହଯୋଗ କରିଥିଲେ ଛ ଶେଷରେ ବିଦ୍ୟାଳୟର ସମ୍ପାଦକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଉପ-ସଭାପତି ଶ୍ରୀମତୀ ଗୀତା ପାଢୀ, ସଦସ୍ୟ ରାମପ୍ରକାଶ ପଟ୍ଟନାୟକ, ସୁନୀତା ସେଠୀ ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କ୍ରୀଡାରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୪୦ ଜଣ ଶିଶୁ ବିଭିନ୍ନ ବର୍ଗର ଖେଳରେ ଭାଗ ନେଇଥିଲେ । ତନ୍ମଧ୍ୟରୁ ୮ ଜଣ ଶିଶୁ ଚାମ୍ପିୟାନ୍ ହୋଇଥିଲେ । କୃତୀ କ୍ରୀଡାପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମତିଥି ମହାସମାରୋହରେ ପାଳିତ



ନବରଙ୍ଗପୁର, ୨୨।୧୧ (ନି.ପ୍ର): ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ସହ ସ୍ମୃତି ସଭା,ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ସହିଦ ଲକ୍ଷ୍ମଣ ନାୟକଙ୍କ ଜନ୍ମଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳ ୯.୦୦ ଘ ସମୟରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ସ୍ମୃତି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା କରିଥିଲେ । ଏହି ଅବସରରେ ବିଶିଷ୍ଟ ଅତିଥି ଅଧକ୍ଷ,ପୌରପାଳିକା କୁନୁ ନାୟକ, ମୁଖ୍ୟବକ୍ତା ଶିକ୍ଷାବିତ୍ ତଥା ସଭାପତି,ଉତ୍କଳ ପରିଷଦ ବିଜୟ କୁମାର ଚୌଧୁରୀ, ସମ୍ମାନୀତ ଅତିଥି ରୂପେ ଓକିଲ ସଂଘ ସଭାପତି ସିରାଜ ଅହମ୍ମଦ,ନିର୍ବାହୀ ଅଧିକାରୀ ପୌରପାଳିକା ଅଶୋକ କୁମାର କର୍ଣ୍ଣ,ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ସଂଗ୍ରାମ ଉପରେ ସମ୍ୟକ୍ ସୁଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ସଭା ପରିଚାଳନା କରିଥିଲେ । ସ୍ମୃତିସଭାରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ଅତିଥି ଗଣ ନିଜ ବକ୍ତବ୍ୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ,ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ,ସାହସିକତା, ଜାତିପ୍ରିତି ,ଦେଶପ୍ରେମ, ନିର୍ଭୀକତା କୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ଆହ୍ୱାନ କରିଥିଲେ । ସହିଦ ଲକ୍ଷଣ ନାୟକଙ୍କ ଜୀବନୀ ସଂପର୍କିତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସ୍ତର ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ । ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ପଣ୍ଡା, ସଙ୍ଗୀତା ତ୍ରିପାଠୀ,ମନୋରମା ମାଝୀ, ବି ଇ ଓ ଶ୍ରୀକାନ୍ତ ଜାନି, ଏ ବି ଇ ଓ ଜଗବନ୍ଧୁ ସଉରା,ସି ଆର ସି ସି ଶୁଭେନ୍ଦୁ ପଣ୍ଡା, ସି ଆର୍ ସି ସି ମନସ୍ୱିନୀ ପଣ୍ଡା,ସହରର ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ୨ କାର୍ ମଧ୍ୟରେ ଧକ୍କା, ୫ରୁ ଉର୍ଦ୍ଧ୍ୱ ଆହତ

ହିଞ୍ଜିଳିକାଟୁ,୨୨।୧୧ (ନି.ପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ଚୈତନ୍ୟପଡା ପେଟ୍ରୋଲ ପମ୍ପ ଛକ ନିକଟରେ ୨ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଛି। ଦୁର୍ଘଟଣାରେ ଉଭୟ ଗାଡ଼ିରେ ଯାତ୍ରା କରୁଥିବା ୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣାରେ ଉଭୟ ଗାଡ଼ିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି । ଖବର ପାଇଁ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଥାନାକୁ ଆଣି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ବ୍ରହ୍ମପୁର ଠାରୁ ଆସିକା ଅଭିମୁଖେ ଯାଉଥିବା ଏକ କାର୍ (ଓଡି୧୯ପି ୦୮୭୦) ସହ ବିପରୀତ ଦିଗରେ ଯାଉଥିବା ଅନ୍ୟ ଏକ କାର୍ (ଓଡି୦୨ସିଡି ୮୭୪୦) ସହ ଚୈତନ୍ୟପଡା ପେଟ୍ରୋଲ ପମ୍ପ ଛକ ନିକଟରେ ମୁହାଁମୁହିଁ ଧକ୍କା ଘଟିଥିଲା । ଖବର ଲେଖା ହେବା ସୁଦ୍ଧା ଘଟଣା ନେଇ ହିଞ୍ଜିଳି ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଥାନା ସୂତ୍ରରୁ ପ୍ରକାଶ ।

## ବିଭାଗୀୟ କର୍ମଚାରୀଙ୍କ ଅବହେଳା ନେଇ ଜନସାଧାରଣ ଅସନ୍ତୁଷ୍ଟ

ଦଶପଲ୍ଲା, ୨୨।୧୧ (ନି.ପ୍ର): ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସରକାର ପ୍ରତି ମୁହୂର୍ତ୍ତରେ ଚେଷ୍ଟିତ । ଅନେକ ଯୋଜନା ମାନ ଜନସାଧାରଣଙ୍କ ପାଇଁ ପ୍ରଣୟନ ତଥା କାର୍ଯ୍ୟକାରୀ ମଧ କରିଛନ୍ତି । ତେବେ ଅନେକାଂଶରେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ମନମାନି ଲାଗି ଜନସାଧାରଣ ନାହିଁ ନ ଥିବା ହଇରାଣ ହେବା ସ୍ୱାଭାବିକ କଥା । ଅନେକ କର୍ମଚାରୀ ଠିକ ସମୟରେ ଅଫିସ ନ ଆସିବା ତଥା ଦୀର୍ଘ ମାସ ଧରି ଅଫିସ ନ ଆସି ଘରେ ବସି ଦରମା ନେଉଛନ୍ତି । ତେବେ ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ସାଧାରଣ ଜନତା କଷ୍ଟ ଭୋଗିବା ମଧ୍ୟ ଦେଖିବାକୁ ମିଳୁଛି । ତେବେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଅନେକ ଡାକ୍ତରଖାନା ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅବା ହୋମିଓପାଥି ବିଭାଗ ରେ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି । କେବଳ ଉପରିସ୍ଥ ଅଫିସର ଆସିବା ସମୟରେ ହେଉ ଅବା କୌଣସି କାର୍ଯ୍ୟକ୍ରମ ହେଲେ ଏ ସବୁ କର୍ମଚାରୀଙ୍କ ଦେଖା ମିଳୁଛି ବୋଲି ଶୁଣାଯାଉଛି । ଏ ପ୍ରକାର ବ୍ୟତିକ୍ରମ କାହିଁକି ଓ କାହା ଛତ୍ର ଛାୟାରେ ସଂଗଠିତ ହେଉଛି ତାହାର ଉତ୍ତର କାହା ପାଖରେ? ତେବେ କଥାରେ ଅଛି ଘରେ ବାଘ ନ ଥିଲେ ମିରିଗ ନାଟ ଉକ୍ତିଟି ଏଠି ପ୍ରଯୁଜ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଯଦି ଉପରିସ୍ଥ ଅଧିକାରୀ ସଠିକ ଭାବରେ ଦୃଷ୍ଟି ରଖନ୍ତେ ତେବେ ଏପରି ବ୍ୟତିକ୍ରମ ହୁଅନ୍ତା ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଚର୍ଚ୍ଚା ହେଉଛି ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ସୋରଡ଼ା,୨୨।୧୧ (ନି.ପ୍ର): ସୋରଡ଼ା ବ୍ଲକ୍ ସିଦ୍ଧପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ସେଠିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୋରଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସାହୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ମନରେ ବୈଜ୍ଞାନିକ ଚିନ୍ତାଧାରା ଉଦ୍ରେକ ହେବାରେ ବିଜ୍ଞାନ ମେଳାରେ ମୁଖ୍ୟ ଭୂମିକା ରହିଥାଏ ବୋଲି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ସୋରଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପିତାମ୍ବର ନାୟକ,ସିଦ୍ଧପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସିମାଞ୍ଚଳ ଦଳାଇ ପ୍ରମୁଖ ଉପସ୍ଥିତ ରହି କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନଶିକ୍ଷକ ଶ୍ରୀ ସେଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଜ୍ଞାନ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବିଜ୍ଞାନ ଶିକ୍ଷା କେଶବ ମାଝୀ ଓ ଦୁର୍ଗା ପ୍ରସାଦ ନାୟକ ବିଚାରକ ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ୩୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଛାତ୍ର ଓମ୍ ପ୍ରସାଦ ନାୟକଙ୍କ ଘରର ପନିପରିବା ଆବର୍ଜ୍ଜନାରୁ ବାୟୋଏଞ୍ଜାଇମ୍ ପ୍ରକଳ୍ପ ଏବଂ ସନ୍ଦୀପ କୁମାର ପଣ୍ଡାଙ୍କ ସ୍ୱୟଂ ଚାଳିତ ଜଳ ବିତରକ ପ୍ରକଳ୍ପ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି । ଶିକ୍ଷକ ସୁଧିର କୁମାର ଦାସ, ଦ୍ୱିତୀକୃଷ୍ଣ ବେହେରା ଏବଂ କୁନା ବିଷୋୟୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ପରିବେଶ ସୁରକ୍ଷା ଆମର ଉତ୍ତରଦାୟୀତ୍ୱ



ଦଶପଲ୍ଲା,୨୨।୧୧ (ନି.ପ୍ର): ମାନବ ବଞ୍ଚିବା ପାଇଁ ଏକ ସ୍ୱଚ୍ଛ ପରିବେଶର ଗୁରୁତ୍ୱ । ଏହି ପରିପ୍ରେକ୍ଷୀରେ ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ଅନ୍ତର୍ଗତ ମିଟୁକୁଲି ଗ୍ରାମ ନିକଟରେ ଥିବା ରନ୍‌ଗଣ୍ଡ ଝରଣାକୁ ଗ୍ରାମସଭା ସମୂହ, ଦଶପଲ୍ଲା ପକ୍ଷରୁ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାନାମ୍ବର ନାୟକ, ଲକ୍ଷ୍ମୀଧର ମୁଦୁଲି ପ୍ରମୁଖ ସହଯୋଗ କରିଥିବା ବେଳେ ଟାକରା, ମିଟୁକୁଲି, ବାଙ୍କଟୈଳା, ବୁଗୁଡ଼ା, ପାନାବାରୀ ଗ୍ରାମର ଜନସାଧାରଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରନ୍‌ଗଣ୍ଡ ଜଳପ୍ରପାତର ସଫେଇ କରିଥିଲେ । ଗ୍ରାମସଭା ସମୂହ, ଦଶପଲ୍ଲା କମିଟିର ସଭାପତି ପ୍ରମୋଦ କୁମାର ସାହୁ କହିଛନ୍ତି କି ପ୍ରତ୍ୟକବର୍ଷ ପିକନିକ ଋତୁରେ ଏହି ପ୍ରଯ୍ୟଟନ ସ୍ଥଳୀକୁ ବୁଲିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଏହି ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସୁଥିବାବେଳେ ଭୋଜିଭାତ କରି ଫେରିଲା ବେଳକୁ ପ୍ଲାଷ୍ଟିକ ବୋତଲ, ଜରି, ମଦ୍ୟପାନ କରି କାଚବୋତଲକୁ ଏଣେତେଣେ ଫୋପାଡ଼ି ଦେଇଚାଲି ଯାଉଛନ୍ତି । ଫଳରେ ଅନ୍ୟପାଇଁ ଏହା ବିପଦ ସାଜୁଥିବାବେଳେ ବହୁ ସମସ୍ୟା ଘଟୁଛି । ତେଣୁ ଆମର ଏଥିପାଇଁ ଏ ପ୍ରୟାସ ଜଳପ୍ରପାତର୍ଟିକୁ ସଫାକରିବା ସହିତ ପ୍ରଚାରପ୍ରସାର, ହୋଡିଂ ଲଗାଇ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନତା କରିବା ମଧ ଆମର ମୂଳ ଲକ୍ଷ୍ୟବୋଲି କହିବା ସହ ଜଙ୍ଗଲସୁରକ୍ଷା, ପରିବେଶ ରକ୍ଷା କରିବା, ସୁଦ୍ଧ ପରିବେଶ ସୃଷ୍ଟି କରିବା ମଧ ଆମର ଦାୟୀତ୍ୱ ବୋଲି କହିଛନ୍ତି । ଲୋକମାନଙ୍କ ମନରେ ଥିବା ନକରାତ୍ମକ ଚିନ୍ତାଧାରାକୁ ଦୂରେଇ ରନ୍‌ଗଣ୍ଡକୁ ଆସିଲେ ଅଳିଆ,ଆବର୍ଜନା ନକରି ବରଂ ଗୋଟିଏ କଡ଼ରେ ରଖିଯିବା ପାଇଁ ମଧ କମିଟି ସଦସ୍ୟ ଅନୁରୋଧ କରିଛନ୍ତି ।

## ଲୌହ ଖଣି ବୋଝେଇ ଟ୍ରକ୍ ଧକ୍କାରେ ସୁକ୍ୟୁରିଟି ଗାର୍ଡ ମୃତ

କୋଇଡା, ୨୨।୧୧ (ନି.ପ୍ର): କୋଇଡା ଥାନା ଅନ୍ତର୍ଗତ ନାରାୟଣପୋଷ ୫୨୦ ଜାତୀୟ ରାଜପଥ ସମ୍ମୁଖରେ ଏକ ଖଣି ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ନିୟୋଜିତ ସିକ୍ୟୁରିଟି ଗାର୍ଡକୁ ଚାପିଦେଲା ଲୌହ ଖଣି ବୋଝେଇ ଟ୍ରକ୍ । ଘଟଣା ସ୍ଥଳରେ ଥିବା ଅନ୍ୟ କର୍ମଚାରୀ ଓ ଚାଳକ ମାନେ ଗୁରୁତର ଅବସ୍ଥାରେ ତାଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ଯେଉଁଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ରିମୁଳି ଅଞ୍ଚଳର ସଚିତ୍ର କୁମାର ପ୍ରଧାନ । ଲୋଡିଂ ପାଇଁ ପ୍ରବଳ ଯାମ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ଅନ୍ୟପଟେ ସିକ୍ୟୁରିଟି ସଂସ୍ଥା କର୍ମଚାରୀ,ପରିବାର ବର୍ଗ ମାନେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ କ୍ଷତିପୂରଣ ଦାବି କରିଥିଲେ , ଫଳସ୍ୱରୂପ ସଂସ୍ଥା ପକ୍ଷରୁ ପରିବାରର ଜଣଙ୍କୁ ଚାକିରି ଓ ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସହ ଶବକୁ ପରିବାରଙ୍କୁ ହସ୍ତାନ୍ତର କରିଥିଲେ ।

## ଭଞ୍ଜନଗର ଗସ୍ତରେ ପୋଲିସ ଡିଜି



ଭଞ୍ଜନଗର, ୨୨।୧୧ (ନି.ପ୍ର): ଓଡିଶା ରାଜ୍ୟ ପୁଲିସ୍ ମୁଖିଆ ଆଜି ଭଞ୍ଜନଗର ଗସ୍ତ କରିବା ସହ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଫେରିଛନ୍ତି । ପୋଲିସ୍ ଡିଜି ୱାଇ ବି ଖୁରାନିଆ ବୌଦ୍ଧ ଓ କନ୍ଧମାଳ ଗସ୍ତ ସାରିଥିବା ବେଳେ ଆଜି ଅପରାହ୍ନରେ ଭଞ୍ଜନଗର ଠାରେ ପହଞ୍ଚିଥିଲେ । ବନ ବିଶ୍ରାମାଗାରରେ ପହଞ୍ଚିବା ପରେ ସେଠାରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଦିଗ ନେଇ ଆଲୋଚନା କରିଥିଲେ । ତାଙ୍କ ସହ ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା ଆସିଥିବା ବେଳେ ଦକ୍ଷିଣାଞ୍ଚଳ ପୋଲିସ ଆଇଜି ନୀତି ଶେଖର, ଏସ୍ପି ଶୁଭେନ୍ଦୁ କୁମାର ପାତ୍ର,ଅତିରିକ୍ତ ଏସ୍ପି ରଞ୍ଜନ କୁମାର ଦେ,ଏସଡିପିଓ ଡ.ଦିପକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଆଇନ ଶୃଙ୍ଖଳା ଠାରୁ ଆରମ୍ଭ କରି ମାଓ ଗତିବିଧି ନେଇ ଆଲୋଚନା ହୋଇଥିବା ଜଣାପଡିଥିବା ବେଳେ ଆଗାମୀ ଦିନରେ ଏହାକୁ ଦମନ କରିବା ନେଇ ପୋଲିସ ପକ୍ଷରୁ ବ୍ୟପକ ପଦକ୍ଷେପ ଗ୍ରହଣ କରାଯିବା ନେଇ ସେ ସୂଚନା ଦେଇଥିଲେ । ଏହାପରେ ଡିଜି ତନରଡା ସ୍ଥିତ ଅଷ୍ଟମ ଭାରତ ସଂରକ୍ଷିତ ବାହିନୀ କେନ୍ଦ୍ର ପରିଦର୍ଶନକୁ ଯାଇଥିଲେ । ସେଠାରେ ବାଟାଲିଆନ ବୁଲିବା ସହ ସେଠାରେ ଏକ ଅତ୍ୟାଧୁନିକ ବ୍ୟାୟମଶାଳାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇଜି,ଏସ୍ପିଙ୍କ ସହ ଦୁର୍ଗପତି ସୁଧାକର ମିଶ୍ର,ଉପଦୁର୍ଗପତି ଲଳିତ କୁମାର ବାଘ ପ୍ରମୁଖ ଉପସ୍ଥିତ ।

## ଜାତୀୟ ପ୍ରେସ୍ ଦିବସ ପାଳିତ

ଜଳେଶ୍ୱର,୨୨।୧୧ (ନି.ପ୍ର): ଜଳେଶ୍ୱର ବ୍ଲକରେ ଥିବା କାର୍ଯ୍ୟରତ ସାମ୍ବାଦିକ ମଂଚ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଜଳେଶ୍ୱର ଥାନା ନିକଟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଦେୀ ପ୍ରସନ୍ନ ଚନ୍ଦ ଯୋଗ ଦେଇ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସାମ୍ବାଦିକ ମାନଙ୍କ ସମସ୍ୟାର ସମାଧାନ ଓ ଉନ୍ନତି କରାଯିବା ଉଚିତ ବୋଲି କହିଥିଲେ ଛ ମୁଖ୍ୟବକ୍ତା ଭାବେ ଜଳେଶ୍ୱର ପୌରପାଳ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ ସମାଜର ତଳସ୍ତରରେ ରହୁଥିବା ଲୋକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ପ୍ରଶାସନକୁ ଅବଗତ କରିବା ଓ ସରକାରକୁ ଦୁର୍ନୀତିମୁକ୍ତ କରିବାରେ ସାମ୍ବାଦିକ ମାନେ କାର୍ଯ୍ୟ କରିଥାନ୍ତି ବୋଲି କହିଥିଲେ । ଉଦ୍‌ଘାଟିକା ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ ଯୋଗଦେଇ ସାମ୍ବାଦିକ ହେଉଛନ୍ତି ସମାଜର ଦର୍ପଣ ବୋଲି ନିଜ ବକ୍ତବ୍ୟରେ କହିଥିଲେ ।

## ରାଜେନ୍ଦ୍ର ଦେଶୀଧାନ ଗବେଷଣା କେନ୍ଦ୍ର ପରିଦର୍ଶନ କଲେ ମୁଖ୍ୟ ଶାସନ ସଚିବ



ନିଆଳୀ, ୨୨।୧୧ (ନି.ପ୍ର): କଟକ ଜିଲ୍ଲା ନିଆଳୀ ସ୍ଥିତ ପୂର୍ବଖଣ୍ଡ ମୌଜାରେ ଅବସ୍ଥିତ ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ରକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପରିଦର୍ଶନ କରିବା ସହିତ ଜୈବିକ ପଦ୍ଧତିରେ ଦେଶୀ ବିହନ କେନ୍ଦ୍ର, ଗବେଷଣା କେନ୍ଦ୍ର ପରିଦର୍ଶନ ସହିତ ଗୋଷ୍ଠୀ ଦେଶୀ ବିହନ ବ୍ୟାଙ୍କକୁ କଲେ ଉଦଘାଟନ କରିଛନ୍ତି । ଗ୍ରାମାଞ୍ଚଳରେ ଦେଶୀ ଧାନ ଗବେଷଣା କେନ୍ଦ୍ର ଦେଖି ବିମୁହିତ ହେବା ସହିତ ଜୈବିକ ପଦ୍ଧତି ଧାନ ଚାଷ ଉପରେ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟ ଶାସନ ସଚିବ ରାଜେନ୍ଦ୍ର ଧାନ ଗବେଷଣା କେନ୍ଦ୍ର ପରିଦର୍ଶନ ସମୟରେ ମନୋଜ ଆହୁଜା କହିଛନ୍ତି' ପ୍ରଧାନମନ୍ତ୍ରୀ ପ୍ରକୃତି କ୍ଷେତି ଉପରେ ଜୋର ଦେଉଛନ୍ତି । ଭାରତ ସରକାର ଏହି ଯୋଜନା ଉପରେ ଗୁରୁତ୍ୱ ଦେଉଛନ୍ତି । ନଟବର ଷଡ଼ଙ୍ଗୀ ଉଦ୍ୟମରେ ନିଆଳି ବ୍ଲକ୍ ପୂର୍ବଖଣ୍ଡ ମୌଝାରେ ରାଜେନ୍ଦ୍ର ଧାନ ଗବେଷଣା କେନ୍ଦ୍ର ଯାହା କରିଛନ୍ତି ସେହି ଉପରେ ଆଧାରିତ । ଭାରତରେ ଯେଉଁ ଧାନ ଉତ୍ପାଦନ କରୁଛି, ସେଥିରେ ବହୁ ପରିମାଣରେ ରସାୟନିକ ସାର ବହୁତ ବ୍ୟବହାର ହେଉଛି । ଅଧିକ ରସାୟନିକ ସାର ବ୍ୟବହାର ଦ୍ୱାରା ଏହାର କୁପ୍ରଭାବ ପଡୁଛି । ପୁରୁଣା ପ୍ରଣାଳୀ ମାଧ୍ୟମରେ ଯେଉଁ ଉଦ୍ୟମ ହୋଇଛି ଏହା ପ୍ରଶଂସନୀୟ । ରସାୟନିକ ସାରକୁ ବାଦ ଦେଇ ଜୈବିକ ପଦ୍ଧତିରେ କ'ଣ ସବୁ ବ୍ୟବହାର ହୋଇପାରୁବ ରାଜେନ୍ଦ୍ର ଗବେଷଣା କେନ୍ଦ୍ର ଠାରୁ ଶିଖି ହେବ । ଦେଶୀ ଧାନ ଚାଷ ସମ୍ବନ୍ଧୀୟ ସମସ୍ତ ଜ୍ଞାନକୌଶଳ ଏଠାରେ ଉପଲବ୍ଧ ରହିଛି । ଏହାକୁ ବଢାଇବା ପାଇଁ ପଡିବ । ବିହନ ରଖି ପାରିବେ ଏବଂ ଚାଷୀ ମାନେ ଏଠାରେ ସମସ୍ତ ଚାଷ ସମ୍ପର୍କରେ ତାଲିମ ନେଇ ପାରିବେ । ଅଧିକ ଅମଳ ଆଶାରେ ରାସାୟନିକ ସାର ବ୍ୟବହାର ଚାଷ କରିବା ଦ୍ୱାରା କୁପ୍ରଭାବ ପଡୁଛି କିନ୍ତୁ ଦେଶୀ ଧାନ ଚାଷ କଲେ ସମୟ ଲାଗିବ ପରବର୍ତ୍ତୀ ସମୟରେ ଉତ୍ପାଦନ ବଢିବଛ ଚାଷୀ ଓ ଲୋକ ମାନେ ସଚେତନତ ହୋଇଗଲେ ଏହା ସମ୍ଭବ ହୋଇପାରିବ । ଏଠାରେ ଏକ ହଜାରରୁ ଅଧିକ ଚାଷୀ ସାମିଲ ଅଛନ୍ତି ଏବଂ ଜୈବିକ ପଦ୍ଧତିରେ ଦେଶୀ ଧାନ ଚାଷ କରୁଛନ୍ତି । ଆଗାମୀ ଦିନରେ 'ଓରମାସ'କୁ ନେଇ ଦେଶୀ ଧାନର ଚାଉଳକୁ ବ୍ରାଣ୍ଡିଙ୍ଗ କରି ବଜାରରେ ବିକ୍ରି ଉପରେ ଗରୁତ୍ୱ ଦେଇଛନ୍ତି । ଆଗାମୀ ଦିନରେ ଦେଶୀ ଧାନ ଅଧିକ ଦାମରେ ବିକ୍ରି ହୋଇପାରିବ । ରାଜେନ୍ଦ୍ର ଦେଶୀଧାନ ଗବେଷଣା କେନ୍ଦ୍ରରେ ପାଞ୍ଚ ଶହରୁ ଅଧିକ ଦେଶୀ ଧାନ ମୁଁ ଦେଖିବା ପାଇଁ ପାଇଛି । ଆଗାମୀ ଦିନରେ ଏଠାରେ ଗୋବିନ୍ଦ ଭୋଗ ଧାନ ଜଗନ୍ନାଥଙ୍କ କୋଠ ଭୋଗରେ ସାମିଲ ହୋଇଛି ବୋଲି କହିଛନ୍ତି । ଦେଶୀ ଧାନ ବିହନ ରଖିବା ପାଇଁ ଷ୍ଟୋରେଜ ଆବଶ୍ୟକତା ରହିଛି ସେଥିପାଇଁ ଗୋଷ୍ଠୀ ଦେଶୀ ବିହନ ବ୍ୟାଙ୍କକୁ କଲେ ଉଦଘାଟନ କରିଛି । ରାଜେନ୍ଦ୍ର ଦେଶୀଧାନ ଗବେଷଣା କେନ୍ଦ୍ର ସହାୟକ ଯୁବରାଜ ସ୍ୱାଇଁ କହିଛନ୍ତି ଆମ ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ନିର୍ମିତ ସିଡି ବ୍ୟାଙ୍କ (ଦେଶୀ ବିହନ ବ୍ୟାଙ୍କ) । ଏଥିରେ ସବୁ ଦେଶୀ ଧାନ ସଂରକ୍ଷଣ ହେବ । ଆମର ପାଞ୍ଚ ଦେଶୀ ଧାନ ବିହନ ସଂରକ୍ଷଣ ରହିବା ସହିତ ଏକ କମ୍ୟୁନିଷ୍ଟ ସିଡି ବ୍ୟାଙ୍କ ଭାବରେ ବାଲିଘାଟ ଓ ନିଆଳି ବ୍ଲକର ଦେଶୀ ଧାନ ଚାଷୀମାନେ ସେମାନେ ସେମାନଙ୍କ ଦେଶୀ ଧାନ ବିହନ ରଖି ପାରିବେ ଏବଂ ପରବର୍ତ୍ତୀ ସମୟରେ ସେମାନେ ନେଇ ତାଙ୍କ ଧାନ ଜମିରେ ପ୍ରୟୋଗ କରିପାରିବେ । ଆମ ସହିତ ଦେଢ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସାମିଲ ଅଛନ୍ତି ଏବଂ ଜୈବିକ ପଦ୍ଧତିରେ ଧାନ ଚାଷ କରୁଛନ୍ତି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପରିଦର୍ଶନ କରିବା ସହିତ ସିଡି ବ୍ୟାଙ୍କକୁ ଦେଶୀ ଧାନ ଚାଷୀମାନଙ୍କର ଉଦ୍ଦେଶ୍ୟରେ ଉଦଘାଟନ କରି ଖୁସି ବ୍ୟକ୍ତି କରିଛନ୍ତି । ସେହିପରି ନିଆଳି ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂ ଓ ବାଲିପାଟଣା ବ୍ଲକ ଜିଲ୍ଲାପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ ଉପସ୍ଥିତ ରହି ମୁଖ୍ୟ ଶାସନ ସଚିବଙ୍କ ଦେଶୀ ଧାନ ଚାଷ ଓ ଗବେଷଣା କେନ୍ଦ୍ର ପରିଦର୍ଶନ ସମୟରେ ପ୍ରତ୍ୟେକ କାର୍ଯ୍ୟକୁ ପ୍ରଶଂସା ଦେଶୀ ଧାନ କ୍ଷେତ ପରିଦର୍ଶନ ଓ ଗୋବିନ୍ଦ ଭୋଗ ଜଗନ୍ନାଥଙ୍କ କୋଠ ଭୋଗରେ ସାମିଲ ହୋଇଥିବା ନେଇ କହିଛନ୍ତି ।

# ୧୩ ବର୍ଷ ତଳେ ନିର୍ମିତ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହୋଇପାରୁନି




➡ ଅବହେଳିତ ଆଦିବାସୀ ଛାତ୍ରୀ,

➡ ନଷ୍ଟ ହେଉଛି ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ଟିକାବାଲି, ୨୨।୧୧ (ନି.ପ୍ର): ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାର ଡିଣ୍ଡିମ ପିଟୁଛନ୍ତି, କିନ୍ତୁ ବାସ୍ତବ ଚିତ୍ର କିଛି ଅଲଗା । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍ ଅନ୍ତର୍ଗତ ଏ.ଏମ୍.ସି.ଏସ୍ ମହାବିଦ୍ୟାଳୟ ପରିସରରେ । ଦୀର୍ଘ ୧୨ ବର୍ଷ ତଳେ ୨୦୧୨ ମସିହାରେ ନିର୍ମାଣ ହୋଇଥିବା ୫୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀ ନିବାସ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ, ଯାହା ଫଳରେ ଏହା ଏବେ ଭୂତକୋଠିରେ ପରିଣତ ହେବାକୁ ବସିଲାଣି। ୨୦୧୨ ମସିହାରେ କନ୍ଧମାଳ ଜିଲ୍ଲା ଆଦିବାସୀ ଉନ୍ନୟନ ପରିଷଦ (ଆଇ ଟି ଡ଼ି ଏ) ପାଣ୍ଠିରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ଛାତ୍ରୀ ନିବାସଟି ନିର୍ମାଣ କରାଯାଇଥିଲା । ଉଦ୍ଦେଶ୍ୟ ଥିଲା, ଏହି ଆଦିବାସୀ ବହୁଳ ଅଞ୍ଚଳର ଗରିବ ଏବଂ ଦୂରଦୂରାନ୍ତରୁ ଆସୁଥିବା ଜନଜାତି ଶ୍ରେଣୀର ଛାତ୍ରୀମାନେ ଏଠାରେ ରହି ସୁବିଧାରେ ପାଠ ପଢ଼ିପାରିବେ । କିନ୍ତୁ ବିଡମ୍ବନାର ବିଷୟ, ନିର୍ମାଣ କାର୍ଯ୍ୟ ଶେଷ ହେବାର ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଛାତ୍ରୀନିବାସର ଆରମ୍ଭ ହୋଇନାହିଁ। ରକ୍ଷଣାବେକ୍ଷଣ ଅଭାବରୁ କୋଠାଟି ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଆସିଲାଣି ଏବଂ ଚାରିପାଖରେ ଜଙ୍ଗଲ ସୃଷ୍ଟି ହେଲାଣି । ଏ ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେମାନେ ସରକାରୀ ଉଦାସୀନତାକୁ ଦାୟୀ କରିଛନ୍ତି । କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, କେବଳ କୋଠା ନିର୍ମାଣ ହୋଇଯାଇଛି, କିନ୍ତୁ ଛାତ୍ରୀମାନଙ୍କ ରହିବା ପାଇଁ ଆବଶ୍ୟକୀୟ ଆସବାବପତ୍ର, ଖଟ, ଏବଂ ରୋଷେଇ ସାମଗ୍ରୀ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ହଷ୍ଟେଲ ପରିଚାଳନା ପାଇଁ ନିହାତି ଆବଶ୍ୟକ ଥିବା ମେଟ୍ରୋନ୍, ୱାର୍ଡେନ୍, ରୋଷେୟା କିମ୍ବା ଅନ୍ୟ କୌଣସି ସହାୟକ କର୍ମଚାରୀ ନିଯୁକ୍ତି ପାଇଁ ସରକାର ଆଜି ପର୍ଯ୍ୟନ୍ତ ଅନୁମତି ପ୍ରଦାନ କରିନାହାନ୍ତି । ସରକାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏକ ମହତ୍ ଉଦ୍ଦେଶ୍ୟରେ ନିର୍ମିତ ପ୍ରକଳ୍ପ ଆଜି ବାଟବଣା ହୋଇଛି । ବର୍ତ୍ତମାନ ସ୍ନାତକୋତ୍ତର ପାଠ ପାଇଁ ମହାବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇ ଅନୁମତି ପାଇଥିବାରୁ ବର୍ତ୍ତମାନ ଉଦ୍ଭିଦବିଜ୍ଞାନ, ରସାୟନବିଜ୍ଞାନ, ଇତିହାସ, ଭୂଗଳ ଇତ୍ୟାଦି ୫ଟି ବିଷୟ ରେ ସ୍ନାତକୋତ୍ତର ପାଠ ପଢିବା ପାଇଁ ବହୁ ଦୂରଦୁରାନ୍ତରୁ ଆସୁଥିବାରୁ ଛାତ୍ରୀମାନେ ରହିବା ସୁବିଧା ନପାଇ ହନ୍ତସନ୍ତ ହେଉଛନ୍ତି, ଅନ୍ୟପଟେ ସରକାରୀ ଅର୍ଥରେ ନିର୍ମିତ କୋଠା ନଷ୍ଟ ହେଉଛି । ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇବା ସହ କର୍ମଚାରୀ ନିଯୁକ୍ତି କରି ଛାତ୍ରୀନିବାସକୁ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି



ନୀଳଗିରି, ୨୨।୧୧ (ନି.ପ୍ର): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଦାବିରେ – କ୍ରିୟାନୁଷ୍ଠାନ କମିଟିର ନୀଳଗିରି ଶାଖା ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି । ବାଲେଶ୍ୱର ଏକ କୃଷିପ୍ରଧାନ ଜିଲ୍ଲା । ଜିଲ୍ଲାର ହଜାର ହଜାର ଲୋକ ଧାନ, ପାନ, ମୀନକୁ ଜୀବିକା ଭାବେ ଗ୍ରହଣ କରିଛନ୍ତିଛ ତେଣୁ ଏଠାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି । ଏହାଦ୍ୱାରା ଜିଲ୍ଲାର ଚାଷୀଙ୍କ ଉନ୍ନତି ହେବା ସହିତ କୃଷି ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବଢ଼ିବ ବୋଲି ଦାବି କରିଛି କ୍ରିୟାନୁଷ୍ଠାନ କମିଟିଛ ପୂର୍ବତନ କଲେଜ ଅଧକ୍ଷ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଧାରଣାରେ କମିଟିର ସାଧାରଣ ସମ୍ପାଦକ ଅଭୟ ମିଶ୍ର, ଉପସଭାପତି ହରିନାରାୟଣ ମହୁଆଳ, କ୍ଷେତ୍ରେଶ୍ୱରୀ ଦାସ, ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସିପିଏମ୍ ନେତା ବିଜୟ କୁମାର ପାତ୍ର, ଅମରେନ୍ଦ୍ର ନାୟକ, ଉମାକାନ୍ତ ଷଡ଼ଙ୍ଗୀ, କାଳିଆ ପାତ୍ର, ଷ୍ଟାଲିନ ମିଶ୍ର, ସିପିଆଇ ନେତା ନିରଞ୍ଜନ ବାରିକ, ଗୋବିନ୍ଦ ଚନ୍ଦ୍ର ଭୋଇ, ପ୍ରଫୁଲ୍ଲ ଦାସ ପ୍ରମୁଖ ସାମିଲ ହୋଇଥିଲେ । ଶେଷରେ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ଅର୍ଥ କମିଟି ବୈଠକ



ସୁବର୍ଣ୍ଣପୁର, ୨୨।୧୧ (ନି.ପ୍ର): ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା – ୨୦୨୬ ଆୟୋଜନ ନିମନ୍ତେ ଅର୍ଥ କମିଟିର ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଡ଼ .ନୃପରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ସୋନପୁର ଉପଜିଲ୍ଲାପାଳ ଡ.ସୁମ୍ୟରୁପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେରଙ୍କ ସମେତ ଅର୍ଥ କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ଗତ ବର୍ଷର ଆୟ ଓ ବ୍ୟୟ ବିଷୟରେ ଆଲୋଚନା କରାଯାଇ ଚଳିତ ବର୍ଷ କେମିତି ଅଧିକ ଅର୍ଥ ସଂଗ୍ରହ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଅଂଶଗ୍ରହଣ କରି ଗଦାଧର ବାରିକ, ମନୋରଞ୍ଜନ ତ୍ରିପାଠୀ, ଦିଲୀପ କୁମାର ପାତ୍ର ସେମାନଙ୍କର ସୂଚିତିନ୍ତ ମତାମତ ପ୍ରଦାନ କରିଥିଲେ । ଅର୍ଥ କମିଟିର ଅଧକ୍ଷ ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର ଧାର୍ଯ୍ୟ କରାଯାଇଥିବା ଚାନ୍ଦା ବା ପାଣ୍ଠି ଆଗାମୀ ୩୧ ଡିସେମ୍ବର ୨୦୨୫ ମଧ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ବ୍ୟାଙ୍କ୍ ଆକାଉଣ୍ଟ ରେ ଜମା କରିବା ପାଇଁ ସଂପୃକ୍ତ ଅଧିକାରୀ, ସଂସ୍ଥା ଓ ଅନୁଷ୍ଠାନ ମାନଙ୍କୁ ଅନୁରୋଧ କରିଥଲେ । ଜିଲ୍ଲା ସଂସ୍କୃତି ଅଧିକାରୀ, ସୁବର୍ଣ୍ଣପୁର ସୁଶ୍ରୀ ଯମୁନା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ନିଜାରତ ଅଧିକାରୀ ସତ୍ୟବ୍ରତ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିଭିନ୍ନ ଦାବି ନେଇ କୃଷି ଗ୍ରାମୀଣ ଶ୍ରମିକଙ୍କ ବିକ୍ଷୋଭ



ଜଳେଶ୍ୱର, ୨୨।୧୧ (ନି.ପ୍ର): ରେସନ କାର୍ଡ କାଟିବା ବନ୍ଦ କରି ଅଧିକନ୍ତୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ରେସନ କାର୍ଡ ଦିଅ, ନଭେମ୍ବର ଶେଷ ସୁଦ୍ଧା ଧାନ ମଣ୍ଡି ଖୋଲିବା ସହିତ ଭାଗଚାଷୀଙ୍କ ଠାରୁ ସରକାରୀ ମୂଲ୍ୟରେ ଧାନ କିଣ, ଦେଇଥିବା ପ୍ରତିଶ୍ରୁତି ମୁତାବକ ସମସ୍ତ ପ୍ରକାର ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କର, କୃଷି ଋଣ ଛାଡ କର, ସମସ୍ତ ଭୂମିହୀନଙ୍କୁ ଜମି ପଟ୍ଟା ଦିଅ,ଅଧା ଥିବା ବସୁଧା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକୁ ପୂର୍ଣ୍ଣାଙ୍ଗ କର, ବିଦ୍ୟୁତ ଉତ୍ପାଦନକୁ ଘରୋଇକରଣ କରିବା ମସୁଧାରୁ କ୍ଷାନ୍ତ ରୁହ,୩୦୦ ୟୁନିଟ୍ ପର୍ଯ୍ୟନ୍ତ ନିଃଶୁଳ୍କ ବିଦ୍ୟୁତ ଯୋଗାଇ ଦିଅ, ବ୍ଲକ ଅଫିସରେ ହୋଇଥିବା ଦୁର୍ନୀତିର ନିରପେକ୍ଷ ତଦନ୍ତ କର ଇତ୍ୟାଦି ନାରା ଦେଇ ଶହ ଶହ ଶ୍ରମିକ, କୃଷକ ଓ କୃଷି ଗ୍ରାମୀଣ ଶ୍ରମିକଙ୍କ ଲାଲ୍ ପଟୁଆର ଜଳେଶ୍ୱର ଷ୍ଟେସନ ଛକରୁ ବ୍ଲକ ଅଫିସ ଅଭିମୁଖେ ଆସିଥିଲା । ବ୍ଲକ ଅଫିସ ସମ୍ମୁଖରେ ସମବେତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ସରକାରଙ୍କର ଜନବିରୋଧୀ ନୀତିକୁ କଠୋର ସମାଲୋଚନା କରିଥିଲେ । ଯେଉଁ ସବୁ କାରଣ ଦର୍ଶାଇ ସରକାର ରେସନ କାର୍ଡ କାଟିବା ନିଷ୍ପତ୍ତି କରିଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ । ନିର୍ବାଚନ ସମୟରେ ଯାହା ଯାହା ପ୍ରତିଶ୍ରୁତି ଦେଇ ଲୋକଙ୍କ ସମର୍ଥନ ପାଇଥିଲେ ତାହା ପାଳନ କରନ୍ତୁ,ସମସ୍ତ ପ୍ରକାର ଭତ୍ତା ତିନି ହଜାର ଟଙ୍କାକୁ ବୃଦ୍ଧି କରନ୍ତୁ । ନିଜ ଜମି ହେଉ ବା ଆଉ କାହା ଜମିରେ ଚାଷ କରିଥିବା କୃଷକଙ୍କ ଠାରୁ ସରକାରୀ ଦରରେ ଧାନ କିଣନ୍ତୁ ,୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି କର ଛାଡ଼ କରନ୍ତୁ ବୋଲି ଦୃଢ ଦାବି କରାଯାଇଥିଲା । କୃଷି ଓ ଶ୍ରମଜୀବୀଙ୍କ ନେତା ଦିପ୍ତିମାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କ୍ଷେତ ମଜଦୂର ୟୁନିୟନର ରାଜ୍ୟ ଉପ ସଭାପତି ଶିଶିର ହୁଇ, କୃଷକ ସଭାର ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ଖାଦ୍ୟ ସୁରକ୍ଷା ଯୋଜନାର ଜାତୀୟ ଆବାହକ ସମିତ ପଣ୍ଡା,ଗଣ ଆନ୍ଦୋଳନର ନେତା ଅକ୍ଷୟ କୁମାର ମିଶ୍ର,ଯୁବ ନେତା ଦିଲ୍ଲୀପ ପରିଡ଼ା, ଶ୍ରମିକ ନେତା ପଲ୍ଲୁ ଦାସ,ନାରୀ ନେତ୍ରୀ ମମି ପଣ୍ଡା, କୃଷକ ନେତା ରବିନ୍ଦ୍ର ବାରିକ ବକ୍ତବ୍ୟ ରଖିଥିବା ବେଳେ ଶୋଭାଯାତ୍ରାର ନେତୃତ୍ୱ ଜୀବନ ପରିଡ଼ା, ରାଜୀବ ପଣ୍ଡା, ଆରତୀ ପଲାଇ, ଧୀରେନ୍ଦ୍ର ଦେ, ଲକ୍ଷ୍ମୀଧର ପଲାଇ, ଚନ୍ଦନ ଶତପଥୀ, ଅଶ୍ୱିନୀ ପ୍ରଧାନ,ରତନ ଦାସ, ଧୀରେନ୍ଦ୍ର ଦେ, ଗଣେଶ ଭୂୟାଁ ଭାଗବତ ପ୍ରଧାନ, ଶଙ୍କର ଗୋଛାୟତ,ସାମରାୟ ଟୁଡ୍ଡୁ, କାହ୍ନୁ ସିଂ, କନ୍ଦା ହେମ୍ବ୍ରମ, ସୁମିତ୍ରା ଦେ,ସବିତା ଭୂୟାଁ, ସଞ୍ଜୟ ସାଶମଲ, ଗଣେଶ ପାତ୍ର ପ୍ରମୁଖ ନେଇଥିଲେ । ବିଡ଼ମ୍ବନାର ବିଷୟ ବ୍ଲକ ଅଫିସ ଆଜି ଦୁର୍ନୀତିର ଗନ୍ତାଘର ପାଲଟିଛି । ସାଧାରଣ ଜନତାଙ୍କ ସେବା ପରିବର୍ତ୍ତେ ଏଠାରେ କେବଳ ନେତାଙ୍କ ସେବା ଚାଲିଛି । ଏଥିରୁ କ୍ଷାନ୍ତ ରୁହନ୍ତୁ । ନହେଲେ ସାଧାରଣ ଜନତା ଆଇନକୁ ହାତକୁ ନେବାକୁ ବାଧ ହେବେ ବୋଲି ସଭାରେ ଚେତାବନୀ ଦିଆଯାଇଥିଲା ।

## ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା



କେନ୍ଦ୍ରାପଡ଼ା,୨୨।୧୧ (ନି.ପ୍ର): ଶିଶୁ ଶ୍ରମିକ ପ୍ରଥା ବିଲୋପ ନିମନ୍ତେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା କେନ୍ଦ୍ରାପଡା ସହରର ଭାରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜୟ ଭାରତୀ ସାଥିସମାଜ ସମ୍ପାଦକ ନିରଞ୍ଜନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ 'କ୍ୟାମ୍ପେନ ଏଗନେଷ୍ଟ ଚାଇଲ୍ଡ ଲେବର'(ସିଏସିଏଲ) କେନ୍ଦ୍ରୀୟ ଜୋନ୍‌ର ଆବାହକ ନକୁଳ ଚନ୍ଦ୍ର ସ୍ୱାଇଁ, ଭାରତ ଅନୁଷ୍ଠାନର ନିର୍ଦ୍ଦେଶକ ଉଦୟନାଥ ବେହେରା ଯୋଗଦେଇ ଏହାର ଆଭିମୁଖ୍ୟ, ଆଗାମୀ କାର୍ଯ୍ୟାବଳୀ, ସଚେତନତା ସୃଷ୍ଟି, ଜିଲ୍ଲା ସ୍ତରୀୟ କମିଟିକୁ ସୁଦୃଢ କରିବା, ଟ୍ୟାକ୍ସ ଫୋର୍ସ ଗଠନ, ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା, ଶିଶୁ ଶ୍ରମିକ ପ୍ରଥାକୁ ବିଲୋପ କରିବା, ଶିଶୁମାନଙ୍କୁ କାର୍ଯ୍ୟରେ ନଲଗାଇ ସେମାନଙ୍କ ଶିକ୍ଷାଦାନ ଉପରେ ଗୁରୁତ୍ୱ ପ୍ରଦାନ ଇତ୍ୟାଦି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ସେୟାର ସମ୍ପାଦକ କିଶୋର କୁମାର ସ୍ୱାଇଁ, ରେସୱା ସମ୍ପାଦକ ଲିଆକତ ହୋସେନ, ପଲ୍ଲିଶ୍ରୀର ସିଇଓ ଶ୍ରୀକାନ୍ତ ନାୟକ, ଆର.କେ.ୱାଇ.ପି. ସମ୍ପାଦକ ସୁଶାନ୍ତ କୁମାର ଦାସ, ଶାନ୍ତିମୈତ୍ରୀର ସଂଯୋଜକ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସର୍ବ ସମ୍ମତିକ୍ରମେ ଭାରତର ନିର୍ଦ୍ଦେଶକ ଉଦୟନାଥ ବେହେରାଙ୍କୁ ଜିଲ୍ଲା ଆବାହକ, ସେୟାର ସମ୍ପାଦକ କିଶୋର ସ୍ୱାଇଁଙ୍କୁ ସହ ଆବାହକ, ପଲ୍ଲିଶ୍ରୀ ମହିଳା ସମିତିର ସିଇଓ ଶ୍ରୀକାନ୍ତ ନାୟକଙ୍କୁ ପରାମର୍ଶଦାତା ଭାବେ ଚୟନ କରାଯାଇଥିଲା। ଶେଷରେ ଭାରତର ନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନଜାତି ଗୌରବ ଦିବସ ପାଳିତ

କଳାହାଣ୍ଡି,୨୨।୧୧ (ନି.ପ୍ର): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ ଜନଜାତି ଗୌରବ ଦିବସ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ଅବସରରେ ମହାନ କ୍ରାନ୍ତିବୀର ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀକୁ ସମ୍ମାନ ତଥା ଭକ୍ତିର ଅର୍ଘ୍ୟ ଅର୍ପଣ ପୂର୍ବକ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ କୁଳପତି ଜନଜାତି ସଂସ୍କୃତି ଓ ଐତିହ୍ୟର ଗୁଣଗାନ କରି ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ । ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଜନଜାତିଙ୍କ ଗୌରବ ଗାଥା ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସରକାରୀ ମହାବିଦ୍ୟାଳୟ, ବଲାଙ୍ଗୀରର ଅଧକ୍ଷ ଡକ୍ଟର କୌତୁକ ପନ୍ଦର ବକ୍ତାରୂପେ ଉପସ୍ଥିତ ହୋଇ ଜନଜାତି ଜ୍ଞାନ ଏବଂ ଆଧୁନିକ ଆକାଂକ୍ଷା: ପରଂପରା ଏବଂ ଆସନ୍ତାକାଲିର ସେତୁବନ୍ଧ' ଶୀର୍ଷକରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପୃଥିବୀ , ଭାରତ ତଥା ଓଡିଶାର ଜନଜାତିମାନଙ୍କ ସଂସ୍କୃତି, ଭାଷା ଓ ସାହିତ୍ୟର ଆଲୋଚନା କରି ସାଂପ୍ରତିକ ସମୟରେ ସେମାନଙ୍କ ସାମାଜିକ, ସାଂସ୍କୃତିକ, ଧାର୍ମିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଳେଷଣ କରିଥିଲେ । ପାରମ୍ପାରିକ ଜ୍ଞାନକୌଶଳ ମାଧ୍ୟମରେ ଜନଜାତି ସମାଜର ବିକଶିତ ଦିଗ ସଂପର୍କରେ ମଧ୍ୟ ବକ୍ତା ଉପସ୍ଥାପନ କରିଥିଲେ । ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବିରେନ୍ଦ୍ର କୁମାର ସୁନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର ପ୍ରିୟରଂଜନ ବେହେରା ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡକ୍ଟର ସୁବଳ ତାଣ୍ଡି ମଞ୍ଚ ପରିଚାଳନା କରିଥିବାବେଳେ ଡକ୍ଟର ରୋଜାଲିନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଜନଜାତି ଗୌରବ ଦିବସରେ ସମାଜ ବିଜ୍ଞାନ ବିଭାଗ ତଥା ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ପଳସିଂହା ଗ୍ରାମ ପଞ୍ଚାୟତରେ ତହସିଲ କାର୍ଯ୍ୟ

କେନ୍ଦ୍ରାପଡା,୨୨।୧୧ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ପଳସିଂହା ଗ୍ରାମ ପଞ୍ଚାୟତରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଭାରପ୍ରାପ୍ତ ତହସିଲଦାର ରବିନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ରହି ସାଧାରଣ ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହିତ ବହୁ କାର୍ଯ୍ୟର ସମାଧାନ ମଧ୍ୟ କରିଥିଲେ । ଯଥା ନୂତନ ଓ.ଆର ସଂଶୋଧନ ପଟ୍ଟା, ୩୨ ଗୋଟି ମ୍ୟୁଟେସନ ପଟା ପ୍ରଦାନ, ୫ଗୋଟି ବାସସ୍ଥାନ ପ୍ରମାଣ ପତ୍ର, ୧୫ଜଣଙ୍କ ଆୟ ପ୍ରମାଣ ପତ୍ର,୧୪ଜଣଙ୍କ ହରିଜନ ପ୍ରମାଣ ପତ୍ର, ୧୨ଜଣଙ୍କ ଓ.ବି.ସି ପ୍ରମାଣ ପତ୍ର,୧୨ଜଣଙ୍କ ଏସି.ବିସି ପ୍ରମାଣ ପତ୍ର, ୧୦ଜଣଙ୍କ ଲିଗାଲ ହେୟାର, ଓ.ଆର ସଂଶୋଧନ ପାଇଁ ୪୨ଜଣ ଆବେଦନ କରିଥିଲେ । ଏହି ପଞ୍ଚାୟତରେ ସରକାର ଜମି ଜବର ଦଖଲ କରିଥିବା ସ୍ଥାନ ଗୁଡିକ ଉଚ୍ଛେଦ ପାଇଁ ଗ୍ରାମବାସୀ ଜଣାଇଥିଲେ । ତହସିଲଦାର ଆଚାର୍ଯ୍ୟ ଆର.ଆଇଙ୍କୁ ଏହାର ସବିଶେଷ ତଦନ୍ତ କରି ରିର୍ପୋଟ ଦେବାକୁ ଆଦେଶ ଦେଉଥିଲେ । ଏହାପରେ ଏକ ସରକାରୀ ଆର.ଡି ରାସ୍ତା କରିବା ପାଇଁ ସରପଞ୍ଚ ଦେବେନ୍ଦ୍ର ପରିଡା ଜଣାଇଥିଲେ । ତାହାକୁ ମାପ ପାଇଁ ସୁପରଭାଇଜରକୁ ଦାୟିତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପରିଡା ସରପଞ୍ଚଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଓ ତହସିଲ ଅଫିସର ସମସ୍ତ କର୍ମଚାରି ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିଥିଲେ ।

## ଅଙ୍ଗନୱାଡ଼ି କର୍ମୀଙ୍କ ପକ୍ଷରୁ ସିଡ଼ିପିଓଙ୍କୁ ସ୍ମାରକପତ୍ର

ରିଆମାଳ, ୨୨।୧୧ (ନି.ପ୍ର): ଭାରତୀୟ ମଜଦୂର ସଂଘରେ ଅନୁବନ୍ଧିତ ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରସ୍ ଆସୋସିଏସନର ରିଆମାଳ ବ୍ଲକ (ଦେବଗଡ଼ ଜିଲ୍ଲା ଶାଖା) ପକ୍ଷରୁ ରିଆମାଳ ସିଡ଼ିପିଓଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଏସୋସିଏସନ ରିଆମାଳ ବ୍ଲକ ସଭାନେତ୍ରୀ ସଯୁକ୍ତା ସାହୁ ଓ ସମ୍ପାଦିକା ରଶ୍ମିତା ପୃଷ୍ଟିଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଓ ସଦସ୍ୟା ରିଆମାଳ ସିଡ଼ିପିଓଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏସୋସିଏସନର ଅଭିଯୋଗ ଅନୁଯାୟୀ, ପୂର୍ବରୁ ରାଜ୍ୟ ସରକାରଙ୍କୁ ୧୦ ଦଫା ଦାବି ପତ୍ର ପ୍ରଦାନ କରିବା ସତ୍ୱେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ବେଳେ ଏନେଇ ଆସନ୍ତା ଅକ୍ଟୋବର ୨୪-୧୧-୨୦୨୫ ତାରିଖ ଦିନ ଭୁବନେଶ୍ୱର ଠାରେ ଭାରତୀୟ ମଜଦୂର ସଂଘ ତଥା ଅଲ୍ ଓଡିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କରସ ଏସୋସିଏସନ୍ ପକ୍ଷରୁ ଏକ ଦିବସୀୟ ବିକ୍ଷୋଭ ପ୍ରଦର୍ଶନ କରାଯିବା ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି ।

## ବିଜେପିର ବିଶାଳ ମିଶ୍ରଣ ପର୍ବ

ଜଳେଶ୍ୱର,୨୨।୧୧(ନି ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନା ଗ୍ରାମପଞ୍ଚାୟତର କସିଦା ଗ୍ରାମରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଶାଳ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବକା ସାଥ, ସବକା ବିକାଶ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଅବିରତ ବିକାଶ ଅଭିଯାନ ଓ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଆଦର୍ଶ ନେତୃତ୍ୱ ପ୍ରେରଣାରେ ଗ୍ରାମ ଅଞ୍ଚଳରେ ବିଜେପି ପ୍ରତି ବିଶାଳ ଲୋକ ଆସ୍ଥା ଓ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ନେତା ବ୍ରଜମୋହନ ପ୍ରଧାନଙ୍କ ସଂଗଠିତ ଓ ଦୃଢ଼ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ବ୍ୟାପକ ସଫଳତା ଅର୍ଜନ କରିଛି । ସେଥିପାଇଁ ବିଜୁ ଜନତା ଦଳ ଓ କଂଗ୍ରେସରୁ ୨୦୦ରୁ ଅଧିକ କାର୍ଯ୍ୟକର୍ତ୍ତା ବିଜେପିରେ ଯୋଗଦାନ କରିଥିଲେ । ବିଜେପି ନେତା ବ୍ରଜମୋହନ ପ୍ରଧାନ,ପଶ୍ଚିମବାର୍ଡ ମଣ୍ଡଳ ସଭାପତି ବିଜୟ କୁମାର୍ ସାମଲ, ବର୍ତନା ସମିତି ସଭ୍ୟ ତ୍ରିଲୋଚନ ଦାସ, ଭୂପତି ମିଦ୍ଧା ଏହି ଅବସରରେ ଉପସ୍ଥିତ ଥିଲେ । ବାଙ୍ଗରା ମାରାଣ୍ଡି, ହେମନ୍ତ କୁମାର ଜେନା (ଟୁଟୁ), ରବୀନ୍ଦ୍ର ଜେନା, ବାସବ ଚରଣ ଜେନା, ଦୟାଲ ହରି ଦାସ, ପ୍ରଶାନ୍ତ ମହାଳିକ, ଘନଶ୍ୟାମ ଜେନା, ରାମଶଙ୍କର ଦାସ, ତପନ ଦଳାଇ, ନାରାୟଣ ହୁଇ, ଉମାକାନ୍ତ ଜେନା, ପଦ୍ମଲୋଚନ ବିର, ଜଗନ୍ନାଥ ବିର, ଶ୍ରୀପତି ବିର, ହରିଶନ୍ଦ୍ର ଦାସ, ବିଭୁ ଦାସ, ଆଶିଷ ବାରିକ, ଉଦୟ ଗିରି, ବଂକିମ ବାରିକ, ମନ୍ମଥ ଜେନା, ମନୋଜ କୁମାର ଟୁଟୁ, ଧନଞ୍ଜୟ ଜେନା, ବାସନ୍ତୀ ଜେନା, ସରୋଜ କୁମାର ଗିରି, ସୁଶାନ୍ତ ଜେନା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନେ ବିଜେପିରେ ଯୋଗଦାନ କରିଥିଲେ ।

## ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ନେଇ ତଦନ୍ତ କଲେ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍

ବାଲିଗୁଡା,୨୨।୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ସୁବର୍ଣ୍ଣଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନାମରେ କିଛି ଦିନ ତଳେ ଏକ ଲିଖିତ ଅଭିଯୋଗ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ ହୋଇଥିଲା । ଉକ୍ତ ଅଭିଯୋଗକୁ ଆଧାର କରି ତଦନ୍ତ ପାଇଁ ଏକ ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ ଏଡିଏମ ଅକ୍ଷୟ କୁମାର ସାହୁ, ପ୍ରତିଷ୍ଠାନ ଅଧିକାରୀ ରାଜକିଶୋର ସିଂ ପ୍ରମୁଖ ଆସି ତଦନ୍ତ କରିଛନ୍ତି । ସୂଚନାନୁଯାୟୀ ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ସୁବର୍ଣ୍ଣଗିରି ସରପଞ୍ଚ ସୋମନାଥ ପ୍ରଧାନ ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅଭିଯୋଗ ପତ୍ର ଦେଇଥିଲେ । ଅଭିଯୋଗପତ୍ରରେ, ତଳ କର୍ମଚାରୀ ଓ ରୋଗୀମାନଙ୍କ ଠାରୁ ଟଙ୍କା ମାଗିବା, ମଦ୍ୟପାନ କରି ଘରେ ଶୋଇବା , ରାଗ ରଖି କର୍ମଚାରୀଙ୍କୁ ହଇରାଣ କରିବା, ସ୍ୱାସ୍ଥ୍ୟକେନ୍ଦ୍ରରେ ମାସକୁ ୪ ରୁ ୫ ଦିନ ମାତ୍ର ରହୁଛନ୍ତି ବୋଲି ଅନେକ ଅଭିଯୋଗ ରହିଥିଲା । ଏହି ସବୁ ଅଭିଯୋଗକୁ ସ୍ଥାନୀୟ ଲୋକ ଏବଂ ଆଶା କର୍ମୀ, ଏଏନଏମ ଓ ଅନ୍ୟ ସବୁ କର୍ମଚାରୀ ଖଣ୍ଡନ କରିଛନ୍ତି । ତଦନ୍ତକାରୀ ଦଳ ଶୁକ୍ରବାର ଜଣ, ଜଣ ଙ୍କୁ ଡାକି ପଚାରି ବୁଝିଥିଲେ । କିନ୍ତୁ ସୁବର୍ଣ୍ଣଗିରି ସରପଞ୍ଚଙ୍କୁ ଛାଡିଦେଲେ ଅନ୍ୟ ସ୍ୱାକ୍ଷର କରିଥିବା ଅଭିଯୋଗ କାରି କେହିମଧ ଆସିନଥିଲେ । ଏ ସମ୍ପର୍କରେ ଗୁଗୁରୁମାହା ସରପଞ୍ଚ ମଶେଷ କାର୍ଜିମାଝି ଓ ସୁବର୍ଣ୍ଣଗିରି ସମିତି ସଭ୍ୟା ସଞ୍ଜୁ ପ୍ରଧାନଙ୍କୁ ପଚାରିବାରୁ ସେମାନେ ଏହାକୁ ମିଥ୍ୟା ବୋଲି କହିଛନ୍ତି । କାହିଁକିନା ଆମେ ନୂତନ ବ୍ଲକ ଗଠନ କରିବାକୁ ବସିବା ସମୟରେ ଆମ ସମସ୍ତଙ୍କ ଦସ୍ତଖତ ନେଇଥିଲେ ଓ ଆମ ଆଜ୍ଞାତରେ ଡାକ୍ତରଙ୍କ ବିରୋଧରେ ଲେଖି ଦେଇଥିବା ପ୍ରକାଶ କରିଛନ୍ତି ଗୁଗୁରୁମାହା ସରପଞ୍ଚ । ଡାକ୍ତର ନାମରେ ଥିବା ସମସ୍ତ ଅଭିଯୋଗ କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସାଂସଦ ପ୍ରତିନିଧି ସନୁ ପ୍ରଧାନ ଓ କୋଟଗଡ଼ ଅଞ୍ଚଳବାସୀ ଭିତ୍ତି ହୀନ ବୋଲି କହିଛନ୍ତି । ଆଶା, ଏଏନଏମ, ଷ୍ଟାପନର୍ସ, ନର୍ସିଙ୍ଗ ଅଫିସର, ଡାକ୍ତର ଓ ସମସ୍ତ ହସ୍ପିଟାଲ କର୍ମଚାରୀ ସମସ୍ତେ ଡାକ୍ତର ଭଗବାନ ସୁରେନ ଇନଚାର୍ଜ ହିସାବରେ ଭଲ ଥିବା କହୁଥିବା ବେଳେ ତଦନ୍ତ କାରୀ ଟିମଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ଜିଲ୍ଲାସ୍ତରୀୟ ସରଗି ଫୁଲର ଶୁଭାରମ୍ଭ




ପାପଡାହାଣ୍ଡି, ୨୨।୧୧ (ନି.ପ୍ର): ପାପଡାହାଣ୍ଡି ଦଳେଇଗୁଡ଼ା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସରଗି ଫୁଲ -୨୦୨୫ ଶୁଭାରମ୍ଭ ହୋଇଛି । ଏହା ଆଜିଠାରୁ ୩ ଦିନ ବ୍ୟାପି ଏଠାରେ ଅନୁଷ୍ଠିତ ହେବ, ନବରଙ୍ଗପୁର ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଜିଲ୍ଲାସ୍ତରୀୟ ସରଗି ଫୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉପସ୍ଥିତ ୩୦୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ମାନଙ୍କରେ କୌଣସି ପ୍ରକାର ଅସୁବିଧା ହେଉଛି କି ବୋଲି ପଚାରି ବୁଝିଥିଲେ । ଛାତ୍ର ଛାତ୍ରୀଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହୋଇ ନିଜ ନିଜ ପରିବାର,ବିଦ୍ୟାଳୟ, ଅଞ୍ଚଳ, ଜିଲ୍ଲା, ରାଜ୍ୟ ଏବଂ ଦେଶର ଟେକ ରଖିବାକୁ କହିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଅତିରିକ୍ତ ଜିଲ୍ଲପାଳ ତପନ କୁମାର ଖୁଣ୍ଟିଆ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ଶିକ୍ଷା ନିରୀକ୍ଷକ କୈଳାଶ ଚନ୍ଦ୍ର ମହାରଣା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ନିବେଦିତା ବିଶ୍ୱାଳ, ପାପଡାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା, ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ ପ୍ରଭାତୀ ବେହେରା ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ,ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ଏବଂ ଜିଲ୍ଲା ସ୍ତରୀୟ ଭଲିବଲ ପ୍ରତିଯୋଗିତାର ଆୟୋଜନ କରାଯାଇଛି । ଏଥିରେ ଯେଉଁମାନେ ବିଜୟୀ ହେବେ ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ, ଏହି ଅବସରରେ ସନ୍ଧ୍ୟାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା



ଫୁଲବାଣୀ, ୨୨।୧୧ (ନି.ପ୍ର): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବ୍ଲକସ୍ତରୀୟ ବିଜ୍ଞାନମେଳାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଠାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁରଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଭାବରେ ଉଦଯାପନୀ ଉତ୍ସବରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ମୀନା କୁମାରୀ ଦିଗାଲ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ସିମାଞ୍ଚଳ, ଏବିଇଓ ସିମାଦ୍ରୀ କହଁର, ଏବିଇଓ ଧନେଶ୍ୱର କହଁର, ଜିଲ୍ଲା ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଦିଗାଲ, ବ୍ଲକ ଶିକ୍ଷକ ସଂଘ ସଭାପତି ଦିନେଶ ବେହେରା, ଏନପିଏସ୍ ବ୍ଲକ ଶିକ୍ଷକ ସଂଘ ସଭାପତି ସରୋଜ ସେଠୀ ଯୋଗଦେଇ ଥିଲେ । ବାଲ୍ ପ୍ରଦର୍ଶନୀରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୁଲ୍ୟରେ ୭ଗୋଟି ଉପ ବିଷୟରୁ ୭ଗୋଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇ ଶ୍ରେଷ୍ଠ ୭ ଜଣ ଜୁନି ବୈଜ୍ଞାନିକ,ବିଜ୍ଞାନ ମେଳା କନିଷ୍ଠ ବର୍ଗରୁ ଶ୍ରେଷ୍ଠ ୩ ଜଣ ଏବଂ ବରିଷ୍ଠ ବର୍ଗରୁ ଶ୍ରେଷ୍ଠ ୩ ଜଣଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ନିମନ୍ତେ ଚୟନ କରାଯିବା ସହିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ମୀନା କୁମାରୀ ଦିଗାଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଲଲାଟେନ୍ଦୁ ନାୟକ, ଅରୁଣ କୁମାର ଦେ ଏବଂ ସରୋଜ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦୭ ଟି ପ୍ରକଳ୍ପ ସହ ପ୍ରାୟ ୧୨୦ ଛାତ୍ରଛାତ୍ରୀ ଓ ୧୦୭ ଜଣ ଗାଇଡ ଶିକ୍ଷକ,ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# କର୍ମଫଳ

**କାଳିକିଙ୍କର**

ଗୋଟିଏ ଗାଁରେ ଜଣେ ବ୍ରାହ୍ମଣ ଦମ୍ପତ୍ତି ବାସ କରୁଥିଲେ। ସେମାନେ ନିଜର କର୍ମକୁ ଜୀବନରେ ମହତ୍ତ୍ୱ ଦେଉଥିଲେ। ବ୍ରାହ୍ମଣ ହୋଇ ଯେ ସେମାନେ କେବଳ ପୂଜାର୍ଚ୍ଚନା ଓ ଶାସ୍ତ୍ର ଆଲୋଚନା କରିବେ ତାହା ସେମାନେ ଠିକ ଭାବୁ ନ ଥିଲେ । ତାଙ୍କର ଯେଉଁ ଚାଷ ଜମି ଥିଲା ସେଥିରେ ସେମାନେ ଚାଷ କରୁଥିଲେ । ନିଜେ ଚାଷ ଜମିରେ ହଳ ଯୋଖି ଜମିକୁ ଚାଷ ଉପଯୋଗୀ କରୁଥିଲେ। ନିଜ ଗଡ଼ିଆରେ ସେମାନେ ମାଛ ଚାଷ କରୁଥିଲେ। ସମୟ ହେଲେ ନିଜେ ଜାଲ ନେଇ ନଈ ଓ ନାଳରୁ ମାଛ ଧରୁଥିଲେ। ଘର ବାଡ଼ିରେ ସ୍ୱାମୀ ସ୍ତ୍ରୀ ଅନେକ ପନିପରିବା ଚାଷ କରୁଥିଲେ। ବ୍ରାହ୍ମଣୀ ସିଲେଇ କାମ ଜାଣିଥିବାରୁ ସାହିର ଲୋକଙ୍କ ଲୁଗା ଆଣି ସିଲେଇ କରି ଦେଉଥିଲା। ସେମାନେ ସୁଖରେ ଚଳୁଥିଲେ ଓ ବଳକା, ମାଛ, ଶାଗ, ପନିପରିବା ଆଦି ବଜାରକୁ ନେଇ ବିକୁଥିଲେ। ସେଥିରୁ ମଧ୍ୟ ଭଲ ଦି' ପଇସା ପାଉଥିଲେ ।

ବ୍ରାହ୍ମଣସାହିର ଅନ୍ୟ ବ୍ରାହ୍ମଣମାନେ ଏ ବ୍ରାହ୍ମଣ ବ୍ରାହ୍ମଣୀଙ୍କୁ ଭଲ ପାଉ ନ ଥିଲେ । ଉଚ୍ଚ ଜାତି ବ୍ରାହ୍ମଣ ହୋଇ ଜମି ଚାଷ କରିବା ପୁଣି ନିଜେ ହଳ ଚଳେଇବା ଜାତି ବିରୁଦ୍ଧ କାମ ବୋଲି ଭାବୁଥିଲେ । ମାଛ ଧରିବା ଓ ବିକିବା କାମ କେଉଟଙ୍କର ଓ ପନିପରିବା ଆଦି ଚାଷକରି ବିକିବା କାମ ଚଷାଙ୍କର ବୋଲି କହୁଥିଲେ। ବ୍ରାହ୍ମଣର ସ୍ତ୍ରୀ ସାହି ଲୋକଙ୍କର ବ୍ୟବହୃତ ଲୁଗା ସିଲାଇ କରୁଥିବାରୁ ଘୋର ଆପତ୍ତି ଥିଲା ବ୍ରାହ୍ମଣ ସମାଜର। ସାହିରେ ତଳ ଜାତିର ଲୋକେ ରହନ୍ତି। ତାଙ୍କ ଲୁଗା ଆଣି ସିଲାଇ କରିବ ବ୍ରାହ୍ମଣ ଘରର ବୋହୂ– ଛିଃ ଛିଃ ଛିଃ !!

ସେମାନେ ସେ ବ୍ରାହ୍ମଣ ଦମ୍ପତ୍ତିଙ୍କର ବିରୁଦ୍ଧରେ କିଛି କରି ପାରୁ ନ ଥାନ୍ତି କାରଣ ଦେଶର ସମ୍ବିଧାନରେ ଏମିତି ବ୍ୟବସ୍ଥା ତା'ର କରୁଥିବା କର୍ମ ବିରୁଦ୍ଧରେ ନାହିଁ । ସେମାନେ କିନ୍ତୁ ପ୍ରଚାର କରିବାରେ ସଫଳ ହେଲେ ଯେ ଏ ବ୍ରାହ୍ମଣ ଜାତି ଧର୍ମ ହରେଇ ଦେଇଛି। ସେ ପୂଜାର୍ଚ୍ଚନା କଲେ ଦିଅଁ ଦେବତା ସନ୍ତୋଷ ହେବେ ନାହିଁ । ଏ ବ୍ରାହ୍ମଣ ହାତରେ ଦାନ ଧର୍ମ କଲେ ପୁଣ୍ୟ ମିଳିବ ନାହିଁ । ଅନେକେ ବ୍ରାହ୍ମଣ ସମାଜର କଥା ମାନିନେଲେ। ଏ ବ୍ରାହ୍ମଣ ଦମ୍ପତ୍ତି ଓ ତାଙ୍କର ପୁଅମାନଙ୍କୁ ଏକ ପ୍ରକାର ବାସନ୍ଦ କଲେ।

ବ୍ରାହ୍ମଣ ଦମ୍ପତ୍ତିଙ୍କର ଚାରିପୁଅ। ଚାରିପୁଅଙ୍କୁ ବାପା ମାଆ ବୁଝେଇଲେ ଯେ ଏ ସଂସାରରେ କର୍ମ ସବୁଠାରୁ ବଡ଼, ଜାତି ବା ଧର୍ମ ନୁହେଁ । ଆମେ ବ୍ରାହ୍ମଣ ଘରେ ଜନ୍ମ ନେଇଛୁ ବୋଲି ଆମ ଭିତରେ ଗର୍ବ ବା ଅହଙ୍କାର ରହିବା ଉଚିତ ନୁହେଁ। ମଣିଷର ଶିଶୁ ଜନ୍ମ ମାତ୍ରକେ ସାଧାରଣ ଶିଶୁ ହୋଇ ଜନ୍ମ ନିଏ । ତାକୁ ଯଦି ବ୍ରାହ୍ମଣର କର୍ମ ଶିଖାଇ ଦିଆହେବ ତେବେ ସେ ବ୍ରାହ୍ମଣ ହେବ । ଚାଷବାସ କଲେ ଚଷା ହେବ । ମାଛ ଆଦି ଧରିଲେ କେଉଟ ହେବ। ହାଣ୍ଡି ଗଢିଲେ କୁମ୍ଭାର ହେବ । ଦାଆ, ପନଖି, ହଳ, କୋଦାଳ ଆଦି ଯେ ଗଢ଼ିଥାଏ ସେ କମାର। ଯେ ବେପାର ବଣିକ କରେ ସେ ବଣିଜ । ତେଣୁ ତୁମେ ତୁମର ରୁଚି ଓ ସାମର୍ଥ୍ୟ ଅନୁସାରେ କାମ କର । କିଏ କଣ କହୁଛି ସେଥିପ୍ରତି ଧ୍ୟାନ ଦିଅ ନାହିଁ।

ଜଣେ ପୁଅ ଶିକ୍ଷକତା ସହ ପୂଜାର୍ଚ୍ଚନା କଲା। ଆଉ ଜଣେ ପୁଅ ଚାଷବାସରେ ଧ୍ୟାନ ଦେଲା। ତୃତୀୟ ଜଣକ ପୋଲିସ ଚାକିରି କଲା ଓ ଚତୁର୍ଥ ଜଣକ ବେପାର ବଣିଜ କଲା। ଏମିତି ଦେଖି ବ୍ରାହ୍ମଣ ସମାଜର ଲୋକେ ଅଧିକ ରାଗିଗଲେ । ସେମାନେ ସାହି ସାହି ବୁଲି ତାଙ୍କ ବ୍ରାହ୍ମଣ ସମାଜର ଲୋକଙ୍କୁ କହିଲେ ଯେ ସେମାନେ ତାଙ୍କ ଘରର ଝିଅଙ୍କୁ ଏ ଅଜାତିଆ ବ୍ରାହ୍ମଣ ପୁଅମାନଙ୍କୁ ଦେବେ ନାହିଁ । ବ୍ରାହ୍ମଣ ପୁଅମାନେ ଏବେ ଅସୁବିଧାରେ ପଡ଼ିଲେ। ବିବାହ ବୟସରେ ବାହାହେବାକୁ ଯେତେ ଇଚ୍ଛାହେଲେ ମଧ୍ୟ କେହି ସାହିର ବ୍ରାହ୍ମଣ ସେମାନଙ୍କୁ ଝିଅ ବାହାଦେବାକୁ ରାଜି ହେଲେନାହିଁ । ଏମିତି ସମୟରେ ବ୍ରାହ୍ମଣ ସାହିର କିଛି ଦୁଷ୍ଟ ବ୍ରାହ୍ମଣ ସେ ପୁଅମାନଙ୍କୁ ତାଙ୍କ ବାପା ମାଆଙ୍କ ବିରୁଦ୍ଧରେ ଯିବାପାଇଁ ପ୍ରବର୍ତ୍ତାଇଲେ। କହିଲେ, ତୁମେ ଯଦି ତୁମ ବାପା ମାଆଠାରୁ ଅଲଗା ହେବ ଓ ସେମାନଙ୍କ ସହ ସମ୍ପର୍କ ଛିନ୍ନ କରିବ ତେବେ ତୁମମାନଙ୍କର ବାହାଘର ବ୍ରାହ୍ମଣ ସାହିର ଝିଅଙ୍କ ସହ କରେଇ ଦେବା ।

ଏବେ ପୁଅମାନେ ତାଙ୍କର ବାପା ମାଆଙ୍କୁ ବିରୋଧ କରି ଅଲଗା ରହିବାକୁ ଲାଗିଲେ । ନିଜ ଇଚ୍ଛାରେ ବାହା ହେଲେ । ବାପା ମାଆଙ୍କୁ ଡାକିଲେ ମଧ୍ୟ ନାହିଁ । ସାହିବାଲାଙ୍କ କଥାରେ ଚାଲି ବ୍ରାହ୍ମଣ ବ୍ରାହ୍ମଣୀ ଦମ୍ପତ୍ତିଙ୍କ ଠାରୁ ଜମି ଭାଗ ନେଲେ। ନିଜର ବାପା ମାଆଙ୍କୁ ନିନ୍ଦା ଅପମାନ କଲେ । ତାଙ୍କର କର୍ମ ଆଧାରିତ ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କଲେ । ଏମିତି ପରିସ୍ଥିତି ସୃଷ୍ଟିକଲେ ଯେ ବାପା ମାଆଙ୍କ ସହ କୌଣସି ସମ୍ପର୍କ ରଖିଲେ ନାହିଁ । କେବଳ ବାହା ହୋଇ କେମିତି ସୁଖୀ ହେବେ ସେହି ଲାଳସାରେ ବାପା ମାଆଙ୍କର ଆଦର୍ଶ ଓ ତ୍ୟାଗକୁ ଭୁଲି ପକେଇଲେ।

ଆଖିରୁ ଲୁହ ଝରେଇ ସବୁଦିନ କାନ୍ଦୁଥାନ୍ତି ବ୍ରାହ୍ମଣୀ । ଦଶମାସ ଦଶଦିନ ଗର୍ଭରେ ଧରି କେତେ ଦୁଃଖ କଷ୍ଟ ସହି ଚାରି ପୁଅଙ୍କୁ ବଡ଼ କରିଥିଲେ ସେ। ସ୍ୱାମୀଙ୍କ ପରି ସେ କର୍ମ ଉପରେ ବିଶ୍ୱାସ କରିଥିଲେ। ମିଛ ବ୍ରାହ୍ମଣବାଦକୁ ସେ ବିଶ୍ୱାସ କରୁ ନ ଥିଲେ। ସ୍ୱାମୀଙ୍କ ସହ ସେ ଏକମତ ଥିଲେ ଯେ ଭଗବାନ ସ୍ୱୟଂ ଶବରୀର ଅଇଁଠା ଖାଇଥିଲେ– ଗଉଡ଼ ଘରେ ଜନ୍ମ ନେଇଥିଲେ– ଭଗବାନଙ୍କର ଜାତି ନ ଥାଏ। ସେ ଜଗନ୍ନାଥ– ସାରା ଜଗତର ନାଥ। ଶ୍ରୀକ୍ଷେତ୍ରରେ ବ୍ରାହ୍ମଣ ଚଣ୍ଡାଳ ଖୋଆଖୋଇ ହୁଅନ୍ତି । କର୍ମ ହିଁ ବଡ଼।

ବ୍ରାହ୍ମଣ ଆପଣାର ସ୍ତ୍ରୀଙ୍କୁ ବୁଝେଇ କୁହନ୍ତି– ତୁମେ କାନ୍ଦ ନାହିଁ – ଯିଏ ଯେମିତି କର୍ମ କରିବ ସେ ସେମିତି କର୍ମଫଳ ଭୁଞ୍ଜିବ । ଭଲ କର୍ମ ଯଦି ଆମେ କରିଥିବୁ ତେବେ ସ୍ୱର୍ଗରେ ଯାଇ ବୈକୁଣ୍ଠ ଭୋଗିବୁ ଆଉ ଯଦି ଆମର କର୍ମ ମନ୍ଦ ହୋଇଥିବ ତେବେ ଯମପୁରୀରେ ନର୍କ ଯନ୍ତ୍ରଣା ଭୋଗିବୁ। ଆମେ ଆମ ପୁଅଙ୍କୁ ଜନ୍ମ ଦେଇଛୁ– ଭଲ କର୍ମ କରିବାକୁ ଶିକ୍ଷା ଦେଇଥିଲୁ କିନ୍ତୁ ସେମାନେ ଯଦି ଆମ କର୍ମକୁ ଭୁଲ ଭାବି ଠିକ୍ ବାଟରେ ଯାଇଛନ୍ତି – ଯାଆନ୍ତୁ । ଯିଏ ଯାହାର କର୍ମର ଫଳ ଭୋଗିବେ ଏ ସଂସାରରେ ଓ ଆରପାରିରେ।

ଆଖିରୁ ଲୁହ ପୋଛି ବ୍ରାହ୍ମଣୀ କହିଲେ ଦେଖ, ଆରପାରି କଥା କିଏ ଜାଣିଛି। ତେବେ ବୁଢ଼ାବୟସରେ ଆମର କେହି ନିଜର ନାହାନ୍ତି।

ଆମ ସେବାଯତ୍ନ କରିବେ କଣ ଚାରୋଟିଯାକ ପୁଅ ସାତପର ହୋଇ ଚାଲିଗଲେ । ବାପା ମାଆଙ୍କର କଥା ଟିକିଏ ତାଙ୍କର ମନେ ପଡୁନାହିଁ । ଗୋଟିଏ ବାଟରେ ଅଚିହ୍ନା ମଣିଷଙ୍କ ପରି ପୁଅ ବୋହୂ ନାତି ନାତୁଣୀ ଚାଲି ଯାଆନ୍ତି। ଏ ବୁଢ଼ାବୁଢ଼ୀ କଣ କେମିତି ଅଛନ୍ତି ଥରେ ମଧ୍ୟ ପଚାରନ୍ତି ନାହିଁ । ଇଚ୍ଛାହୁଏ ଏ ଜୀବନ ଶୀଘ୍ର ଚାଲି ଯାଆନ୍ତା କି ? ଆତ୍ମହତ୍ୟା କରିବା ଶାସ୍ତ୍ର ସିଦ୍ଧ କଥା ନୁହେଁ । ତେଣୁ ଆମକୁ ବଞ୍ଚିବାକୁ ହେବ ଏ ସବୁ ଦୁଃଖ ଓ ଯନ୍ତ୍ରଣା ସହି ।

ଅବସୋସ ସହ ବ୍ରାହ୍ମଣୀ କହନ୍ତି, ''ଶୁଣୁଛ– ଦୁଷ୍ଟମାନେ ଆମକୁ ଛିଗୁଲେଇ କଣ କଥା ହେଉଛନ୍ତି ?''

''କଣ ?''– ପଚାରିଲେ ବ୍ରାହ୍ମଣ ।

–କହୁଛନ୍ତି ଯେ ଆମେ ମରିବା ସମୟରେ ଆମ ପୁଅମାନେ ପାଣି ମୁନ୍ଦେ ଦେବାକୁ ଆସିବେନି କି ମରିବାପରେ ମୁହଁରେ ନିଆଁ ଦେବାକୁ ଆସିବେନି। ଶୁଦ୍ଧି ଶୁଦ୍ଧକର୍ମ ଶ୍ରାଦ୍ଧ ଆଦି ତ ବହୁତ ଦୂରର କଥା।

–ହେଉ, ଆମକୁ ଆମ ପୁଅ ବୋହୂ ନାତିନାତୁଣୀଙ୍କ ଠାରୁ କିଛି ଆବଶ୍ୟକ ନାହିଁ। ଜୀବଦ୍ଦଶାରେ ଯିଏ ନିଜର ହେଲେ ନାହିଁ ସେ ମଲାପରେ କଣ କଲେ ନ କଲେ କିଏ ଦେଖିବ। ତେବେ ତୁମେ ବ୍ୟସ୍ତ ହୁଅନାହିଁ – ସେ ଦାୟିତ୍ୱରୁ ମଧ୍ୟ ଆମେ ସେମାନଙ୍କୁ ମୁକ୍ତ କରି ଆରପାରିକୁ ଯିବୁ।

ଆରପାରିକୁ ଯିବାର ବେଳ ଆସିଗଲା । ବାର୍ଦ୍ଧକ୍ୟାଶ୍ରମରୁ ବ୍ରାହ୍ମଣ ବ୍ରାହ୍ମଣୀଙ୍କର ଶବକୁ ଫୁଲରେ ଆଚ୍ଛାଦିତ କରି ବିଶାଳ ପଟୁଆରରେ ଡାକ୍ତରୀ ମହାବିଦ୍ୟାଳୟକୁ ଗଲା । ପୁଅ ବୋହୂ ନାତି ନାତୁଣୀ ଯେତେ ଅନୁନୟ ବିନୟ ହେଲେ ମଧ୍ୟ ସେମାନେ ବାପା ମାଆଙ୍କର ମୃତ ଶରୀରକୁ ଛୁଇଁ ମଧ୍ୟ ପାରିଲେ ନାହିଁ। ବ୍ରାହ୍ମଣ ବ୍ରାହ୍ମଣୀ ଏ ପୁରରେ ସେମାନେ ଅର୍ଜିଥିବା ବାକି ସମ୍ପତ୍ତି ବୃଦ୍ଧାଶ୍ରମ ଓ ଚିକିତ୍ସା ମହାବିଦ୍ୟାଳୟକୁ ନିଜ ଶରୀର ସହ ଦାନ କରିଦେଇ ଯାଇଥିଲେ।

ସ୍ଥୂଳ ଶରୀର ଏଇଠି ରହିଲା । ସୂକ୍ଷ୍ମଶରୀରକୁ ଧରି ଯମଦୂତମାନେ ମର୍ତ୍ତ୍ୟରୁ ପ୍ରସ୍ଥାନ କରିଥିଲେ ଯେ ବାଟରେ ବିଷ୍ଣୁଦୂତମାନେ ବାଟ ଓଗାଳିଲେ । ଚିତ୍ରଗୁପ୍ତ ସେଠାରେ ଥିଲେ। ଏ ବ୍ରାହ୍ମଣ ବ୍ରାହ୍ମଣୀ ଉଚିତ୍ କର୍ମ ମଣିଷ ହିସାବରେ ଓ ବାପାମାଆ ହିସାବରେ ସମ୍ପାଦନ କରିଥିବାରୁ ବୈକୁଣ୍ଠପୁରୀକୁ ଯିବେ ବୋଲି ଯମଦୂତଙ୍କୁ କହିଲେ । ତା' ପରେ ବିଷ୍ଣୁଦୂତମାନେ ଏମାନଙ୍କୁ ନେଇ ସ୍ୱର୍ଗପୁରକୁ ଚାଲିଗଲେ।

ଅନେକ ବର୍ଷ ବିତିଯାଇଛି। ବ୍ରାହ୍ମଣ ବ୍ରାହ୍ମଣୀ ସ୍ୱର୍ଗପୁରରେ ନିଜର ଚାରିପୁଅଙ୍କୁ ନ ପାଇ ଅସ୍ଥିର ହୋଇଛନ୍ତି। ସେମାନେ ଭାବୁଛନ୍ତି ଯେ ପ୍ରାୟ ଶହେବର୍ଷ ହେଲାଣି ସେମାନେ ଏ ବୈକୁଣ୍ଠକୁ ବା ସ୍ୱର୍ଗପୁରୀକୁ ଆସିଲେଣି। ତାଙ୍କର ପୁଅମାନେ କଣ ଏ ପର୍ଯ୍ୟନ୍ତ ସେହି ମର୍ତ୍ତ୍ୟରେ ଅଛନ୍ତି ?

ସେମାନେ ଦିନେ ଚିତ୍ରଗୁପ୍ତ ମହାରାଜଙ୍କୁ ଏ ବିଷୟରେ ପଚାରି ବୁଝିଲେ ଯେ ଚାରିଜଣଯାକ ପୁଅ ସେମାନଙ୍କ ପ୍ରତି ଉଚିତ୍ କର୍ମ କରି ନ ଥିବାରୁ ନର୍କରେ ପଡ଼ି ଯନ୍ତ୍ରଣା ଭୋଗୁଛନ୍ତି। ସେମାନେ ବା ମଣିଷ ବୁଝିପାରେ ନାହିଁ ଯେ ମହୀମଣ୍ଡଳରେ ମାତା ପିତା ହେଲେ ସ୍ୱୟଂ ନାରାୟଣ ଓ ନାରାୟଣୀଙ୍କର ଅଂଶବିଶେଷ। ତାଙ୍କ ସେବା ସମ୍ମାନ କରିବା ପ୍ରତ୍ୟେକ ପୁଅ, ଝିଅ, ବୋହୂଙ୍କର କର୍ତ୍ତବ୍ୟ। ଏ କର୍ମ ଯିଏ ନ କରେ ଏବଂ ଯେତେ ପ୍ରାଚୁର୍ଯ୍ୟ ଭିତରେ ରହିଲେ ମଧ୍ୟ ନର୍କ ଭୋଗ ସୁନିଶ୍ଚିତ।

ବ୍ରାହ୍ମଣ ଓ ବ୍ରାହ୍ମଣୀ ଚିତ୍ରଗୁପ୍ତ ମହାରାଜଙ୍କୁ ଥରେ ତାଙ୍କ ପୁଅ ବୋହୂ ଆଦି ଭୋଗୁଥିବା ନର୍କକୁ ଦେଖିବାର ପ୍ରାର୍ଥନା କଲେ । ଚିତ୍ରଗୁପ୍ତ ମହାରାଜ କହିଲେ–ହେ ବ୍ରାହ୍ମଣ ବ୍ରାହ୍ମଣୀ ! ବିଷ୍ଣୁଙ୍କ ଆଜ୍ଞାବିନା ଏବଂ ଯମରାଜଙ୍କ ଇଚ୍ଛାବିନା ଏହା ସମ୍ଭବ ନୁହେଁ। ତେବେ ତୁମେ ଦୁହେଁ ପୁଣ୍ୟାତ୍ମା– ତୁମର କର୍ମଫଳ ପୁଣ୍ୟମୟ। ତେଣୁ ମୁଁ ଚେଷ୍ଟାକରି ଥରେ ତୁମକୁ ତୁମ ପୁଅମାନେ ରହୁଥିବା ନର୍କକୁ ନେଇଯିବି। ବିଷ୍ଣୁ ଓ ଯମଙ୍କର ଅନୁମତି କ୍ରମେ ବ୍ରାହ୍ମଣ ବ୍ରାହ୍ମଣୀ ନର୍କପୁରୀରେ ଚିତ୍ରଗୁପ୍ତଙ୍କ ସହ ପ୍ରବେଶ କଲେ । ସେଠାରେ ସେମାନେ ତାଙ୍କ ବ୍ରାହ୍ମଣ ସାହିର ସମସ୍ତ ବ୍ରାହ୍ମଣ ବ୍ରାହ୍ମଣୀଙ୍କୁ ନର୍କ ଯନ୍ତ୍ରଣା ଭୋଗୁଥିବାର ଦେଖିଲେ । ଓଃ କି ଯନ୍ତ୍ରଣା ! କି ଶାସ୍ତି ସେମାନଙ୍କର କିଏ ଓଲଟା ଟଙ୍ଗା ହୋଇଛି ନିଆଁ ଉପରେ ତ କିଏ ତତଲା ଚେଙ୍କ ଖାଉଛି । ସେମାନେ ସମସ୍ତେ ପାପ କରିଛନ୍ତି – କୁକର୍ମ କରିଛନ୍ତି– ତେଣୁ ଏ ଦଣ୍ଡ କହିଲେ ଚିତ୍ରଗୁପ୍ତ । ତାପରେ ସେମାନେ ନର୍କର ହିମ ନଗରୀରେ ପହଞ୍ଚିଲେ। ସେଠାରେ ଯେଉଁମାନେ ବାପା ମାଆ ଆଦିଙ୍କର ତାଙ୍କର ବାର୍ଦ୍ଧକ୍ୟ ସମୟରେ ସେବାଯତ୍ନ କରି ନ ଥାନ୍ତି – ତାଙ୍କୁ ଖାଇବାକୁ ନ ଦେଇ ଦୁଃଖ କଷ୍ଟ ଦେଇଥାନ୍ତି ସେମିତି ପୁଅ ଝିଅ ବୋହୂ ସେଠାରେ ଥାଆନ୍ତି । ଓଲଟା ଏକ–ଗୋଡ଼କିଆ ତାଙ୍କୁ ବରଫ ଉପରେ ଟଙ୍ଗେଇ ଦିଆ ଯାଇଥାଏ। ନା ସେମାନଙ୍କୁ ଟୋପାଏ ପାଣି ଦିଆଯାଏ ନା ମୁଠାଏ ଦାନା । ତା' ଉପରେ ଅନବରତ ଯମଦୂତମାନଙ୍କର ଚାବୁକମାଡ଼। ଓଃ ଏ ତ ମହାଯନ୍ତ୍ରଣା !

ଚିତ୍ରଗୁପ୍ତ କହିଲେ ହଁ, ଏଇଠି ତୁମର ଚାରିପୁଅ ଅଛନ୍ତି। ଚିତ୍ରଗୁପ୍ତ ଚିହ୍ନେଇ ଦେଲେ ସେମାନଙ୍କୁ। ପୁଅମାନଙ୍କର ଆର୍ତ୍ତଚିତ୍କାର ସହି ପାରୁ ନ ଥିଲେ ବ୍ରାହ୍ମଣ ବ୍ରାହ୍ମଣୀ। ନର୍କଦଣ୍ଡ ଭୋଗୁଥିବା ଚାରିପୁଅ ବିକଳ ଚିତ୍କାର କରି କହିଥିଲେ– ଆମକୁ ଉଦ୍ଧାର କର ଏ ନର୍କ ଯନ୍ତ୍ରଣାରୁ। ଚିତ୍ରଗୁପ୍ତ ଏ ମାତା ପିତାଙ୍କର ହୃଦୟର ବେଦନା ବୁଝିପାରୁଥିଲେ । ତେଣୁ ଶୀଘ୍ର ସେମାନଙ୍କୁ ଯମପୁରୀରୁ ସ୍ୱର୍ଗ ପୁରୀକୁ ନେଇ ଚାଲିଗଲେ।

ତେବେ ସ୍ୱର୍ଗରେ ବ୍ରାହ୍ମଣ ବ୍ରାହ୍ମଣୀ ପୁଅମାନଙ୍କର ଦୁଃଖ ଯନ୍ତ୍ରଣା କଥା ଚିନ୍ତାକରି ଭାଙ୍ଗି ପଡ଼ିଥିଲେ। ସେମାନେ ଆହାର ନିଦ୍ରା ସବୁ ଛାଡ଼ିଦେଲେ । ନିଜକୁ ବହୁତ କଷ୍ଟ ଦେବାରେ ଲାଗିଲେ । ସ୍ୱର୍ଗର ସୁଖ ଗ୍ରହଣ କରିବାକୁ ମନା କରିଦେଲେ। ଏ ସମ୍ବାଦ ନେଇ ବିଷ୍ଣୁଦୂତମାନେ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ। କହିଲେ ଯେ ନର୍କଦର୍ଶନପରେ ବ୍ରାହ୍ମଣ ବ୍ରାହ୍ମଣୀ ସ୍ୱର୍ଗର କୌଣସି ସୁଖ ସୁବିଧା ଗ୍ରହଣ କରୁ ନାହାନ୍ତି। ଏହା ତ ଅତ୍ୟନ୍ତ ବିଚିତ୍ର କଥା।

ଭଗବାନ ବିଷ୍ଣୁ ଚିତ୍ରଗୁପ୍ତଙ୍କୁ ବିଚାର ବିମର୍ଶ ପାଇଁ ସନ୍ଦେଶ ପଠେଇଲେ । ବିଷ୍ଣୁଲୋକରେ ଜଣେ କେହି ଭୋକ ଉପାସ ବା ଦୁଃଖରେ ରହିଲେ ସ୍ୱୟଂ ବିଷ୍ଣୁଙ୍କର ମଧ୍ୟ ମନ ଉଦର ଶାନ୍ତ ହୁଏନାହିଁ । ଏହାହିଁ ଏହି ବୈକୁଣ୍ଠର ମହତ୍ତ୍ୱ।

ଅବିଳମ୍ବେ ଚିତ୍ରଗୁପ୍ତ ଉପସ୍ଥିତ ହୁଅନ୍ତେ ବିଷ୍ଣୁ ତାଙ୍କ ସହ ବିଚାର ବିମର୍ଶ କଲେ ଓ ବ୍ରାହ୍ମଣ ବାହ୍ମଣୀଙ୍କୁ ଡାକି ପଠେଇଲେ। ବିଷ୍ଣୁ ପଚାରିଲେ– ହେ ବ୍ରାହ୍ମଣ ବ୍ରାହ୍ମଣୀ ! ତୁମର ଏ ସ୍ୱର୍ଗପୁରୀରେ କିଛି ତ୍ରୁଟି ହେଉଛି କି ଯେ ତୁମେ ଦୁଇଜଣ ଆହାର ଓ ନିଦ୍ରା ତ୍ୟାଗ କରିଦେଇଛ ? ଏହା ସ୍ୱର୍ଗ ନିୟମର ବିରୁଦ୍ଧ । ତେଣୁ ଖୋଲିକରି କୁହ ଯେ କଣ ଅସୁବିଧା ହୋଇଛି?

ବ୍ରାହ୍ମଣ ବ୍ରାହ୍ମଣୀ କାନ୍ଦି କାନ୍ଦି କହିଲେ ପ୍ରଭୁ, ଆମକୁ କ୍ଷମା କରି ଦିଅନ୍ତୁ । ଆମେ ନର୍କରେ ଆମ ପୁଅମାନଙ୍କର କଷ୍ଟ ଦେଖି ଆସିଲା ପାଖରୁ ଅସ୍ଥିର ହୋଇ ଯାଇଛୁ। ସେମାନେ ଭୋକରେ ଶୋଷରେ ରହୁଛନ୍ତି ଆଉ ଆମେ ଏଠାରେ ସ୍ୱର୍ଗଭୋଗ ଖାଉଛୁ ଓ ଅମୃତମଣୋହି ପିଉଛୁ । ସେମାନେ ନିର୍ବସ୍ତ୍ର ହୋଇ ଶୀତରେ ଥରୁଛନ୍ତି ଓ କଷ୍ଟ ପାଉଛନ୍ତି ଆଉ ସ୍ୱର୍ଗରେ ସେ ସମସ୍ୟା ନାହିଁ।

ଏହା ତ ତାଙ୍କର କର୍ମଫଳ। ପ୍ରତ୍ୟେକ ମଣିଷଙ୍କୁ ତାଙ୍କର କର୍ମଫଳ ଭୋଗ କରିବାକୁ ହୁଏ । ସେମାନେ ତାଙ୍କର ବ୍ୟକ୍ତିଗତ ସୁଖ ଭୋଗପାଇଁ ବାପା ମାଆଙ୍କୁ ଛାଡ଼ି ଚାଲିଗଲେ । ଦିନେହେଲେ ଖୋଜ ଖବର ମଧ୍ୟ ନେଲେନାହିଁ । ଟିକିନିଖି କଥା ମୋର ପଞ୍ଜିକାରେ ଲେଖାଅଛି । କହିଲେ ଚିତ୍ରଗୁପ୍ତ । ତେଣୁ ତୁମେ ଦୁଇଜଣ କାହିଁକି ଅସ୍ଥିର ହେଉଛ ?

ଭୋ ଭୋ ହୋଇ କାନ୍ଦିଲେ ମାଆ ବ୍ରାହ୍ମଣୀ। କହିଲେ ହେ ନାରାୟଣ, ତୁମେ ଆମକୁ ବରଂ ମହାନର୍କର ଯନ୍ତ୍ରଣା ଦିଅ ମୋର ପୁଅମାନଙ୍କୁ ସ୍ୱର୍ଗ ସୁଖ ଦିଅ। ଆମେ ତାଙ୍କ ଦୁଃଖ ସହି ପାରୁନାହୁଁ ।

ବାଃ ବାଃ ମର୍ତ୍ତ୍ୟର ତୁମେ ମାଆ– ଧନ୍ୟ ହେ ତୁମେ ବାପା ! ନିଜର ସନ୍ତାନଙ୍କ ସୁଖପାଇଁ ତୁମେ ସ୍ୱର୍ଗ ସୁଖକୁ ମଧ୍ୟ କରିପାର ପ୍ରତ୍ୟାଖ୍ୟାନ ! ! ବିଷ୍ଣୁଙ୍କ ଇଚ୍ଛାରେ ଯମରାଜ ଚାରିପୁଅଙ୍କୁ ଉପସ୍ଥିତ କରେଇଲେ ବ୍ରାହ୍ମଣ ଓ ବ୍ରାହ୍ମଣୀଙ୍କ ସମ୍ମୁଖରେ।

ବାପା ମାଆଙ୍କୁ ସର୍ଗପୁରୀରେ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ ପୁଅ ଚାରିଜଣ । ଚିତ୍ରଗୁପ୍ତ କହିଲେ ଯେ ତୁମର ବାପା ମାଆ ନର୍କରେ ତୁମ କଷ୍ଟ ଦେଖି ଅତ୍ୟନ୍ତ ଦୁଃଖିତ । ତୁମେ ସବୁ ପାପୀ– ମହାପାପ କରିଛ ଜୀବନରେ। ନିଜର ବାପାମାଆଙ୍କ ପ୍ରତି ଅନ୍ୟାୟ କରିଛ।

ମୁଣ୍ଡ ତଳକୁ ପୋତି ଛିଡ଼ା ହୋଇଥିଲେ ଚାରି ପୁଅ। ଚିତ୍ରଗୁପ୍ତ କହିଲେ ତଥାପି ତୁମର ବାପା ମାଆ ଏ ପୁରରେ ତୁମମାନଙ୍କ ପାଇଁ ଚିନ୍ତିତ। ସେମାନେ ନିଜେ ତୁମମାନଙ୍କ ବଦଳରେ ନର୍କ ଭୋଗ କରିବାକୁ ଚାହୁଁଛନ୍ତି । ତୁମେ ସ୍ୱର୍ଗକୁ ଆସିବ ଓ ସେମାନେ ତୁମମାନଙ୍କ ପାପ ପାଇଁ ନର୍କକୁ ଯିବେ। କେଡ଼େ ମହାନ ତୁମର ବାପା ଆଉ ମାଆ– ଏ କଥା ଚିନ୍ତାକର।

ହାତ ଯୋଡ଼ି ଚାରିପୁଅ ବାପାମାଆଙ୍କ ଆଗରେ ଆଣ୍ଠେଇ ପଡ଼ିଲେ ଓ କହିଲେ ନା, ଆମେ ନର୍କ ଭୋଗିବୁ କାରଣ ଆମେ ପାପୀ । ଆମେ ଆମ ବାପାମାଆଙ୍କୁ ତ ମର୍ତ୍ତ୍ୟରେ ବହୁତ ଦୁଃଖ କଷ୍ଟ ଦେଇଛୁ ପୁଣି ଏ ପୁରୀରେ ? ନା, ଆମକୁ କ୍ଷମା କରିଦିଅନ୍ତୁ ବାପା ଓ ମାଆ। ତୁମ ଦୁଇଜଣଙ୍କୁ ବାପା ମାଆ ଭାବରେ ପାଇ ଆମେ ଧନ୍ୟ । ହେ ଦୟାମୟ ପ୍ରଭୁ, ଆମର ସ୍ୱର୍ଗ ଲୋଡ଼ାନାହିଁ। ଆମପାଇଁ ଆମର ବାପ ମାଆ ସ୍ୱର୍ଗଠାରୁ ବଳି। ସେମାନେ ଏଇଠି ରୁହନ୍ତୁ–ଆମେ ନର୍କରେ ସେମାନଙ୍କ ଆଶୀର୍ବାଦରେ ଏ ଦର୍ଶନପରେ ସୁଖ ଶାନ୍ତିରେ ରହିବୁ।

ପୁଅମାନଙ୍କର ଏହି ଅନୁତାପରେ ଚିତ୍ରଗୁପ୍ତଙ୍କର ପାଞ୍ଜି ଓଲଟିଗଲା। ସେମାନଙ୍କର ବାପା ମାଆଙ୍କର ମହନତା ପାଇଁ ସେମାନଙ୍କୁ ଆଉ ନର୍କପୁରୀକୁ ଯିବାକୁ ପଡିଲା ନାହିଁ। ଅନୁତାପ ପାଇଁ ଓ ମାଆ ବାପାଙ୍କର ହୃଦୟର ବିଶାଳତା ପାଇଁ ସେମାନଙ୍କର କର୍ମଫଳ ବଦଳିଗଲା ।

ମୋ: ୯୪୩୯୫୩୯୨୨୯

## ତୁମେ

**ରମାକାନ୍ତ ଦାସ**

ତୁମେ ଗୋଧୂଳି ଲଗନେ
କୋଇଲିର କୁହୁକିନୀ ସ୍ୱର
ତୁମେ ସମୁଦ୍ରର ନୀଳ ଢେଉ
ମୋତିଟିଏ ଶାମୁକାର ।।

ତୁମେ ନୀଳ ଆକାଶର ପରୀ
ସନ୍ଧ୍ୟାର କୁଆଁତାରା
ତୁମେ ପୂର୍ଣ୍ଣମୀର ଜହ୍ନ
ସୁନେଲି ସକାଳେ ଖରା ।।

ତୁମେ ପାରିଜାତ ଫୁଲବନେ
ରଙ୍ଗୀନ୍ ପ୍ରଜାପତି
ତୁମେ ଶୀତୁଆ ସଞ୍ଜରେ
ଜ୍ୟୋସ୍ନାଭରା ରାତି ।।

ତୁମେ ଝରଣାର ମିଠାସ୍ୱର
ଫୁଲେଇ ଯମୁନା
ତୁମେ ଇନ୍ଦ୍ରଧନୁର ରଙ୍ଗ
ପ୍ରେମଭରା ଭାବନା ।।

ତୁମେ ପ୍ରେମର ମେଘମାଳା
କାକରର ମୋତି
ତୁମେ ମୋ ଜୀବନ ପରିଧିର
ସାଇତା ଅସରନ୍ତି ସ୍ମୃତି ।।

ମୋ: ୯୬୬୮୮୧୫୩୬୯



## ।। ଲୁହ ।।

**ମାନସ ରଞ୍ଜନ ଖମାରୀ**

ସବୁ ଦୁଃଖ, ବେଦନା, କୋହର
ଶବ୍ଦ ପରିପ୍ରକାଶ ନାହିଁ ବୋଲି
ଲୁହ ହେଉଛି ସବୁ ଭାବନାର
ଏକ ଅନ୍ତରଙ୍ଗ ପ୍ରତିରୂପ ...।

ଆଖିରୁ ବହୁଥିବା ଅଶ୍ରୁ ବୁନ୍ଦା
ପବିତ୍ର ଗଙ୍ଗା ଜଳ ପରି
ଯାହା ସବୁ ପାପକୁ ଧୋଇ
ମନ ହୃଦୟକୁ ନିର୍ମଳ କରେ... ।

କାହାର ଅପେକ୍ଷା, କାହାର ସ୍ମୃତି
ପୁଣି କାହାର ଅଭିମାନର ତାତି,
ଶୁଷ୍କ ଚକ୍ଷୁକୁ ଶିକ୍ତ କରି ଲୁହ ବୁନ୍ଦା,
ଭାବନାକୁ ଅଧିକ ଅଙ୍କୁରିତ କରେ..।

କିଏ ଆଖିରେ କିଛି ପଡ଼ି ଯିବାର
ବାହାନା କରେ, ପୁଣି କିଏ ଲୁହ
ଛୁପାଇବାକୁ କୁହେ, ଯେ ମୋତେ
ବର୍ଷାରେ ଭିଜିବାକୁ ଭଲ ଲାଗେ ...।

କାହା ପାଇଁ ଲୁହ ଦୁଃଖ ପାହାଡ଼ର
ଅସରନ୍ତି ଏକ ଝରଣା,
କାହା ପାଇଁ ପୁଣି, ଖୁସି ପୁଲକରେ
ଆନନ୍ଦର ଏକ ଗହଣା ...।

ଆଖି ଲୁହ କେବେ ଓଠ ପିଇ ଦିଏ
କେବେ ପୋଛି ଦିଏ କାହା କାନି,
କାହା ପାଇଁ ଲୁହ ମୁକ୍ତାଟିଏ, ପୁଣି
କାହା ପାଇଁ ମୂଲ୍ୟହୀନ ବୁନ୍ଦେ ପାଣି...।।

ମୋ: ୭୦୭୭୦୩୬୭୨୦

## ବ୍ୟଥା

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଏମିତି କାହାଣୀ ଲେଖାଥିଲା ଯାର
ଶବଦେ ନଥିଲା ଦେଖା
ତଥାପି କେମିତି ଖୁସି ବାଣ୍ଟୁଥିଲା
ଯେତେ ଥିଲେ ଥାଉ ବ୍ୟଥା ।

ସେ କାହାଣୀ କେହି କହୁତ ନଥିଲେ
ହୃଦୟେ ତଥାପି ଛପା
ନଦୀ ପରି ଯିଏ ଛଳ ଛଳ ହୋଇ
ତଟେ ପିଟୁଥିଲା ମଥା ।

କିଏ କହୁଥିଲା କି ଭାଷା ତାହାର
ନଥିଲା ତା ସୀମା ରେଖା
ଏମିତି କାହାଣୀ ଲେଖାଥିଲା ଯାର
ଶବଦେ ନଥିଲା ଦେଖା ।


ବୈଶାଖୀ ତାତିରେ ମନ ଆଙ୍କୁଥିଲା
ଇନ୍ଦ୍ରଧନୁ ଛବି ପୁଣି
ବିଜନ ବେଳାରେ ବନ୍ଧୁଟିଏ ସାଜି
ହୃଦୟ ଦେଇଛି ହାଣି ।

ବୋହିନି ରୁଧିର ରଙ୍ଗୀନ ହୋଇଛି
ତମାମ କାହାଣୀ ଲେଖା
ଏମିତି କାହାଣୀ ଲେଖାଥିଲା ଯାର
ଶବଦେ ନଥିଲା ଦେଖା ।

ମୋ: ୭୩୭୭୩୧୮୭୮୯

## ।। ପାଞ୍ଚାଳୀ ।।

**ସୁଜିତ କୁମାର ମିଶ୍ର**



ଆହତ ମୃଗୁଣୀ ଲୁହଗୀତ ସ୍ୱର ଅଲିଅଳି ରାଜଜେମା,
କେଉଁ ଦୀପର ସେ ମୋହଭରା ଶିଖା କୋହର କବରଖାନା ।
ବତୁରା ବୁକୁରୁ ବିତରି ଦେଇଛି ଭିଜିଲା ଭାବକୁ ନିତି,
ବୀରା ରମଣୀ ସେ ବଧୂଳି ବେଶରେ ବିହ୍ୱଳିତ ମେଘଗୀତି ।

ଶ୍ୟାମଳ ଜୀବନ ସକାଳରେ ସଞ୍ଜ ଆସେ ଆହା ନଇଁନଇଁ,
ସ୍ନିଗ୍ଧ ମନପ୍ରାଣ ସମର୍ପଣତାରେ ସଉଦାର ମରୁଭୂଇଁ ।
ଜୀବନକୁ କାହା ଗଢିବା ପାଇଁକି ଜନ୍ମସିଦ୍ଧା ଯାଜ୍ଞସେନୀ,
ବିରହ ବେଦନା ବନବାସ ସହି ବାଟ ଝୁଣ୍ଟା ଦୁଃଖ ପୁଣି ।

ପଞ୍ଚପ୍ରାଣ ମଧ୍ୟେ ସୁଖଦୁଃଖ ସାଥୀ ପାଞ୍ଚାଳୀର ପୁଣ୍ୟପ୍ରେମ,
କୋଟିଦୁଃଖେ ସିଏ ଆନମନା ହୋଇ ଅହର୍ନିଶ କୃଷ୍ଣମନ।
ରୂପ ଲାବଣ୍ୟର ସ୍ୱୟଂବର ସିଏ ପ୍ରୀତି ରମଣୀୟା ନାରୀ,
ସବୁଜିମା ହସ ଓଠେ ହିଁ ସାଜିଲା ସୀମାହୀନ ଯୁଦ୍ଧଭେରୀ ।

ମରଣ ଭିତରେ ଜୀବନ ଫଗୁଣ ମାନମୟୀ ମହାସତୀ,
ନାରାୟଣୀ ସିଏ ମହାନଈ ସିଏ ନବ ଜାଗରଣ ଶକ୍ତି ।

ମୋ: ୭୬୮୩୮୬୭୭୪୨

## ସାଥୀ

**ମଧୁସ୍ମିତା ପଣ୍ଡା**

ଯେତେ ଦିନ ପର୍ଯ୍ୟନ୍ତ ଏ ଜୀବନ
ସେତେ ଦିନ ଖାଲି ଝାମେଲା ଆଉ ଝାମେଲା
ହସ କାନ୍ଦର ମେଳା
ପ୍ରତିଯୋଗିତା ଶିଢ଼ିରେ ଚଢ଼ିବା
ପୁଣି ଓହ୍ଲାଇ ଦୀର୍ଘଶ୍ୱାସ ନେବା
ଘୃଣା, ଭଲପାଇବାରେ ଜୁଆର–ଭଟ୍ଟା
ଅଭିମାନ, ଆତ୍ମବଡ଼ିମାର ବୃଥା ଅହମିକା
ଲେମ୍ବୁ ପରି ଖାଲି ଚିପୁଡ଼ି ହେବା
ତେଣୁ ହୋଇପାରିବ ଯେତେଦିନ
ସାଥୀ ହୋଇ ଚାଲିବା, ସାଥୀ ହୋଇ ରହିବା
ସାଥୀ ହୋଇ ହସିବା, ସାଥୀ ହୋଇ କାନ୍ଦିବା
କାରଣ ଶେଷ ଯାତ୍ରା ବେଳେ
ଆମେ ସମସ୍ତେ ଏକଲା।

ଜନଗଣନା ନିର୍ଦ୍ଦେଶାଳୟ, ଜନପଥ, ଭୁବନେଶ୍ୱର
ମୋ : ୮୦୯୩୫୪୫୩୦୦

## ଭିଟାମାଟି ମୋହ

**ସୁନନ୍ଦା ମହାନ୍ତି**

ପିଲାଦିନର ଜଳନ୍ତା ସ୍ମୃତି ଏଯାଏଁ ଛାତିରେ ଜଳୁଥିଲେ ମଧ୍ୟ ତାକୁ ସବୁ ଭୁଲିଯାଇଥିଲା ସାନ ପୁଅ ବବି। ତୋ' ହାତରେ କିଛି ହୋଇପାରିବନି, ତୁ ନିର୍ବୋଧ ତୁ ଅକାଳ କୁଷ୍ମାଣ୍ଡ, ମହାକାଳ ଫଳ ତଥା କୁଳାଂଗାର ବୋଲି ସବୁବେଳେ ବାପା କହନ୍ତି। ତୁଳନା ଥାଏ ନିଜ ବଡଭାଇ ରବି ସହିତ ବୋଲି ସେସବୁ କଥା ପିଲାଦିନେ ଭୁଲିଯାଇ ରବି ଭାଇ ସଙ୍ଗେ ଖେଳୁଥାଏ ସାନଭାଇ ବବି। ପାଠ ସିନା ହୁଏନି ବବିର, କିନ୍ତୁ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବା, କଙ୍କି ଧରିବା, ମାଛି ମୁଠେ ମୁଠାରେ ଧରି ବୁଢ଼ିଆଣୀ ଜାଲରେ ପକାଇବା, ଖେପା ଜାଲ ମାରି ମାଛ କଙ୍କଡା ଧରି ଘରର ଆମିଷ ତରକାରୀ ଚଳେଇଲା ବେଳେ ମଧ୍ୟ ବାପା କେବେ ପ୍ରଶଂସା କରିନାହାନ୍ତି, ବରଂ ସବୁଥର ପରି କହନ୍ତି କୁଳାଂଗାର। ରବି ଭାଇ ବଡ଼ ହୋଇ ଭଲ ପଢୁଥିବାରୁ ବାହାଘର ପରେ ଭାଉଜଙ୍କୁ ନେଇ ଚାକିରି ଜାଗାକୁ ଯିବା ବେଳେ ଜିଦ କରିଥିଲା ବାପା ବୋଉଙ୍କୁ ନେବା ତ ବାପା ବୋଉ ଖୁବ ଆଗ୍ରହରେ ରବି ଭାଇ ସଙ୍ଗେ ବାହାରିପଡିଲା ବେଳେ ବବି ମନ ଦୁଃଖ ହୋଇଥିଲା ଖୁବ। ସେ ଜାଣେ ସେ ଯେତେ ଯାହା କଲେ ମଧ୍ୟ ବାପା ବୋଉ ତା' ପରି କୁଳାଙ୍ଗାର ପାଖେ ରହିବେନି। ଭାଉଜ ବୋଉକୁ ଯୋଉ ଜିନିଷ ଦେଉଛନ୍ତି ସେସବୁ ଦେବାକୁ ତା ସ୍ତ୍ରୀ ଗାଁ ଝିଅ ସୀମା ଅସମର୍ଥ। ସକାଳ ଜଳଖିଆରେ ଭାଉଜ ଭଲ ଭଲ ଡିସ୍ ପ୍ରସ୍ତୁତ କଲାବେଳେ ସୀମା ବରା, ପକଡି, ଉପମା, ମଟର କରୁଥାଏ। ଭାଇ ବାପାଙ୍କ ପାଇଁ ଏବେ ଯେଉଁ ଜୋତା, ଛତା, କୋର୍ଟ ଆଣିଦିଏ ସେସବୁ ବବି ମଧ୍ୟ ପାଇନି ଜୀବନରେ କେବେ। ତ ବାପା ବୋଉଙ୍କୁ ଧରି ଭାଉଜଙ୍କୁ କାରରେ ନିଜ ପାଖେ ବସେଇ ନିଜେ ଭାଇ ଡ୍ରାଇଭିଂ କରି କାର ଆଗକୁ ନେଲା ବେଳେ ବବି କାନ୍ଦିପକେଇଥିଲା।

ଭାଉଜ ବୋଉକୁ ଦେଇଥିବା ପାଟ ପଣତରେ ମୁହଁ ପୋଛୁ ପୋଛୁ ଭାଉଜ କହୁଥିଲେ ଛି ବବି ଏମିତି କ'ଣ ପିଲାଙ୍କ ଭଳି ହେଉଛ। ବୋଉଙ୍କ ଶାଢ଼ି ଖରାପ ହୋଇଯିବନି ପୁଣି ଡ୍ରାଇ ୱାସ କରିବାକୁ ମତେ ହିଁ ଦଉଡିବାକୁ ପଡିବ। ସୀମା ଯେବେ ବୋଉ ପାଦରେ ଅଳତା ଲଗେଇ ମୁଣ୍ଡିଆ ମାରୁଥିଲା ଭାଉଜ ନିଜ ପାଦ ଉଠେଇ ନେଇ କହିଥିଲେ ଏ ଶାଢୀରେ ଅଳତା ଲାଗିଲେ ଆଉ ଛାଡିବନା ସୀମା! ବୋଉଙ୍କ ଶାଢ଼ିରୁ ନ ଛାଡିଲେ ତୁମେ ପିନ୍ଧିନେବ ହେଲେ ମୋ ଶାଢ଼ିରୁ ନ ଛାଡିଲେ କୋଡିଏ ହଜାର ଟଙ୍କା ପାଣିରେ ପଡିବ ନା! କୋଡିଏ ହଜାର କଥା ଶୁଣି ସୀମା ଅଳତା ଗିନା ରଖିଦେଇ ଦୀର୍ଘ ନିଶ୍ୱାସ ମାରିଥିଲା। ସତ କଥା କୋଡିଏ ହଜାର ଟଙ୍କିଆ ଶାଢ଼ି ତ ଶାଢ଼ି କୋଡିଏ ଟଙ୍କାର ଚୁଡ଼ି ମୁଠେ ପିନ୍ଧିବାକୁ ସେ ସାତଥର ଭାବେ କାଚେରା ଗାଁକୁ ଆସିଲେ– ଯଦିଓ ବବିର ଫୁଲ ଚାଷ, ମାଛ ଚାଷ, ଛତୁ ଚାଷରୁ ଖୁବ ଭଲ ପଇସା ହୁଏ।

ବୋଉ ବାପା ନ ଥିବା ଘର ଖାଁ ଖାଁ ଲାଗୁଥିଲେ ମଧ୍ୟ ବବିର ବାପା ଓ ବୋଉଙ୍କ କଥା ଖୁବ ମନେପଡୁଥିଲା। ମଲୁ ଖୋଜୁଥିଲା କାକର ପାଣି... ବଇଦ କହିଲା ଦେ ତୋରାଣି ପରି ଭାଇ ରବି ଯେବେ ଫୋନ କରି ବାପା ବୋଉଙ୍କୁ ଆସି ନେଇଯା କହୁଥିଲା ବବି ଯିବାକୁ ସଜ ହେଲା। ସୀମା ସେଦିନ ଠାକୁରଙ୍କୁ କେତେ ମୁଣ୍ଡିଆ ମାରିଲା ପ୍ରଭୁ ହେ ବାପା ଭଲ ଥାଆନ୍ତୁ। ମାଆ ଲକ୍ଷ୍ମୀ ମାଆ ମୋ' ବୋଉ ଭଲରେ ଭଲରେ ଫେରି ଆସନ୍ତୁ। ତାଙ୍କ ବିନା ଏ ଲକ୍ଷ୍ମୀ ପୂଜା କେମିତି ହେବ! ବବି କେତେକଥା ନେଇ ଭାଇ ରବି ପାଖରେ ପହଁଚିଲା। ସହରରେ ମିଳୁ ନ ଥିବ କହି ସୀମା ଆରିସା, ବଡ଼ି, ପାମ୍ପଡ଼ ସହ ଜାତି ଜାତି ଆଚାର କରି ପଠେଇଥିଲା। ବ୍ୟାଗ ନେଉ ନେଉ ବବି ହାତରୁ ଭାଉଜ କହିଲେ ବାପା ବୋଉଙ୍କର ଯେତେ ଯତ୍ନ କଲେ ମଧ୍ୟ ତାଙ୍କର ଗଡିଆ ପୋଖରୀ ଗାଧୁଆ, ଗୋଲମରିଚ ଦିଆ ଚା, ଭାଗବତ ଟୁଙ୍ଗୀ ମନେପଡୁଛି। ଏଠି ଏ ଆପାର୍ଟମେଣ୍ଟ ଘରେ ପାନଛେପ ପକେଇବା, ଲୁଗା ଶୁଖେଇବା ଇତ୍ୟାଦି କାମ ଦୁହିଁଙ୍କୁ କଷ୍ଟ ଲାଗୁଛି। ବବି ବୋଉ ପାଖେ ବସିପଡ଼ି ଯେବେ ତୋ ଦେହ କଣ ହେଉଛି ଗାଁକୁ ଗଲେ ସେଠି କୋଉ ଭଲ ଡକ୍ଟର ନା ହସ୍ପିଟାଲ ଅଛି ଆହୁରି ଦେହ ଖରାପ ହେବନି ବୋଉ କାହିଁକି ଯିବୁ। ଏଠି ଭଲ ଖାଇବା, ପିନ୍ଧିବା ଗାଁରେ କଣ ମିଳିବ ବୋଉ କହିଥିଲା ବବି। ତ ବୋଉ କାନ୍ଦିପକେଇ କହିଥିଲା, ମୋ ପଣତରେ ତୁ ମୁହଁ ପୋଛି ଦେଲେ ସବୁ ଭଲ ହୋଇଯିବରେ ପୁଅ। ବାପା କାଳେ କୁଳାଙ୍ଗାର କହିବେ ଭାବି କିଛି ତାଙ୍କୁ ନ କହିଥିଲେ ବି ବବି ଦେଖିଲା ସେ ତାଙ୍କ ଲୁଗାପଟା ସଜାଡୁଛନ୍ତି। ଆଉ କଥା ନ ବଢ଼େଇ ବାପା ବୋଉଙ୍କୁ ସାଙ୍ଗରେ ନେଇ ଗାଁରେ ପହଁଚିଲା ପରେ କୁଟୁମ୍ବ ବାଟମ୍ବ, ସାଇ ଭାଇ ସମସ୍ତେ କହୁଥିଲେ କିଛି ତ ରୋଗ ନାହିଁ କାହିଁକି ପଳେଇ ଆସିଲ ଖୁଡି? ତ କିଏ କହୁଥିଲା ସହରୀ ସୁବିଧା ଗାଁରେ କୋଉଠୁ ପାଇବ ବଡ଼ବୋଉ! ସୀମା କହେ ତୁମେ ସବୁ ଏମିତି କହିବନି। ମୁଁ ଏଠି ବୋଉଙ୍କ ବିନା ଲକ୍ଷ୍ମୀ ପୂଜା ଗୁରୁବାର କରିବାକୁ କେତେ ଯେ ହଇରାଣ ହେଉଛି ମୁଁ ଜାଣେ। ହସିଦିଏ ବବି ଓ ବବି ସାଥିରେ ବାପା ବୋଉ।

ଭାଇ ଭାଉଜଙ୍କୁ ନ ଆଣି ଗାଁକୁ ଆସେ କେବେ କେବେ। ବାପା ବୋଉଙ୍କ ପାଇଁ ଭଳି ଭଳି ଟନିକ, ଶୀତଦିନିଆ ଚାଦର ଓ କମ୍ବଳ ଆଣିଥାଏ। ଗାଁ ଗୋଟାକଯାକ ଲୋକ ବାପାଙ୍କୁ କହନ୍ତି କେଡେ ଭାଗ୍ୟବାନ ତୁମେ କକେଇ। ରାମ ଲକ୍ଷ୍ମଣ ପରି ପୁଅ ପାଇଛ। ବାପା ହସିଦିଅନ୍ତି ଉତ୍ତର ଦିଅନ୍ତି ନାହିଁ। ଭାଇ ରବି ଆସିଲେ ଗାଁ ଗୋଟାକଯାକର ଲୋକ ଆସି ଜମା ହୋଇଯାଆନ୍ତି। ପୁଣି ଖାଲି ହାତରେ ନୁହଁ ବରଂ କିଏ କୁକୁଡ଼ାଟେ ଆଣିଥାଏ ତ କିଏ କଦଳୀ କାନ୍ଧିଏ। ସମସ୍ତେ ସୁପାରିଶ କରନ୍ତି ବଡ଼ ଭାଇ ରବିକୁ କାହା ପୁଅକୁ ଚାକିରିରେ ରଖାଇ ଦେବାକୁ କିଏ କହୁଥାଏ ତ କିଏ ପୁତୁରାକୁ। ସେମାନେ ଚାଲି ଗଲା ପରେ ରବି ବବିକୁ ଡାକି କହେ ଏତେ ଲୋକ ଗାଁ ସାରା ସମସ୍ତେ ବୁଝି ଗଲେଣି ଗାଁରେ ପଡି ଏ ମାଟି ମୋହରେ କିଛି ଲାଭ ନାହିଁ ବୋଲି। ହେଲେ ତୁ ବୁଝିପାରୁନୁ କେମିତି! ଏ ଫୁଲ ଫଳ ଚାଷ କେତେ ଦିନ? ଗୋଟେ କାମ କରେ ଗାଁ ଘର ଓ ଜମି ବାଡ଼ି ଏକାଠି କରି ବିକ୍ରି କରି ମୋ ଭାଗ ମତେ ଦେଇ ତୋ ଭାଗରେ ସହରକୁ ଚାଲିଆ। ସୁଖରେ ରହିବୁ। ବବି କିଛି ଉତ୍ତର ଦେଇପାରୁ ନ ଥିବା ବେଳେ ବାପା କହିଲେ ଆରେ ମୁଁ ଭାବିଥିଲି ପାଠ ଶାଠ ପଢି ତୁ ମଣିଷ ପରି ମଣିଷ ହୋଇଯାଇଛୁ। ହେଲେ ବବି ପାଠ ଶାଠ ନ ପଢି ମଧ୍ୟ ତୋ ଭଳି କୁଳାଙ୍ଗାର ହୋଇନି ଅନ୍ତତଃ। ତାର ବିବେକ ଅଛି। ବୁଦ୍ଧି ଅଛି। ସେ କଣ କରିବ ନ କରିବ ତାକୁ ଭଲକରି ଜଣା। ଆଉସବୁ ବାପା କଣ କହୁଥିଲେ ଶୁଣିବାକୁ ବଡ଼ ଭାଇ ରବିର ଗାଡିର ହର୍ଣ୍ଣ ବାଜୁଥିଲା ସିନା ହେଲେ ବବି ଆଖିରୁ ଧାର ଧାର ଗାଡିଯାଉଥିବା ଅଶ୍ରୁକୁ ବୋଉ ତା' ପଣତରେ ପୋଛି କହୁଥିଲା– ଏଠି ତୋ ପାଖେ ଯେଉଁ ଶାନ୍ତି ସହରରେ ନାହିଁରେ ପୁଅ। ଏଇ ଭିଟାମାଟି ହିଁ ବଳ। ଆଜି ଭାଇ ରବି କମ୍ପାନୀ ଚାକିରିରୁ ଲେ ଅଫ ହୋଇ ଗାଁକୁ ଫେରିଆସିଛି ସତ, ହେଲେ ବବି ପାଖରେ ମଣିପଣିଆ ଅଛି ବୋଲି ଖାଲି ବାପା ମାଆ ନୁହନ୍ତି ବରଂ ଗାଁଟା ସାରା ଟୁପୁଟାପ ହେଉଥିଲା ବେଳେ ରବି ଭାଇ ଭାଗର ଛାତ ଘରେ ବବି ପୁଅ ଝିଅ କଥା ଛାଡ଼ ନିଜ ବାପା ମାଙ୍କ ସ୍ଥାନ ମଧ୍ୟ ନ ଥିଲା। ରବି ଆଉ ଘର କରିବା ପାଇଁ ଗଦେଇଥିବା ଇଟା ବାଲି ଗୋଡ଼ିର ସୁରକ୍ଷା କିନ୍ତୁ ବବି କରିଚାଲିଥିଲା। ଠିକ ସେତିକି ବେଳେ ରବି ପୁଅ ଓ ଝିଅ ବବି ପୁଅ ଓ ଝିଅ ସହ ମିଶି ସୀମା ଖୁଡିଠାରୁ ଆଜି ଦିନର ତାତ୍ପର୍ଯ୍ୟ ଶୁଣୁଥିଲେ ଗଣମାଧ୍ୟମ ଦିବସର ତାତ୍ପର୍ଯ୍ୟ କଥା ଓ ଖାଉଥିଲେ ଜେଜେମାଆ ବାଢିଥିବା ପଖାଳ।

ମୋ: ୯୦୪୦୯୭୭୩୨୭

# ଜାତୀୟ ରାଜପଥରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି



ପାଟଣା,୨୨।୧୧(ନି.ପ୍ର): ଜାତୀୟ ରାଜପଥ ୪୯ ନମ୍ବର ଏବେ ମରଣଯନ୍ତା ପାଲଟିଥିବା ବେଳେ ଦୈନନ୍ଦିନ ଗୃହପାଳିତ ପଶୁ ଠାରୁ ଆରମ୍ଭ କରି ସାଧାରଣ ବାଟୋଇ କେହି ନା କେହି ଦୁର୍ଘଟଣାର ଶିକାର ହୋଇ ମୃତାହତ ହେଉଥିବା ଦେଖିବାକୁ ମିଳୁଛି । ବିଶେଷ କରି ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତି ଗ୍ରାମ ଝାଡବେଲଦା, ବେବର୍ତ୍ତାପଶି, ବାଉଁଶୁଳି, ଖିରେଇଟାଙ୍ଗିରୀ ପ୍ରଭୃତି ଗ୍ରାମରେ କେହି ନା କେହି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ସବୁ ଗ୍ରାମ ଜାତୀୟ ରାଜପଥ କଡରେ ହୋଇଥିବା ବେଳେ ରାସ୍ତାକଡରେ ଆଲୋକର ବ୍ୟବସ୍ଥା ନଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜପଥ ପାର୍ଶ୍ୱବର୍ତ୍ତି ଗ୍ରାମ ନିକଟରେ ସ୍ପିଡ୍ ବ୍ରେକର ନିର୍ମାଣ କରି ଆଲୋକର ବ୍ୟବସ୍ଥା କରିବାକୁ ଉକ୍ତ ଗ୍ରାମବାସୀମାନେ ଦାବି କରିଛନ୍ତି । ଜାତୀୟ ରାଜପଥ ପାର୍ଶ୍ୱରେ ଝାରବେଲଦା ଏବଂ ଖିରେଇଟାଙ୍ଗିରୀ ଠାରେ ଦୁଇଟି ସାପ୍ତାହିକ ହାଟ ହେଉଥିବାରୁ ଉକ୍ତ ହାଟ ଉପରେ ଆଖପାଖ ଅଂଚଳର ଜନସାଧାରଣ ଏହି ହାଟ ଉପରେ ନିର୍ଭରଶୀଳ ହୋଇଥାନ୍ତି । ବିଶେଷ କରି ଏହି ହାଟବାରି ଦିନ ଦୁର୍ଘଟଣା ହାର ବୃଦ୍ଧି ପାଉଛି । ତେଣୁ ଶଙ୍କରପୁର ଠାରୁ ବାଉଁଶୁଳି ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ନିର୍ଦ୍ଦେଶ ଉଲ୍ଲଘଂନ , ସ୍କୁଲ ଖୋଲିବା ଓ ବନ୍ଦ କରିବା ନେଇ ରହୁନି ତାଳମେଳ



ହାଟଡିହି,୨୨।୧୧(ନି.ପ୍ର):ଶନିବାର ଦିନ ସ୍କୁଲ କେତେବେଳେ ଖୋଲିବ, କେତେବେଳେ ବନ୍ଦ ହେବ ତାହାକୁ ନେଇ ବିବାଦୀୟ ପରିସ୍ଥିତ ସୃଷ୍ଟି ହୋଇଛି । ଶନିବାର ୧୦ଟାରୁ ୪ଟା ସ୍କୁଲ ଚାଲିବା ପାଇଁ ବିଭାଗୀୟ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ବି ଅଧିକାଂଶ ସ୍କୁଲ ଏହାକୁ ମାନୁନଥିବା ଦେଖିବାକୁ ମିଳିଛି। ଗତ ୧୫ତାରିଖ ଦିନ ବ୍ଲକର ୩୦ରୁ ଉର୍ଦ୍ଧ୍ୱ ସ୍କୁଲ ଦିନ ୧୦ରୁ କିଏ ଗୋଟାଏ ତ ଆଉ କିଏ ୨ଟା ପର୍ଯ୍ୟନ୍ତ ଖୋଲି ଛୁଟି କରିଦେଲେ । ଏପରିକି କିଏ କିଏ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ସ୍କୁଲ କରିଥିଲେ । ସେହିଦିନ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇବା ପରେ କିଛି ଶିକ୍ଷକ ଶିକ୍ଷୟତ୍ରୀ ତରବରିଆ ଭାବେ ପୁଣି ସ୍କୁଲକୁ ଫେରି ୪ଟା ପର୍ଯ୍ୟନ୍ତ ବସି ରହିଥିଲେ । ଆଜି ମଧ ସମାନ ପରିସ୍ଥିତ ଦେଖିବାକୁ ମିଳିଛି ଅନେକ ସ୍କୁଲରେ। ମନୋହରପୁର ପ୍ରାଥମିକ ବିଦ୍ୟାଳୟରେ ସାଢେ ଗୋଟାଏ ବେଳେ ସ୍କୁଲ ଛୁଟି ହୋଇ ସାରିଥିବା ବେଳେ ଫାଟକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା । ସେହିପରି ଶାଳଣିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିନ ଦୁଇଟା ବେଳୁ ସ୍କୁଲ ଛୁଟି କରିଦିଆ ଯାଇଥିଲା । ଦୁଇଜଣ ଶିକ୍ଷକ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସ୍କୁଲରେ ବସି ରହିଥିଲେ । ପାଖରେ ଥିବା ଅନେକ ସ୍କୁଲ ୪ଟା ପର୍ଯ୍ୟନ୍ତ ଖୋଲା ରହିଥିବା ବେଳେ ଏପରି କିଛି ସ୍କୁଲର ପ୍ରଧାନଶିକ୍ଷକମାନେ ମନଇଛା ଖୋଲିବା ଓ ବନ୍ଦ କରିବାକୁ ନେଇ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶାଳଣିଆଁ ସ୍କୁଲ ପ୍ରଧାନଶିକ୍ଷକ କହିଛନ୍ତି ଯେ, ଛୁଆଙ୍କୁ ଛୁଟି କରିଦେଲେ କଣ ହେଲା ଆମେ ତ ଉପସ୍ଥିତ ଅଛୁ ବୋଲି କହିଛନ୍ତି। ସେହିପରି ମନୋହରପୁର ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ କହିଛନ୍ତି ଯେ, ଗାଁରେ ଏକ ଭୋଜି ଥିବାରୁ ଛୁଆଙ୍କ ସହିତ ଆମେ ସେଠାରୁ ପଳାଇ ଥିଲୁ ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ସହଶିକ୍ଷା ଅଧିକାରୀ ପ୍ରମୋଦ ନାୟକଙ୍କୁ ପଚାରିବାରୁ କିଛି ସ୍କୁଲ ନିର୍ଦ୍ଦେଶ ମାନୁ ନଥିବା ତାଙ୍କ ଦୃଷ୍ଟି ଗୋଚର ହୋଇଛି କହିଥିବା ବେଳେ ଏନେଇ ବିଇଓଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଛାତ୍ରୀ ଗୁରୁତର

ହାଟଡିହି,୨୨।୧୧(ନି.ପ୍ର):ହାଟଡିହି ବ୍ଲକ ଚାପୁଣ୍ଡିଆ ବାହାରିପୁର ରାସ୍ତାରେ ବେଆଇନ୍ ବାଲି ପରିବହନ ଯୋଗୁଁ ସାଧାରଣ ଲୋକେ ଯାତାୟତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟ୍ରାକ୍ଟର ଚାଳକମାନେ ନିଶାସକ୍ତ ହୋଇ ଗାଡି ଚଳାଉ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଛି । ବାହାରିପୁର ହାଇସ୍କୁଲର ଦୀପା ନାୟକ ନାମକ ଜଣେ ଦଶମ ଶ୍ରେଣୀର ଛାତ୍ରୀ ନିଜ ଗାଁ ଗୋବିନ୍ଦପୁର ଗାଁରୁ ସାଇକେଲ ଧରି ସ୍କୁଲ ଆସୁଥିବା ବେଳେ ଚାପୁଣ୍ଡିଆ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ରାସ୍ତାରେ ପଡିଥିବା ବେଳେ ସ୍କୁଲର



ପ୍ରଧାନଶିକ୍ଷକ ଜୟକୃଷ୍ଣ ମିଶ୍ର, ଶିକ୍ଷକ ବାଦଲ କୁମାର ଜେନା, ପ୍ରଦୀପ କୁମାର ସାହୁ ପ୍ରମୁଖ ତୁରନ୍ତ ଛାତ୍ରୀ ଜଣକୁ ଶାଳଣିଆଁ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇ ଘରକୁ ଆଣିଥିଲେ । ଛାତ୍ରୀ ଜଣକ ପୁନର୍ବାର ଅସୁସ୍ଥ ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରଟି ଫେରାର ହୋଇଯାଇଛି ।

# ଶିଶୁଶ୍ରମିକ ଓ ବାଲ୍ୟବିବାହରୁ ଦୂରେଇ ରହିବା ପାଇଁ ସଚେତନତା



ରାମଚନ୍ଦ୍ରପୁର,୨୦।୧୧(ନିପ୍ର): ବରିପାଳ ଗ୍ରାମ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶୁଆପୁର ନିକଟ ଖେଳ ପଡିଆରେ ଆଶ୍ୱାୟାର ତରଫରୁ ଯୁବକ, ଛାତ୍ର ଛାତ୍ରୀମାନଙ୍କୁ ଏକତ୍ରିତ କରି ଶିଶୁ ଶ୍ରମିକ, ବାଲ୍ୟବିବାହ ଜନିତ କୁସଂସ୍କାରକୁ ସ୍ଥାନୀୟ ଅଞ୍ଚଳରୁ ସବୁଦିନପାଇଁ ଦୂର କରିବା ପାଇଁ ଏକ ସଭାର ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମ ରେ ପ୍ରତ୍ୟକ୍ଷ ସହଯୋଗ କରିଥିଲେ । ବ୍ଲକ ସଂଯୋଜକ ସୁଦର୍ଶନ ପ୍ରଧାନ,ବ୍ଲକ ଶିକ୍ଷା ସଂଯୋଜକ ବିଜୟ କୁମାର ପରିଡା , ଆଇ ସି ଡ଼ି ଏସ ସଂଯୋଜକ ସ୍ୱରୂପ କୁମାର ସାମଲ, ମଧୁସ୍ମିତା ଜେନା, ରଞ୍ଜନ ସେଠୀ, ଗୌତମ ଓଝା, ଜ୍ୟୋତିରଞ୍ଜନ ଭୂୟାଁ, ଦିଲ୍ଲୀପ ଜେନା, ରବୀନ୍ଦ୍ର ସେଠୀ, ତପନ ହେମ୍ବ୍ରମ, ଆନନ୍ଦମୟ ସାହୁ ପ୍ରମୁଖ।

ବରିପାଳ ଗ୍ରାମ ପଞ୍ଚାୟତର ଶୁଆପୁର, ଜରକ ସାହି, ଖଜୁରୀ ପଦା, ନାୟକ ସାହି, ରାଘବପୁର, ରଙ୍ଗ ମାଟିଆ ଏବଂ କାଦ ସାହି ଅଞ୍ଚଳର ଶତାଧିକ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଏହି ସଭାରେ ଅତିଥିଭାବେ ଦଶରଥି ସୋରେନ, ମୋହନ ଟୁଡୁ, ଅଙ୍ଗନବାଡି ଦିଦି ହେମାଲତା ବାସ୍କି , ମାୟାବତୀ ବେସ୍ରା, ଯାଦୁମାନ୍ ସୋରେନ, ସୁଦର୍ଶନ ମାର୍ଣ୍ଡି ଯୋଗଦାନ କରିଥିଲେ । ପ୍ରଥମେ ସମାଜରୁ କିପରି ବାଲ୍ୟବିବାହ ଓ ଶିଶୁଶ୍ରମିକ ପରି ଅନେକ କୁସଂସ୍କାର ରୋକାଯାଇ ପାରିବ ଏବଂ ସମସ୍ତ ପିଲାମାନେ ବିଦ୍ୟାଳୟ ଯାଇ ଗୁଣାତ୍ମକ ଶିକ୍ଷା ଲାଭ କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ସମାଜରେ ଚାଲିଥିବା ଭୃଣହତ୍ୟା, ଶିଶୁଶ୍ରମିକ ଓ ବାଲ୍ୟବିବାହ କ୍ଷେତ୍ରରେ ସମସ୍ତେ ସଚେତନ ହେବାପାଇଁ ଦିଲ୍ଲୀପ ଜେନାଙ୍କ ନିର୍ଦ୍ଦେଶନାରେ ଆଶ୍ୱାୟର କର୍ମକର୍ତ୍ତାମାନଙ୍କ ଦ୍ୱାରା ଏକ ସଚେତନ ମୂଳକ ଡ୍ରାମା କରାଯାଇ ସର୍ବଶେଷରେ ଏକ ମସାଲ ରାଲି କରାଯାଇଥିଲା।

# ଉପଖଣ୍ଡ ସ୍ତରୀୟ 'ସରଗି ଫୁଲ' କାର୍ଯ୍ୟକ୍ରମ



କରଞ୍ଜିଆ,୨୨।୧୧(ନି.ପ୍ର):କରଞ୍ଜିଆ ଅଞ୍ଚଳର କେନ୍ଦୁମୁଣ୍ଡି ସ୍ଥିତ ସରକାରୀ ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟଠାରେ ଉପଖଣ୍ଡ ସ୍ତରୀୟ 'ସରଗି ଫୁଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଆଦିବାସୀ ତଥା ସଂଖ୍ୟାଲଘୁ ସମ୍ପ୍ରଦାୟ ଉନ୍ନୟନ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପାଟବିଲ ସରପଞ୍ଚ ସୌଦାମିନୀ ନାୟକ, ପଞ୍ଚାୟତ ସମିତି ସଦସ୍ୟ କୈଳାଶ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, ତାଟୋ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମଲ୍ଲିକ, କେନ୍ଦୁମୁଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିକାନ୍ତ ମିଶ୍ର, ଠାକୁରମୁଣ୍ଡା, ରରୁଆଁ, ଶୁକୁଳି, ଯଶିପୁର, କରଞ୍ଜିଆ ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ନୃତ୍ୟ ଏବଂ ଅଭିନୟ ପ୍ରତିଯୋଗିତା ନିମିତ୍ତ ନ୍ୟାୟଧିଶ ରୂପେ କରଞ୍ଜିଆ ଅଞ୍ଚଳର ଅନନ୍ୟ ଶିକ୍ଷାନୁଷ୍ଠାନ ଚାରୁସ୍ ଡ୍ୟାନ୍ସ ଏକାଡେମୀର ସଂସ୍ଥାପକ ଦିବ୍ୟ ରଞ୍ଜନ ପତି ଏବଂ ଶିକ୍ଷକ ଆକାଶ ଯୋଗଦାନ କରିଥିଲେ । ଠାକୁରୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଶ୍ରୀ ମହାନ୍ତ ସ୍ୱାଗତ ଭାଷଣ ରଖିଥିଲେ ଏବଂ ପରେ ପରେ ଖେଳକୁଦ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯେଉଁଠି ବିଭିନ୍ନ ବିଦ୍ୟାଳୟର ଗାଇଡ୍ ଶିକ୍ଷକ, ଶିକ୍ଷୟତ୍ରୀମାନେ ସହାୟକ କରୁଥିଲେ । ପରିଶେଷରେ ଉତିନ୍ନ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯିବା ପରେ ନ୍ୟାୟଧିଶ ତୁଲାଉଥିବା ଚାରୁସ୍ ଡ୍ୟାନ୍ସ ଏକାଡେମୀର କର୍ମକର୍ତ୍ତାଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ସରଗି ଫୁଲ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି ।

# ସ୍ୱେଚ୍ଛାସେବୀଙ୍କୁ ଶ୍ରେଷ୍ଠ ସମବାୟ ସମ୍ମାନ



ଶୁକୁଳି,୨୨।୧୧(ନି.ପ୍ର):କରୋନା ମହାମାରୀ ସମୟରେ ଦୁସ୍ଥ ଦରିଦ୍ରଙ୍କୁ ସାହାଯ୍ୟର ହାତ ବଢାଇଥିଲେ । ପ୍ରତିଟି ସମୟରେ ଶୋଷିତ. ଅବହେଳିତ, ନିଷ୍ପେସିତ ଲୋକଙ୍କୁ ସାହଯ୍ୟ କରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାରେ ପାଣ୍ଡରଶିଳ ଗ୍ରାମର ଶିକ୍ଷକ ସ୍ୱର୍ଗତ ବୀରବର ସାହୁଙ୍କ କନିଷ୍ଠ ପୁତ୍ର ଦୀନବନ୍ଧୁ ସାହୁ ସବୁବେଳେ ଆଗରେ । ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ସାମାଜିକ ତଥା ସରକାରୀ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନୀତ ହୋଇ ଆସୁଛନ୍ତି । ଆଚାର୍ଯ୍ୟ ବିନୋବା ଭାବେଙ୍କର ୪୦ତମ ଶ୍ରାଦ୍ଧ ବାର୍ଷିକୀ ପରିପ୍ରେକ୍ଷୀରେ ଦୀନବନ୍ଧୁ ସାହୁଙ୍କୁ ସର୍ବୋଦୟ ସେବା ସମ୍ମାନ ୨୦୨୧ରେ ସମ୍ମାନୀତ କରାଯାଇଥିଲା । ବିଶ୍ୱ ମାନବୀୟ ଅଧିକାର ଦିବସ ୨୦୨୨ରେ ଜୟଦେବ ଭବନ ଭୁବନେଶ୍ୱରରେ ଆୟୋଜିତ ସଭାରେ ଶ୍ରୀ ସାହୁଙ୍କୁ ସମ୍ମାନୀତ କରାଯାଇଥିଲା । ଭଞ୍ଜଦୂତ ଖବର କାଗଜ ତରଫରୁ ୨୦୨୪ରେ ଶ୍ରୀ ସାହୁଙ୍କୁ ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ମାନୀତ କରାଯାଇଥିଲା । ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲା ସ୍ତରୀୟ ମହୋତ୍ସବରେ ତାଙ୍କୁ ଶ୍ରେଷ୍ଠ ସମବାୟ ସେବକ ରୂପେ ସମ୍ମାନୀତ କରାଯାଇଛି । ତାଙ୍କର ଏଇ ନିରନ୍ତର ସେବା ଓ ସହଯୋଗ ଆଜୀବନ ଜାରି ରଖିବେ ବୋଲି ଶ୍ରୀ ସାହୁ ସଂକଳ୍ପବଦ୍ଧ ବୋଲି କହିଛନ୍ତି ।

# ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



କେନ୍ଦୁଝର,୨୨।୧୧(ନି.ପ୍ର):ଶନିବାର ମୋଚିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡା ଉତ୍ସବ କେନ୍ଦୁଝର ଷ୍ଟାଡିୟମ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସମବେତ କ୍ରୀଡାବିତ ମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ମାନସିକ ଶିକ୍ଷା ସହ ଶାରୀରିକ ଶିକ୍ଷାର ଅବିବୃଦ୍ଧି ନଘଟିଲେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରାପ୍ତି ହୋଇନଥାଏ । ଛାତ୍ର ଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବେ ଶୃଙ୍ଖଳିତ ହୋଇ ଖେଳ ପ୍ରଦର୍ଶନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ତେଜସ୍ୱିନୀ ପାତ୍ର ଛାତ୍ର ଛାତ୍ରୀମାନଙ୍କୁ କ୍ରୀଡା ବିନା ସ୍ୱାସ୍ଥ୍ୟ ଅସମ୍ଭବ ବୋଲି ମତବ୍ୟକ୍ତ କରିବା ସହ ଉତ୍ତମ ଖେଳ ପ୍ରଦର୍ଶନ କରି ଜିଲ୍ଲା ତଥା ରାଜ୍ୟର ଟେକ ରଖିବାକୁ ପରାମର୍ଶ ଦେଇଥିଲେ । କ୍ରୀଡା ଶିକ୍ଷକ ଫକୀର ମୋହନ ମହାନ୍ତଙ୍କ ନେତୃତ୍ୱରେ ସମସ୍ତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ସଫଳ କରିବାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ତଥା ଶିକ୍ଷା କର୍ମଚାରୀ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିଥିଲେ । ଉତ୍ସବ ଶେଷରେ ବରିଷ୍ଠ ଶିକ୍ଷକ ଶାନ୍ତନୁ କୁମାର ମହାପାତ୍ର ଜିଲ୍ଲା କ୍ରୀଡା ସଂସ୍ଥା ଏବଂ ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫେରାର ପୂର୍ବ ଟ୍ରେଜେରି ଅଫିସର ଗିରଫ



ହିନ୍ଦୋଳ, ୨୨।୧୧( ନି.ପ୍ର): ସରକାରୀ ଟଙ୍କା ଆତ୍ମସାତ ଅଭିଯୋଗରେ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସବଟ୍ରେଜେରୀ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଭାବେ କାର୍ଯ୍ୟରତ ମନୋରଞ୍ଜନ ସାହୁ ଭିଜିଲାନ୍ସ ଦ୍ୱାରା ଗିରଫକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ହିନ୍ଦୋଳରୁ ନିଲମ୍ବିତ ହୋଇଥିବା ବେଳେ ବର୍ତ୍ତମାନ ଭୁବନ ସବ୍ ଟ୍ରେଜେରୀରେ କାର୍ଯ୍ୟ କରୁଥିଲେ । ଲୋକ ମାନଙ୍କର ପେନ୍ସନ ଟଙ୍କା ୬୮ଲକ୍ଷ ୮୫ ହଜାର ୪୯୭ ଟଙ୍କା ହଡ଼ପ କରିବା ଘଟଣାରେ ତତ୍କାଳୀନ ହିନ୍ଦୋଳ ସବ ଟ୍ରେଜରୀ ଅଫିସର ୫/ ୮ / ୨୦୨୩ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ । ସେହି ସମୟରୁ ସେ ଫେରାର ଥିଲେ କାଲି ରାତି ୧୦ଟା ସମୟରେ ସଦର ଥାନା ସମ୍ମୁଖରୁ ଭିଜିଲାନ୍ସ ଟିମ୍ ଗିରଫ କରିଛି । ତେବେ ମନୋରଞ୍ଜନଙ୍କ ସ୍ଥାବର ଆସ୍ଥାବର ଅଚଳାଚଳ ସମ୍ପତିର ଖୋଳତାଡ଼ କରାଯିବାସହ ହିନ୍ଦୋଳ ଉପଖଣ୍ଡର ଆହୁରି କିଛି ଅଫିସରେ ଭିଜିଲାନ୍ସ ଚଢ଼ାଉ କରାଗଲେ ଆହୁରି କେଳେଙ୍କାରୀ ଓ ଦୁର୍ନୀତି ପଦାକୁ ଆସିପାରିବ ବୋଲି ହିନ୍ଦୋଳର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନ ମେଳା



ଆନନ୍ଦପୁର,୨୨।୧୧(ନିପ୍ର):ଆନନ୍ଦପୁର ଶାଳପଡା ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମଧୁସୂଦନ ଚକ୍ର ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ୧୯୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ର ଛାତ୍ରୀମାନଙ୍କୁ ବୈଜ୍ଞାନିକ ଚିନ୍ତାଧାରାକୁ ନେଇ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରିବା ପାଇଁ ଏହି ବିଜ୍ଞାନ ମେଳାର ମୂଳ ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତନ୍ମୟ କୁମାର ବିଶୋଇ ପ୍ରତିକ୍ରିୟା ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଓ ଅଭିମନ୍ୟୁ ସାହୁ ଉପସ୍ଥିତ ରହି ପ୍ରକଳ୍ପ ଗୁଡିକ ବୁଲି ଦେଖିବା ସହ ପ୍ରକଳ୍ପ ଗୁଡିକ ବିଷୟରେ ଛାତ୍ର ଛାତ୍ରୀଙ୍କୁ ପଚାରି ବୁଝିଥିଲେ। ବିଜ୍ଞାନ ମେଳାକୁ ସଫଳ କରିବା ପାଇଁ ଅଧକ୍ଷ ଦୀପକ କୁମାର ରାଉତ, ଅଫିସ୍ ଇନଚାର୍ଜ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଛାତ୍ରଙ୍କୁ ମାଡ଼ମାରି ମୋବାଇଲ ଓ ବ୍ୟାଗ୍ ଛଡାଇ ନେଲେ ମା' ଓ ଝିଅ

ହାଟଡିହି,୨୨।୧୧(ନି.ପ୍ର):ହାଟଡିହି ବ୍ଲକ ଶାଳଣିଆଁ ମଞ୍ଜୁରୀ ରୋଡ ରାସ୍ତାର ଚଷାଖଣ୍ଡ ନିକଟରେ ଜଣେ କଲେଜ ଛାତ୍ରଙ୍କୁ ମାଡ ମାରି ତାଙ୍କ ନିକଟରୁ ମୋବାଇଲ ଛଡାଇ ନେଇଛନ୍ତି ମା' ଓ ଝିଅ। ଯାହା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । କଳିଗାଁ ଅଞ୍ଚଳର ଜଣେ ଛାତ୍ର ନାହାମି କଲେଜରେ ପଢୁଥିବା ବେଳେ ନିୟମିତ ଏହି ରାସ୍ତା ଦେଇ କଲେଜ ଯିବା ଆସିବା କରିଥାନ୍ତି । କଲେଜରୁ ଫେରୁଥିବା ବେଳେ ଚଷାଖଣ୍ଡ ନିକଟରେ ବିଚ୍ ରାସ୍ତାରେ ଜଣେ ମହିଳା ଓ ତାଙ୍କ ଝିଅ ମିଶି ଉକ୍ତ ଛାତ୍ରଙ୍କୁ ପିଟାମରା କରି ଛାତ୍ର ନିକଟରୁ ମୋବାଇଲ ଓ କଲେଜ ବ୍ୟାଗ୍ ଛଡେଇ ନେଇଥିଲେ । ସ୍ଥାନୀୟ ଲୋକମାନେ ଉକ୍ତ ଛାତ୍ରଙ୍କୁ ଉଦ୍ଧାର କରି ଶାଳଣିଆଁ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଇଛନ୍ତି । ଉକ୍ତ ଛାତ୍ର ଜଣକ ମାଡ ମାରିଥିବା ମହିଳାଙ୍କ ଝିଅର ସହପାଠୀ ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଥିଲା ଓ ଛାତ୍ର ଜଣକ ଅନେକ ସମୟରେ ସହପାଠୀଙ୍କ ଘରେ ରହି କଲେଜକୁ ଯିବା ଆସିବା କରୁଥିଲା ବୋଲି ଶୁଣିବାକୁ ମିଳୁଛି । ଏନେଇ ପୋଲିସରେ ଅଭିଯୋଗ ହୋଇନଥିବା ଜଣାପଡିଛି ।

# ଅସହାୟଙ୍କୁ ଛୋଟ ଏକ ପ୍ରୟାସ ଅନୁଷ୍ଠାନର ସହାୟତା



ହିନ୍ଦୋଳ, ୨୨।୧୧(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଥିବା ଅଗ୍ରଣୀ ସ୍ୱଚ୍ଛସେବୀ ସଂଗଠନ ଛୋଟ ଏକ ପ୍ରୟାସ ସଦାସର୍ବଦା ଅସହାୟମାନଙ୍କ ସହ ଛିଡା ହୋଇ ସହାୟତା କରିଆସୁଛି। ସେହିପରି ଏକ ମହତ କାର୍ଯ୍ୟପାଇଁ ହିନ୍ଦୋଳବାସୀଙ୍କ ନିକଟରେ ଉଚ୍ଚ ପ୍ରଶଂସିତ ହୋଇଛି।

ହିନ୍ଦୋଳ ଏନ ଏ ସି ୱାର୍ଡ ନଂ ୧୧ ଜନାର୍ଦ୍ଦନପୁର ଗ୍ରାମର ସ୍ୱର୍ଗତ ଦୁଆରୀ ନାହାକଙ୍କର ଅକାଳ ବିୟୋଗ ହୋଇଥିବା ଖବର ପାଇ ହିନ୍ଦୋଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛୋଟ ଏକ ପ୍ରୟାସ ପକ୍ଷରୁ କିଛି ଶୁଖିଲା ଖାଦ୍ୟ, କିଛି ରାସନ ସାମଗ୍ରୀ, କମ୍ବଳ ଇତ୍ୟାଦି ପ୍ରଦାନ କରାଯାଇଥିଲା ଏବଂ ଆଗକୁ ଯଥାସମ୍ଭବ ଏହିପରି କାର୍ଯ୍ୟକ୍ରମ ଜାରିରହିବ ବୋଲି ଅନୁଷ୍ଠାନରେ ସ୍ୱେଚ୍ଛାସେବୀମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ୱାର୍ଡର ପୂର୍ବତନ କାଉନସିଲର ତଥା ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, କାଉନସିଲର ଶୁଭଲକ୍ଷ୍ମୀ ଦେହୁରୀ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ଛୋଟ ଏକ ପ୍ରୟାସ ର ଏହିପରି ସେବାକାର୍ଯ୍ୟ ପାଇଁ ହିନ୍ଦୋଳ ଜନସାଧାରଣ ଉଚ୍ଚ ପ୍ରଶଂସା କରିଛନ୍ତି।

# ପିଏମ୍‌ଜି ଛକରେ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ



ତାଳଚେର, ୨୨।୧୧ (ନି.ପ୍ର): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଅବସରରେ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ପିଏମଜି ଛକଠାରେ ତାଳଚେର ରାଣୀ ଶୁକଦେଇ ବାହିନୀର ପ୍ରତିଷ୍ଠାତା ତଥା ମହିଳା କଲେଜ୍ ର ପୂର୍ବତନ ଅଧକ୍ଷା ଶୋଭାଗିନୀ ଦେବୀ ସମ୍ବର୍ଦ୍ଧିତ ହୋଇଛନ୍ତି । ଡ. ହରେକୃଷ୍ଣ ମହତାବ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପାଇକ ଆଖଡା ଦଳ ଆସି ନିଜ ନିଜର ସମର କଳା କୌଶଳ ପ୍ରଦର୍ଶନ କରିଥିଲେ। ସେଥିରେ ତାଳଚେରର ମହିଳା ପାଇକ ଆଖଡା ରାଣୀ ଶୁକଦେଇ ବାହିନୀ ଯୋଗଦେଇ ଉଚ୍ଚ କୋଟୀର ସମର କଳା ପ୍ରଦର୍ଶନ କରି ଅତିଥିମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ ଘଡେଇ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମନ୍ମଥ ରାଉତରାୟ, ପ୍ରସାଦ ହରିଚନ୍ଦନ ଯୋଗଦେଇ ସୁଶ୍ରୀ ଦେବୀଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ, ମାନପତ୍ର ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ତାଳଚେର ରାଜ ପରିବାର ବଂଶଧର ଓ ତାଙ୍କ ପ୍ରପିତା ଦାସରଥି ସାମନ୍ତସିଂହାର ଥିଲେ ତାଳଚେର ରାଜତନ୍ତ୍ର ସମୟର ପାଇକଙ୍କ ମୁଖିଆ ସର୍ଦ୍ଦାରଙ୍କ ତୃତୀୟ ପିଢ଼ୀର କନ୍ୟା ହିସାବରେ ସୁଶ୍ରୀ ଦେବୀ ନିଜର ସମର କଳା କୌଶଳକୁ ପ୍ରଦର୍ଶନ କରି ଦୀର୍ଘ ଦିନରୁ ଓଡିଶାର ବର୍ଗ ଗୌରବକୁ ସର୍ବ ବିଦିତ କରିଛନ୍ତି । ଏଥିପାଇଁ ତାଳଚେରର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସୁଶ୍ରୀ ଦେବୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାଶ ପାଇଁ କ୍ରୀଡ଼ାର ଭୂମିକା



ତାଳଚେର, ୨୨।୧୧(ନି.ପ୍ର): ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ କ୍ରୀଡାର ଉଦ୍ୟାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ବିଦ୍ୱତ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ହିଙ୍ଗୁଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶିକ୍ଷାବିତ ପ୍ରତାପ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଦୁଃଖବନ୍ଧୁ ସାହୁ, ସମ୍ମାନୀତ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ତପନ କୁମାର ସାହୁ, ଯୁଗ୍ମ ସଂପାଦକ ବିକ୍ରମ ଜେନା ଓ କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ଦୁର୍ଯ୍ୟୋଧନ ସାହୁ ବାର୍ଷିକ କ୍ରୀଡ଼ାର ବିବରଣୀ ପାଠ କରିଥିଲେ । ଅତିଥିମାନେ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କର ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାଶ ନିମନ୍ତେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ୍ ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁରସ୍କାର ବିତରଣୀ ସମାରୋହକୁ ଶାରୀରିକ ପ୍ରମୁଖ ଆଚାର୍ଯ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନ, ଦୁର୍ଯୋଧନ ସାହୁ ଓ ରବିନ୍ କୁମାର ବରାଳ ପରିଚାଳନା କରିଥିଲେ । ତିନି ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ୧୫୦୦ମି, ୩୦୦୦ମି ଦୌଡ଼, ଲମ୍ବ ଡିଆଁ , ଉଚ୍ଚ ଡିଆଁ, ବାଧା ଦୌଡ, ତ୍ରିପଦ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଚ୍ଛା ଫିଙ୍ଗା ପ୍ରଭୃତି ୬୬ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ୪୯୬ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକାକୁ ଅବତରଣ କରିବା ସହ କ୍ରୀଡ଼ା ମଶାଲକୁ ନିର୍ବାପନ କରିଥିଲେ । କାର୍ଯ୍ୟକ୍ରମକୁ ଆଚାର୍ଯ୍ୟା ପ୍ରିୟଙ୍କା ବେହେରା, ମଳୟ ଦାସ ପରିଚାଳନା କରିଥିଲେ । ଆଚାର୍ଯ୍ୟ ଚତୁର୍ଭୂଜ ସାହୁ, ଭଗବାନ ସାହୁ, ନିତ୍ୟାନନ୍ଦ ବେହେରା, ଶରତ ଦାସ, ସରୋଜା ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ସରସ୍ୱତୀ ସାହୁ, ସୁକନ୍ୟା ମାଝୀ, ବସନ୍ତ ମହାନ୍ତି,ରଞ୍ଜୁବାଳା ସାହୁ, କୁମୁଦ ବେହେରା, ସରିତା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ,ଆଚାର୍ଯ୍ୟା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ

**AFFIDAVIT**

By virtue of an affidavit sworn before the Executive Magistrate, Talcher, Dt-20.11.2025, I, Jashobanta Behera, 45 yrs, S/o-Late Madan Behera, At-Chainpal, Po-Thermal, Ps-Talcher, Dist-Angul, Odisha, Pin-759101, declare that I have changed the name of my minor daughter from Janyaprava Behera (old name) to Jangyaprava Behera (new name). Henceforth, She shall be known as Jangyaprava Behera for all purposes.

Jashobanta Behera
Deponent

**AFFIDAVIT**

By virtue of an affidavit(70AA057966)sworn before the Executive Magistrate, Anandapur, Dt-20.11.2025, I, KEBERI PUHAN, W/o-BHAGIRATHI ROUT, Address : At-Bhatakarua, Po-Ambagadia, Ps-Nandipada, Via-Fakirpur, Dist-Keonjhar, Odisha, Pin-758022 declare that I have changed the name of my daughter from ELINA ROUT to ALINA ROUT, Henceforth, She shall be known as ALINA ROUT for all purposes.

KEBERI PUHAN

# ଜାନୁଆରୀ ୯ ରୁ ମହାନଗର ମହୋତ୍ସବ



ବ୍ରହ୍ମପୁର, ୨୨।୧୧(ନିପ୍ର): ଆସନ୍ତା ଜାନୁଆରୀ ୯ ତାରିଖରୁ ୧୮ ତାରିଖ ଦୀର୍ଘ ୧୦ଦିନ ବ୍ୟାପୀ ସେଣ୍ଟ ଷ୍ଟିଫେନ୍ ଚର୍ଚ୍ଚ ପଡ଼ିଆ ଠାରେ ଆୟୋଜିତ ହେବ ୧୩ ତମ ବ୍ରହ୍ମପୁର ମହାନଗର ମହୋତ୍ସବ। ଏହି ଅବସରରେ ଶନିବାର ଷ୍ଟେସନ୍ ରୋଡ଼ସ୍ଥିତ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷ ପରିସରରେ ଏକ ପ୍ରସ୍ତୁତି ବୈଠକ ସହ ଲୋଗୋ ଉନ୍ମୋଚନ କରାଯାଇଛି । ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ୍ କୁମାର ଯୋଗଦେଇ ଲୋଗୋ ଉନ୍ମୋଚନ କରିବା ସହ ଏହି ମହୋତ୍ସବକୁ ଐତିହାସିକ ମହୋତ୍ସବ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ରଖିଥିଲେ । ସେହିପରି ଅନ୍ୟତମ ଅତିଥି ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି କହିଛନ୍ତି ଏଠାରେ କଳା ଓ ସଂସ୍କୃତିର କାର୍ଯ୍ୟକ୍ରମ ସହ ସାହିତ୍ୟ ଚର୍ଚ୍ଚା ହେଉଥିବାରୁ ନିଶ୍ଚିତ ଭାବେ ସମସ୍ତ ବର୍ଗର ଜନସାଧାରଣଙ୍କ ଦ୍ୱାରା ଏହା ଆଦୃତ ହୋଇପାରିବ । ଅନ୍ୟ ଅତିଥିଙ୍କ ମଧ୍ୟରେ ୟୁନିୟନ୍ କ୍ଲବ୍ ସଭାପତି ଭି. ସନ୍ତୋଷ କୁମାର, ସମ୍ପାଦକ ପାର୍ଥ ପାଢ଼ୀ, ପ୍ରେସ୍ କ୍ଲବ୍ ସଭାପତି ଅଶୋକ କୁମାର ବ୍ରହ୍ମା ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ରହ୍ମପୁର ସହରରେ ଗତ ୧୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ମହାନଗର ମହୋତ୍ସବ ଗଞ୍ଜାମ ଜିଲ୍ଲାର କଳା, ସଂସ୍କୃତି ଓ ସାହିତ୍ୟର ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଚଳିତ ବର୍ଷ ଏହି ମହୋତ୍ସବ ଆୟୋଜନରେ ବହୁ ଗଣ ସଙ୍ଗଠନ ଏଥିରେ ସାମିଲ ହେଉଛନ୍ତି । ଏହି ମହୋତ୍ସବ ଏକ ନିଆରା ସ୍ୱାଦର ମହୋତ୍ସବ ଅଟେ । ଏଥିରେ ଗଞ୍ଜାମ ଜିଲ୍ଲା ତଥା ଦକ୍ଷିଣ ଓଡ଼ିଶାର ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଯୋଗାଇ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଉଦ୍ୟମ ହେବ । ମହୋତ୍ସବ କମିଟି ସଭାପତି ଗୋପାଳ ପଟ୍ଟନାୟକ ଏହି ଅବସରରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ନାରାୟଣ ମହାକୁଡ଼ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସାଂସ୍କୃତିକ ସମ୍ପାଦକ ସୁଦୀପ କୁମାର ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ କବି, ସାହିତ୍ୟିକ ତଥା ଶିକ୍ଷାବିତ୍ ମିହିର ରଞ୍ଜନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସାହିତ୍ୟ ଆଲୋଚନା ଚକ୍ର ଆୟୋଜିତ ହେବ । ଏହି ସାହିତ୍ୟ ମହାକୁମ୍ଭରେ ରାଜ୍ୟର ୧ ହଜାରରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ସାମିଲ ହେବେ । ସେହିପରି ୧୦୦ରୁ ଉର୍ଦ୍ଧ୍ୱ ଆଲୋଚକ ମଧ୍ୟ ଯୋଗ ଦେଇ ସାହିତ୍ୟ ସହ ଓଡ଼ିଆ ଅସ୍ମିତା ସମ୍ପର୍କରେ ଆଲୋଚନା କରିବେ । ମୋଟ ୧୦ ଦିନର କାର୍ଯ୍ୟକ୍ରମରେ ୧୦୦ ପୁସ୍ତକ ଉନ୍ମୋଚନ ହେବ । ଅନ୍ୟପଟେ ଏହି ମହୋତ୍ସବ କେବଳ କଳା ଓ କଳାକାରଙ୍କୁ ନୁହେଁ, ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ବ୍ୟବସାୟୀଙ୍କୁ ବି ବିକ୍ରିବଟାର ସୁଯୋଗ ହେବ । ବିଭିନ୍ନ ବିଭାଗ ତଥା ବ୍ୟବସାୟିକ ପ୍ରତିଷ୍ଠାନର ୧ ଶହରୁ ଉର୍ଦ୍ଧ୍ୱ ଷ୍ଟଲ୍ ଯେଉଁଥିରେ ହସ୍ତତନ୍ତ, କୁଟୀର ଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରିର ବ୍ୟବସ୍ଥା କରାଯାଇଛି । ମହୋତ୍ସବର ସୁପରିଚାଳନା ସକାଶେ ଜିଲ୍ଲା ପ୍ରଶାସନ. ଆରକ୍ଷୀ ବିଭାଗ, ଦମକଳ ବାହିନୀ, ବିଦ୍ୟୁତ୍ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ତଥା ବ୍ରହ୍ମପୁର ମହାନଗର ନିଗମର ସାହାଯ୍ୟ ସହଯୋଗ ଲୋଡ଼ା ଯାଇଥିବା କମିଟିର ଆବାହକ ଇଂ. ଉମା ଚରଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଅନିଲ୍ କୁମାର ପାତ୍ର, ସୂର୍ଯ୍ୟନାରାୟଣ ଦାସ. ରାମ ସାମଲ, ରଶ୍ମିତା ପାଣିଗ୍ରାହୀ, ମଧୁସ୍ମିତା ରଥ, ରାଜା ସାମନ୍ତ, ଶକ୍ତିଧର ରାଜଗୁରୁ, ସମୀର ଆଚାର୍ଯ୍ୟ, ଦେବହରି ବେହେରା, ପ୍ରଶାନ୍ତ ଦାଶ, ସ୍ୱାଧୀନ ପାତ୍ର, ବାବୁଲା ପାଣିଗ୍ରାହୀ, ସୁଦର୍ଶନ ପରିଡ଼ା, ଅଭିରାମ ପାତ୍ର, ଅନନ୍ତ ନାରାୟଣ ପ୍ରଧାନ, ସୂର୍ଯ୍ୟ ନାରାୟଣ ଦାସ, ମୃତ୍ୟୁଞ୍ଜୟ ସାହୁ, ରାଜେଶ ସାହୁ, ଅରୁଣ ସ୍ୱାଇଁ, ଗୋକୁଳା ନନ୍ଦ ତ୍ରିପାଠୀ, ନବୀନ ମହାପାତ୍ର, ପ୍ରଦୀପ ନାହାକ, ଶିବ ନାରାୟଣ ପଣ୍ଡା, ସତ୍ୟ ଚେତନ ପରିଡ଼ା, ଶଙ୍କର ରଣା, ଅନୀଲ୍ ପାଢ଼ୀ, ବିଶ୍ୱନାଥ ମାରଣା, ଚିକୁ ପ୍ରତିନିଧି ଓ ଅସିତ୍ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ପ୍ରମୁଖ ଉପସ୍ଥିତଥିଲେ ।

## ପୀତବାସ ପଣ୍ଡା ହତ୍ୟାକାଣ୍ଡ

# ଜେଲ୍ ଫେରିଲେ ଉମା, କୁରୁପତି, ଚିଣ୍ଟୁ ଓ ଯୋଗୀ

ବ୍ରହ୍ମପୁର, ୨୨।୧୧(ନିପ୍ର: ପୀତବାସ ପଣ୍ଡା ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଉମା ବିଷୋୟୀ, ସାର୍ପ ସୁଟର କୁରୁପତି ଭୁୟାଁ, ବାଇକ୍ ଚାଳକ ଚିଣ୍ଟୁ ପ୍ରଧାନ ଓ ସହଯୋଗୀ ଯୋଗୀ ରାଉତକୁ ପୋଲିସ ଦୁଇ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ପୁଣି କୋର୍ଟକୁ ହାଜର କରିଛି । ହତ୍ୟା ଘଟଣାରେ ଅଧିକ ତଦନ୍ତ ଓ ତଥ୍ୟ ପାଇଁ ଉପରୋକ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ପୋଲିସ ବ୍ରହ୍ମପୁର ଏସ୍‌ଡ଼ିଜେଏମ୍ କୋର୍ଟରେ ଆବେଦନ କରିଥିଲା । କୋର୍ଟ ଦୁଇ ଦିନ ରିମାଣ୍ଡ ଅନୁମତି ଦେବା ପରେ ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ୍‌ରୁ ଆଣି ବୈଦ୍ୟନାଥପୁର ଥାନାରେ ରଖାଯାଇଥିଲା । ଏଏସ୍‌ପି ଆଲୋକ କୁମାର ଜେନା ଓ ବ୍ରହ୍ମପୁର ଟାଉନ୍ ଏସ୍‌ଡ଼ିପିଓ ପ୍ରିୟସ୍ ରଞ୍ଜନ ଛୋଟରାୟଙ୍କ ସହ ବରିଷ୍ଠ ଅଧିକାରୀମାନେ ଅଭିଯୁକ୍ତଙ୍କୁ ପୁଣି ଜେରା କରିଥିଲେ । ପ୍ରଥମ ଥର ଏମାନଙ୍କୁ ରିମାଣ୍ଡରେ ଆଣି ପୋଲିସ ହତ୍ୟା ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା । ସେମାନଙ୍କୁ ବିଭିନ୍ନ ଦିଗରୁ ପଚରାଉଚରା କରିବା ପରେ କୋର୍ଟ ହାଜର କରିଥିଲା । ଏବେ ସେମାନଙ୍କୁ ଜେରା କରିବା ପରେ ଅଭିଯୁକ୍ତମାନେ ବ୍ୟବହାର କରିଥିବା ଗୋଟିଏ ବାଇକ୍ ଜବତ ହୋଇଛି । ଅଭିଯୁକ୍ତ ଯୋଗୀ ରାଉତ ତାର ଘରେ ବାଇକ୍ ରଖିଥିଲା । ପୋଲିସ ତାହା ଜବତ କରିଛି । ଆଉ ଗୋଟିଏ ବାଇକ୍ ହତ୍ୟା ଘଟଣା ପରେ ଅଭିଯୁକ୍ତମାନେ ରାମେଶ୍ୱର ନିକଟରେ ଛାଡ଼ିଦେଇଥିଲେ । ସେଠାରେ ବାଇକ୍ ଚୋରି ହୋଇଥିବା ବେଳେ ଚୋର କବାଡ଼ିଆକୁ ଦେଇ ବାଇକ୍ ଗୁଣ୍ଡ କରିଦେଇଥିଲା । ବାଇକ୍‌ର କୌଣସି ଅଂଶ ପୋଲିସ ପାଇନଥିଲା । ଅଭିଯୁକ୍ତଙ୍କୁ ଜେରା କରିବା ପରେ ଅପରାହ୍ଣରେ ସେମାନଙ୍କୁ କୋର୍ଟ ହାଜର କରାଯାଇଥିଲା । କୋର୍ଟ ନିର୍ଦ୍ଦେଶ ପ୍ରକାରେ ସେମାନଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ଅକ୍ଟୋବର ୬ ତାରିଖରେ ବୈକୁଣ୍ଠନଗର ଛକରେ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଅକ୍ଟୋବର ୨୨ ତାରିଖରେ ଏହି ମାମଲାର ଖୁଲାସା କରିବା ସହ ପର୍ଯ୍ୟାୟ କ୍ରମେ ପୋଲିସ ୧୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ଗିରଫ ହେବା ପରେ କର୍ପୋରେଟର ମଳୟ ବିଷୋୟୀ, ମଦନ ଦଳେଇ ଓ ଉପରୋକ୍ତ ଚାରିଜଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପୋଲିସ ଜେରା କରିବା ସହ ସିନ୍ ରିକ୍ରିଏସନ୍ କରାଇଥିଲା । ଏହି ମାମଲାରେ ଜେଲ୍‌ରେ ଥିବା ଅଭିଯୁକ୍ତଙ୍କୁ ନେଇ ପୋଲିସ ଦୁଇ ଥର ସାକ୍ଷୀଙ୍କ ଉପସ୍ଥିତିରେ ଟିଆଇ ପରେଡ୍ କରିସାରିଛି ।

# ୩ ହାଇସ୍କୁଲର ସମସ୍ୟା ସମାଧାନ ଦାବି



ବ୍ରହ୍ମପୁର, ୨୨।୧୧(ନିପ୍ର): ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସଂସ୍କାରବାଦୀ ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ଆହ୍ୱାନ କ୍ରମେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ଗଞ୍ଜାମ ଜିଲ୍ଲା ଶାଖା କେ.ସି. ହାଇସ୍କୁଲ ପୁରାତନ ଛାତ୍ର ସଂଘ ଓ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ୫ ଦଫା ଦାବି ନେଇ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସହ ଦୀର୍ଘ ସମୟ ଧରି ବ୍ରହ୍ମପୁରରେ ଅବସ୍ଥିତ କେ.ସି. ହାଇସ୍କୁଲ, କେ.ସି. ଟାଉନ୍ ହାଇସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଏବଂ ବର୍ତ୍ତମାନ କେ.ସି. ବାଳିକା ଉଚ୍ଚ ବିଦ୍ୟାଳୟରେ ଦେଖାଯାଇଥିବା ବିଶୃଙ୍ଖଳତା ଓ ତାର ସମାଧାନ ପାଇଁ ବିସ୍ତୃତ ଆଲୋଚନା କରାଯାଇ କେ.ସି. ଗାର୍ଲସ ହାଇସ୍କୁଲର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ପାଣିଗ୍ରାହୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଯେଉଁ ବାଦ ବିବାଦ ଉପୁଜିଛି ତାର ପୂନର୍ବାର ତଦନ୍ତ ପାଇଁ ଜଣେ ଅଭିଜ୍ଞ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ତଦନ୍ତ କରି ଶ୍ରୀମତି ପାଣିଗ୍ରାହୀଙ୍କୁ ଚାକିରୀରୁ ନିଲମ୍ବିତ କରାଯାଇଛି ତାହା ତୁରନ୍ତ ପ୍ରତିହାର କରାଯାଉ ଏବଂ ଯିଏ ଦୋଷୀ ତାକୁ ଦଣ୍ଡବିଧାନ କରାଯାଉ । ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ରାଜ୍ୟର ଦ୍ୱିତୀୟ ପୁରାତନ (୧୭୦) ବର୍ଷ କେ.ସି. ହାଇସ୍କୁଲ, କେ.ସି. ଟାଉନ୍ ହାଇସ୍କୁଲ ଓ କେ.ସି. ଗାଲର୍ସ ହାଇସ୍କୁଲକୁ ଶୃଙ୍ଖଳିତ ଭାବେ ଚଳାଇବା ପାଇଁ ପ୍ରତ୍ୟେକ ହାଇସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଇପାରିନାହିଁ । ଉପରୋକ୍ତ ବିଦ୍ୟାଳୟ ଗୁଡ଼ିକରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ସହ କିରାଣୀ, ପିଅନ୍ ଓ ରାତ୍ର ଜଗୁଆର ବ୍ୟବସ୍ଥା କରିବାକୁ ଆଲୋଚନା ବେଳେ ଦାବି କରାଯାଇଥିଲା । ଉକ୍ତ ଆଲୋଚନା ବୈଠକରେ ତ୍ରିନାଥ ମହାରଣା, ଓଷ୍ଟା ସମ୍ପାଦକ ବିଜୟ କୁମାର ବେହେରା, ସଂସ୍କାରବାଦୀ ସମ୍ପାଦକ ହିମାଂଶୁ କୁମାର ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, କେ.ସି ହାଇସ୍କୁଲ ପୁରାତନ ଛାତ୍ର ସଂଘର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା ସମେତ ଭିକାରୀ ଚରଣ ଗଉଡ଼, ମୋହନ ଚରଣ ସ୍ୱାଇଁ, ପୁରାତନ ଛାତ୍ର ନିରଞ୍ଜନ ସାହୁ, ରାଜେନ୍ଦ୍ର ମହାନ୍ତି, ସୀମାଞ୍ଚ ପତି, ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସହ ଆଲୋଚନା କରିଥିଲେ । ତାହା ସକରାତ୍ମକ ଥିବା ବେଳେ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପାତ୍ର ପ୍ରତିଶ୍ରୁତି ଦେଇଥିଲେ । ଆବାହକ ତଥା ସଂସ୍କାରବାଦୀର ସଭାପତି ଶ୍ରୀ ମହାରଣା ଧନ୍ୟବାଦ୍ ଦେଇ କହିଲେ ଆଗାମୀ ଦିନରେ ଦୁର୍ନୀତି ପରାୟଣ କର୍ମଚାରୀଙ୍କୁ କାର୍ଯ୍ୟାଳୟରୁ ହଟା ନଗଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

# ତ୍ରିଦିବସୀୟ ରାଜଯୋଗ ଧ୍ୟାନ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର, ୨୨।୧୧(ନିପ୍ର): ପ୍ରଜାପତି ବ୍ରହ୍ମାକୁମାରୀ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିକୁଣ୍ଡ ତରଫରୁ ରାମଚନ୍ଦ୍ରପୁରସ୍ଥିତ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟରଠାରେ ୨୫ ବର୍ଷର ଅଭିଜ୍ଞତା ସମ୍ପନ୍ନ ମାଇଣ୍ଡ ଟ୍ରେନ୍‌ର (ପ୍ରଶିକ୍ଷକ) ତଥା ଯୁବ ପ୍ରେରଣା ପାଇଁ ଖ୍ୟାତିନାମା ପୁରୁଷ ମୁଖ୍ୟାଳୟ ମାଉଣ୍ଟ୍ ଆବୁସ୍ଥ ରାଜଯୋଗୀ ବ୍ରହ୍ମାକୁମାର ଭ୍ରାତା ଶକ୍ତିରାଜ ତ୍ରିଦିବସୀୟ ରାଜଯୋଗ ଧ୍ୟାନ ଶିବିରର ଉଦ୍‌ଯାପନ ଦିବସରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ନିଜ ସମ୍ପୂର୍ଣ୍ଣ ସ୍ଥିତି ପ୍ରାପ୍ତ କରିବା ପାଇଁ ରାଜଯୋଗର ନିରନ୍ତର ଅଭ୍ୟାସ ଆବଶ୍ୟକ । କାରଣ ମନ ଚଞ୍ଚଳ ହେବା ଯୋଗୁଁ ନକାରାତ୍ମକ ଶକ୍ତି ଯେପରିକି କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ଈର୍ଷା, ଆଳସ୍ୟ, ଅଲବେଲାପନ, ହତାଶ, ନିରାଶଭାବ ଆତୁରତା ଆଦି ବିକାରର ବଶୀଭୂତ ହୋଇଯାଉଛି । ପରିଣାମ ସ୍ୱରୂପ ଦୁଃଖ, ଅଶାନ୍ତି, ରୋଗ, ଶୋକ ଆଦିର ଶିକାର ହେଉଛି । ଏଣୁ ୱାଚ୍, କ୍ୟାଚ୍, ମେଚ୍ ର ବିଧି ଦ୍ୱାରା ଇତସ୍ତତଃ ଭ୍ରମିତ ମନକୁ ୱାଚ୍ ଆମେ କିଛି ସମୟ କେବଳ ବା ନିରୀକ୍ଷଣ କରିବା ଦ୍ୱାରା ମନ ଶାନ୍ତ ତଥା ଏକାଗ୍ର ହେବ । ଏଥି ସକାଶେ ନିରନ୍ତର ଅଭ୍ୟାସ ଏବଂ ବୈରାଗ୍ୟ ଭାବ ଧାରଣ କରିବାକୁ ହେବ । ମୁଁ ଏକ ଆତ୍ମା ଅଟେ, ଶରୀର ନୁହଁ, ଏହା ଚିନ୍ତନ କରିବା ଦ୍ୱାରା ଆମ ହାତକୁ ଏକ ଲଗାମ୍ ଆସିଯିବ ଏବଂ ଏହି ଲଗାମ୍ ଦ୍ୱାରା ଆମେ ଭ୍ରମିତ ଲକ୍ଷ୍ୟହୀନ ମନକୁ ନିୟନ୍ତ୍ରିତ କରିପାରିବା । ଏହା ହେଉଛି କେଚ୍ । ତତ୍‌ପରେ ଏକ ପାୱାର ହାଉସ୍, ସର୍ବଶକ୍ତିମାନ ପରମାତ୍ମାଙ୍କ ସହ ମନକୁ ଯୋଡ଼ିବା ଦ୍ୱାରା ପରମାତ୍ମା ଶକ୍ତି ଆମ ନିକଟକୁ ପ୍ରବାହିତ ହେବ ଏହା ହେଉଛି ମେଚ୍ । ସେତେବେଳ ଏକ ଉଚ୍ଚତର ଉତ୍ସରୁ ସକାରାତ୍ମକ ଶକ୍ତି ପ୍ରବାହିତ ହେବା ଦ୍ୱାରା ଆମ ମନ ମଧ୍ୟ ଶକ୍ତିଶାଳୀ ହେବ । ଏଥି ସକାଶେ ଭ୍ରାତା ଶକ୍ତିରାଜ ରିଲାକ୍ସନ୍ ଟେକ୍ନିକ୍ୟୁ ସହ ଓଁ ଧ୍ୱନୀର ଉଚ୍ଚାରଣ ଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗକୁ ରିଲାକ୍ସ କରିବାର ଶିକ୍ଷା ପ୍ରଦାନ କରିଥିଲେ । ନିୟମ ଅଛି ଆମେ ଯେପରି ବିଚାର କରିବା ସେପରି ହୋଇଯିବାର ଅନନ୍ତ ସମ୍ଭାବନା ନିହିତ ଅଛି । ଏଣୁ ମୁଁ କିଛି କରିପାରିବିନି, ମୋତେ ଅନ୍ୟ ଜଣେ କଣ୍ଟ୍ରୋଲ୍ କରୁଛି କିମ୍ବା ଦୁଃଖ ଦେଉଛି । ଏପରି ବିଚାର କେବେ କରିବା ଉଚିତ୍ ନୁହଁ । ଏଣୁ ସକାରାତ୍ମକ ଆତ୍ମିକ ଶକ୍ତି ଦ୍ୱାରା ଆମେ ଅନ୍ୟମାନଙ୍କର ବିକାର ଯୁକ୍ତ ନକାରାତ୍ମକ ଶକ୍ତିର ଅଧିନ ନ ହୋଇ ସର୍ବଦା ମନକୁ ଆଦେଶ ଦେବା– ମୋତେ ପରମାତ୍ମା ଦ୍ୱାରା ଯେପରି ଆଦେଶ ମିଳିବ, ସେହି ଅବସ୍ଥାରେ ସ୍ଥିତ ହୋଇପାରିବି ଏବଂ ମୋର ଭବିଷ୍ୟ ବହୁତ ଉଜ୍ଜ୍ୱଳ । ଏପରି ଭିଜନ୍ ଧାରଣ ଦ୍ୱାରା ଆମେ ଏକ ସାଧାରଣ ଆତ୍ମାରୁ ଦେବଆତ୍ମାରେ ପରିଣତ ହୋଇପାରିବା । ପରେ ଟେନ୍‌ସନ୍ ରେଟିଂ ପ୍ରୋଗ୍ରାମ୍ ଦ୍ୱାରା ନିଜର ଅନ୍ତରର ଯେଉଁ ଅବଗୁଣ ନକାରାତ୍ମକ ଶକ୍ତିକୁ ଆମେ ବ୍ଲାଷ୍ଟ କରିପାରିବା । ତେବେ ଯାଇ ମନ ସ୍ୱତନ୍ତ୍ର ହୋଇ ବିଶ୍ୱ କଲ୍ୟାଣ ଦିଶାରେ ନିଜକୁ ନିୟୋଜିତ କରିପାରିବ । ଏହାପରେ କିଛି ସମୟ ପାଇଁ ନିଜ ଜୀବନକୁ ପରିବର୍ତ୍ତନ କରିବା ସକାଶେ ଦୃଢ଼ ପ୍ରତିଜ୍ଞ ହେବାର ଶିକ୍ଷା ପ୍ରଦାନ କରିଥିଲେ । ଏବଂ ସର୍ବଶେଷରେ ପରମାତ୍ମାଙ୍କ ପ୍ରତି, ପରିବାର ପ୍ରତି ତଥା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ କୃତଜ୍ଞ ଭାବ ଧାରଣ କରି ଅଗ୍ରସହ ହେବା ସକାଶେ ପ୍ରେରଣା ପ୍ରଦାନ କରିଥିଲେ ।



# ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳିତ



ବ୍ରହ୍ମପୁର,୨୨।୧୧(ନିପ୍ର) : ଲକ୍ଷ୍ମଣ ନାୟକ ଓଡ଼ିଶାର ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଗାଁ ଗାଁ ବୁଲି ସ୍ୱାଧୀନତା ଅହିଂସା ବାର୍ତ୍ତା ପ୍ରଚାର କରୁଥିଲେ ଯାହା ବ୍ରିଟିଶ୍ ମାନଙ୍କୁ ଅସୁବିଧା କରୁଥିଲା । ଶୋଷିତ, ଅତ୍ୟାଚାରିତ ଆଦିବାସୀଙ୍କୁ ମୁକ୍ତ କରିବାପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ । ସେ ୧୮୯୯ ମସିହା ନଭେମ୍ବର ୨୨ ତାରିଖରେ କୋରାପୁଟର ତେନ୍ତୁଳିଗୁମ୍ମା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମ ଜୟନ୍ତୀକୁ ଚିର ସ୍ମରଣୀୟ କରିବା ପାଇଁ ଆଜି ବ୍ରହ୍ମପୁରସ୍ଥିତ ମଣ୍ଡଳ କାରାଗାରରେ ସହିଦ୍ ଲକ୍ଷ୍ମଣ ନାୟକଙ୍କ ୧୨୬ ତମ ଜୟନ୍ତୀ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍‌କୁମାର ଯୋଗଦେଇଥିଲେ । ଅନ୍ୟତମ ଅତିଥି ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକ ଧିରେନ୍ଦ୍ରନାଥ ବାରିକ୍, ଜେଲ୍‌ର ଲକ୍ଷ୍ମୀକାନ୍ତ ଧଙ୍ଗଡ଼ା ମାଝି ଉପସ୍ଥିତଥିଲେ । ସମସ୍ତ ଅତିଥି ପ୍ରଥମେ ମଣ୍ଡଳ କାରାଗାର ଭିତରେ ଥିବା ସହିଦ୍ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ ଯେଉଁଠି ସେ ବନ୍ଦୀ ଥିଲେ ସେଠାରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ତାପରେ ମଣ୍ଡଳ କାରାଗାର ବାହାରେ ଯେଉଁଠି ସହିଦ୍ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯାଇଥିଲା ସେହିଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ସାମ୍ବାଦିକ, ନେତୃବୃନ୍ଦ, ମଣ୍ଡଳ କାରାଗାରର ସମସ୍ତ କର୍ମଚାରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।


## ପୂର୍ବ ତଟ ରେଳପଥ

ନିଲାମ କାଟ୍‌ଲଗ୍ ନଂ.NFR-KUR-EMR-BBS

Seq. No.AA/1 : ଲଟ୍ ସଂ./ବର୍ଗ : MSS-KUR-BBS-MedStn-107-25-1(Misc-Static-Services-Medical facilities at station), ବିବରଣୀ : ଦେୟ ପ୍ରଦାନ ଭିତ୍ତିରେ ରେଳବାଇ ଯାତ୍ରୀ/ଭ୍ରମଣକାରୀଙ୍କ ନିମନ୍ତେ ଜରୁରୀକାଳୀନ ଚିକିତ୍ସା ପ୍ରକୋଷ୍ଠ (EMR)ଠାରେ ମେଡିକାଲ ଘରୋଇ ପ୍ରାକ୍ଟିସନରଙ୍କ ନିଯୁକ୍ତି ଏବଂ ଅହୋରାତ୍ର ଆମ୍ବୁଲାନ୍ସ ସେବା ପ୍ରଦାନ ସହିତ ମେଡିକାଲ ଷ୍ଟୋର ସ୍ଥାପନ ବ୍ୟବସ୍ଥା ତଥା ରେଳ ଷ୍ଟେସନଠାରେ ଜରୁରୀକାଳୀନ ଚିକିତ୍ସା ସେବା ଆବଶ୍ୟକ କରୁଥିବା ରେଳବାଇ ଯାତ୍ରୀ/ଭ୍ରମଣକାରୀ/ବ୍ୟକ୍ତିବିଶେଷ ଠାରୁ ପରାମର୍ଶ ଶୁଳ୍କ ପୈଠ ଦ୍ୱାରା ଜରୁରୀକାଳୀନ ଚିକିତ୍ସା ପ୍ରକୋଷ୍ଠରେ ଅହୋରାତ୍ର ଜରୁରୀକାଳୀନ ମେଡିକାଲ ସେବା ପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟ ସେବା ସହ ଜଡ଼ିତ ପ୍ରମୁଖ ଚିକିତ୍ସା ସେବା ପ୍ରଦାନକାରୀ ଅର୍ଥାତ୍ ସାର୍ବଜନୀନ ଏବଂ ଘରୋଇ ଚିକିତ୍ସାଳୟ/ନର୍ସିଂ ହୋମ୍/ପଲିକ୍ଲିନିକ୍/କ୍ଲିନିକ୍/ ଘରୋଇ ପ୍ରାକ୍ଟିସନର/କମ୍ପାନୀ/ଏନ୍‌ଜିଓମାନଙ୍କ ଦ୍ୱାରା ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ଜରୁରୀକାଳୀନ ଚିକିତ୍ସା ପ୍ରକୋଷ୍ଠ(EMR) ର ପରିଚାଳନା ।

ଦର ୟୁନିଟ୍ : ବାର୍ଷିକ ଲାଇସେସିଙ୍ଗ୍ ଶୁଳ୍କ, ଟ୍ରିପ୍/ଦିବସ : 1096, ଲଟ୍ ପ୍ରାରମ୍ଭ ହେବା ତାରିଖ ଓ ସମୟ : ତା.10.12.2025ରିଖ 1100 ଘଟିକା, ଲଟ୍ ସମାପ୍ତ ହେବା ତାରିଖ ଓ ସମୟ : ତା.10.12.2025ରିଖ 1130 ଘଟିକା, ସର୍ବନିମ୍ନ ବୃଦ୍ଧି (%): 0.2, ଲଟ୍ ସ୍ଥିତି : ଡ୍ରାଫ୍ଟ କାଟଲଗ୍‌ରେ ନୂଆ ।

ସମ୍ପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍

PR-816/Q/25-26


# କର ଯୋଗ ରହ ନିରୋଗ ବାର୍ତ୍ତାନେଇ ଯୋଗ ଶିକ୍ଷା



ରଙ୍ଗେଇଲୁଣ୍ଡା, ୨୨।୧୧(ନିପ୍ର) ବ୍ଲକ୍ ଅନ୍ତର୍ଗତ ଚିକରପଡ଼ା ଗ୍ରାମସ୍ଥିତ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଶନିବାର ଯୋଗାଚାର୍ଯ୍ୟ ପୁଜ୍ୟ ସ୍ୱାମୀ ହରି ଶରଣାନନ୍ଦ ସରସ୍ୱତୀ ମହାରାଜଙ୍କ ଅଧ୍ୟକ୍ଷତାରେ ୨୦୦ ଶହ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାସନ ପ୍ରାଣାୟମ୍ ଅଭ୍ୟାସ କରାଯାଇଥିଲେ । ଯିଏ ପ୍ରାଣକୁ ରକ୍ଷା କରେ ତାରି ନାମ ପ୍ରାଣାୟମ୍ ଅଟେ । ନିତ୍ୟ ଠିକ୍ ଯୋଗ କରିବା ଦ୍ୱାରା ଚିତ୍ତ ଶାନ୍ତ ରହିବା ସହ ଶରୀର ସୁସ୍ଥ ରହେ ବୋଲି ସ୍ୱାମୀଜୀ ବୁଝାଇଥିଲେ । ତେଣୁ ସମସ୍ତେ ଯୋଗ କଲେ ନିଶ୍ଚିତ ଠିକ୍ ପରିଣାମ ମିଳିବ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୋନାଲି ସିଂ ଏବଂ କୋନିସୀ ଦିବ୍ୟ ଜୀବନ ସଂଘର ସମ୍ପାଦିକା ମିନତି ଦଳାଇଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଠିକ୍ ସେହିପରି ନିକଟସ୍ଥ ଗ୍ରାମ ଶାସନ ପଦରରେ ମଧ୍ୟ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ଦିଆଯାଇଥିଲା ।


## ସତ୍ୟପାଠ

ଏତଦ୍ୱାରା ନୋଟାରୀ ପବ୍ଲିକ୍, ବରଗଡ, ତା.୨୮.୧୦.୨୦୨୫ ଙ୍କ ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦେଉଅଛୁ ଯେ, ନିମ୍ନ ତଫସିଲ ଜମିକୁ ଆମ୍ଭର ଭାଇ ରାମ କୁମାର ସରାଫ ବେଆଇନ ଭାବେ ତାଙ୍କ ନିଜ ନାମରେ ରେକର୍ଡ କରି ଦଲାଲମାନଙ୍କୁ ବିକ୍ରି ପାଇଁ ମସୁଧା କରୁଛନ୍ତି । ଆମ୍ଭେ ଚାରିଭାଇ ଓ ଗୋଟିଏ ଭଉଣୀ ଥିଲେ ମଧ୍ୟ ଆମ୍ଭକୁ ନ ଜଣାଇ ରାମ କୁମାର ସରାଫ ତାଙ୍କ ନିଜ ନାମରେ ବେଆଇନ ପଟ୍ଟା କରିଛନ୍ତି । ଏ ସଂକ୍ରାନ୍ତରେ ମାନ୍ୟବର ହାଇକୋର୍ଟ କଟକଙ୍କ ଅଦାଲତରେ SA.NO.139/2001 ମୋକଦ୍ଦମା ବିଚାରାଧୀନ ଅବସ୍ଥାରେ ଅଛି। ଉକ୍ତ ପ୍ଲଟଗୁଡ଼ିକ ସବରେଜିଷ୍ଟର ଅଫିସ୍ ବରଗଡ ଠାରେ ବିକ୍ରି ବନ୍ଦ ପାଇଁ ଦରଖାସ୍ତ କରାଯାଇଛି। ନିମ୍ନ ତଫସିଲ ଜମିକୁ ଯଦି କୌଣସି ବ୍ୟକ୍ତି କ୍ରୟ କଲେ ଆମ୍ଭେ ଦାୟୀ ହେବୁ ନାହିଁ। ତଫସିଲ: ମୌଜା–ବରଗଡ, ମେଜର ଖାତା ନଂ.– ୨୪୧୪/୪୧୨୮, ପ୍ଲଟ ନଂ. ୮୦୮୦/୧୩୮୬୯, କ୍ଷେତ୍ରଏ ୧.୦୦ଡି, କିସମ–ବା.ପା.୧, ପ୍ଲଟ ନଂ. ୮୦୮୦/୧୩୮୭୦, କ୍ଷେତ୍ରଏ ୦.୧୪ ଡି, କିସମ–ବା.ପା.୧, ପ୍ଲଟ ନଂ. ୮୦୮୦/୧୩୮୭୪/, କ୍ଷେତ୍ରଏ ୦.୩୨ଡି, କିସମ–ବା.ପା.୧, ମୋଟ ଏ ୧.୪୬ଡି.

ସ୍ୱାକ୍ଷରକାରୀ

କ୍ରାନ୍ତି କୁମାରୀ ସାହୁ, ସଂଜୀବ କୁମାର ସରାଫ, ଶ୍ୟାମ କୁମାର ସରାଫ, ସନ୍ତୋଷ କୁମାର ସରାଫ .


# ନାବାଳିକା ବଳାତ୍କାରୀକୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର, ୨୨।୧୧(ନିପ୍ର) : ଜଣେ ନାବାଳିକାକୁ ବଳାତ୍କାର ମାମଲାର ବିଚାର କରି ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତ ଅଭିଯୁକ୍ତ ଯୁବକ ଆସିକା ଥାନା ଅଞ୍ଚଳର କ୍ରାନ୍ତି ନାୟକ (୨୭)ଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜେଲ୍ଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ଜଜ୍ ରାୟରେ କହିଛନ୍ତି । ଜୋରିମାନା ଅନାଦେୟ ୧୧ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନାବାଳିକା ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଇନ୍ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୩ ରେ ଆସିକା ଥାନା ଅଞ୍ଚଳର ଏକ ଗ୍ରାମରେ ବାହାଘର ଭୋଜି ହେଉଥିଲା । ଭୋଜିରେ ପୀଡ଼ିତା ନାବାଳିକାଙ୍କ ପରିବାର ନିୟୋଜିତ ଥିଲେ । ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବା ବେଳେ ଅଭିଯୁକ୍ତ କ୍ରାନ୍ତି ନାଇକ ଘର ଭିତରକୁ ଯାଇ ନାବାଳିକାଙ୍କୁ ଭୟଭୀତ କରି ତାଙ୍କୁ ବଳାତ୍କାର କରିଥିଲା । ରାତିରେ ଭୋଜି ସରିବା ପରେ ପରିବାର ଲୋକେ ଘରକୁ ଫେରିବା ପରେ ଝିଅ କାନ୍ଦୁଥିବା ଦେଖିଥିଲେ । ପୀଡ଼ିତା ଜଣକ ଭୟଭୀତ ହୋଇ ରହିଥିବାରୁ କିଛି କହିନଥିଲେ । ବାରମ୍ବାର ପଚାରିବା ପରେ ଅଭିଯୁକ୍ତ କ୍ରାନ୍ତି ନାୟକ ତାଙ୍କୁ ଡ଼ରାଇ ଧମକାଇ ଜୋରଜବରଦସ୍ତ ଶାରିରୀକ ସମ୍ପର୍କ ରଖିବାକୁ କହିଥିଲେ । ଘଟଣା ସମ୍ପର୍କରେ ନାବାଳିକାଙ୍କ ମାଆ ଆସିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ୩୧୪/୨୩ରେ ରୁଜୁ କରି ତଦନ୍ତ କରିଥିଲା । ନାବାଳିକାଙ୍କ ବୟାନ୍ ଆଧାରରେ ଅଭିଯୁକ୍ତ କ୍ରାନ୍ତିଙ୍କୁ ଗିରଫ କରାଯାଇଥିଲା । ଗିରଫ ପରଠାରୁ ଅଭିଯୁକ୍ତ କ୍ରାନ୍ତି ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ । ପୋକ୍‌ସୋ ଅଦାଲତରେ ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା । ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତ ଜଜ୍ ପ୍ରଣତୀ ପଟ୍ଟନାୟକ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

## ଏଲ୍ଆଇସି ଅବସରପ୍ରାପ୍ତ ଅଫିସର ସଂଘ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର, ୨୨।୧୧(ନିପ୍ର): ଏଲ୍‌ଆଇସି ଅବସରପ୍ରାପ୍ତ ପ୍ରଥମଶ୍ରେଣୀ ଅଫିସର ସଂଘ (ଓଡ଼ିଶା)ର ୧୫ ତମ ପ୍ରତିଷ୍ଠା ଦିବସ ବ୍ରହ୍ମପୁରରେ ଏକ ଘରୋଇ ହୋଟେଲ୍ ପରିସରରେ ପାଳିତ ହୋଇଯାଇଛି । ସଂଘର ବ୍ରହ୍ମପୁର ଡ଼ିଭିଜନ୍ ପକ୍ଷରୁ ଆୟୋଜିତ ସଭାରେ ସଂଘ ସଭାପତି ବାଳକୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ଏଲ୍‌ଆଇସି କାର୍ମିକ ଅଫିସର ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ସଚିବ ଦିଲ୍ଲୀପ କୁମାର ପଟ୍ଟନାୟକ ଓ ଯୋଗୀ ନାହାକଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା ।


## FORTUNE SCALES & INSTRUMENTS

WE ARE HIRING

| Job Role | | No. of vacancies |
|---|---|---|
| 1. Service Engineers | - | 02 nos |
| 2. Service Technicians | - | 03 nos |

- We are looking for experienced service professionals in the field of Weighbridges and Weighing Scales.
- Salary will be commensurate with qualification and relevant experience.
- Cvs may kindly be sent to our official Email id : fortunescales@yahoo.com.



## AFFIDAVIT

I Sri Sharat Pradhan Son of Ruda Pradhan , Permanent Village-Pangaraha, Po-Sraniketa, Ps-Daringbadi, Dist-Kandhamal, Odisha, 762104, father of my minor daughter A CP Nikhita Pradhan. residing at village- Pangaraha Po-Sraniketa, Ps-Daringbadi, Dist-Kandhamal, Odisha, Pin-762104 , hereby declare that as per affidavit before the Notary public, Daringibadi, Dated 18.11.2025, I have changed the name of my daughter from ACP Nikhita Pradhan to Nikita Pradhan. Hereafter, my daughter shall be known as Nikita Pradhan for all official and legal purposes.

## AFFIDAVIT

By virtue of an affidavit sworn before the Executive Magistrate, MAHANGA, dated 21-11-2025I, Rihana Begum , W/O-Mohammed Zaheer Address Vill-Sahapur, P.O.-KumudaJaipur, P.S.- Mahanga, Dist- Cuttack, Odisha, Pin-754204,declare that I have changed my Daughter's name from M Almas to Almas Begum Henceforth, she shall be known as ALMAS BEGUM for all purposes.

Rihana Begum



## ପ୍ରଥମ ପୃଷ୍ଠାରୁ...


## ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ...

ରାଜ୍ୟରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଆଗେଇ ଚାଲିଛି। ୧୫,୦୦୦ କିମିର ବିଶ୍ୱସ୍ତରୀୟ ରାସ୍ତା, ନୂତନ ବନ୍ଦର,ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ଭିଜନ ୨୦୩୬ର ଅଂଶବିଶେଷ। ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ମଧ୍ୟ ଦ୍ରୁତ ବିକାଶ ହେଉଛି। ୭୦ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି ହୋଇଛି। ପୂର୍ବ ଭାରତର ହବ୍ ଭାବେ ବିକଶିତ ହେବ ଭୁବନେଶ୍ୱର। ଓଡ଼ିଶାର ବିକାଶ ଯାତ୍ରାରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ, ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ପ୍ରତିଫଳନ ହୋଇଥିବା ଓଡ଼ିଶା ମଣ୍ଡପର ଭୂୟଶୀ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ।

## ଆଉ ୧୦୦ଟି ନୂଆ...

ସୂଚନା ଅନୁଯାୟୀ, ଫୋର୍ସ ମୋଟର୍ସ ଏହି ଆମ୍ବୁଲାନ୍ସ ଯୋଗାଇବ। ଆବଶ୍ୟକ କାର୍ଯ୍ୟ ଶେଷ ହେବା ପରେ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀ ବେଳକୁ ଯେଉଁ ଯେଉଁ ଜିଲ୍ଲାରେ ଆମ୍ବୁଲାନ୍ସର ଆବଶ୍ୟକତା ରହିଛି ସେଠାକୁ ପଠାଯିବ। ନୂଆ ଆମ୍ବୁଲାନ୍ସ ଆସିବା ପରେ ପୁରୁଣା ଆମ୍ବୁଲାନ୍ସ ହଟାଇ ଦିଆଯିବ।

# ଗଞ୍ଜାମ କଳାପରିଷଦ କଳାକାରଙ୍କୁ ସ୍ୱାଗତ




ବ୍ରହ୍ମପୁର, ୨୨।୧୧(ନିପ୍ର): ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ଗଞ୍ଜାମ କଳା ପରିଷଦରେ ନୂତନ କଳାକାର ସଦସ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି କେଦାର ଆପଟା, ଉପସଭାପତି ସ୍ୱର୍ଣ୍ଣପ୍ରଭା ପାଢ଼ୀ, ସାଧାରଣ ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକ, ସାଂସ୍କୃତିକ ସମ୍ପାଦକ ଇଂ. ମନୋଜ ଦଣ୍ଡପାଟ, ସମ୍ପାଦକ ଇଂ. ଅଭୟେନ୍ଦୁ ଶେଖର ପଟ୍ଟନାୟକ, କୋଷାଧ୍ୟକ୍ଷ ଇଂ. ଗଗନ ଚାନ୍ଦ ପଟ୍ଟନାୟକ, ଉପଦେଷ୍ଟା ରାଜୁ ପାଢ଼ୀ, ସରୋଜିନୀ ସାମଲ, ସଦସ୍ୟ ସୁବୋଧ ପଟ୍ଟନାୟକ, ଅଶୋକ ଜେନା, ବାସନ୍ତୀ ପ୍ରଧାନ, ଭବାନୀ ଚରଣ ମିଶ୍ର, ଗୋକୁଳ ପଣ୍ଡା, ଲୋକ ସମ୍ପର୍କ ସମ୍ପାଦକ ଅମୀୟ ତ୍ରିପାଠୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସ୍ୱାଗତ ସମ୍ବର୍ଦ୍ଧନା ସମାରୋହକୁ ଉଦ୍ଘାଟନ କରିଥିଲେ । ସଭାପତି ନୂତନ କଳାକାରମାନଙ୍କୁ ଗଞ୍ଜାମ କଳା ପରିଷଦର ଐତିହ୍ୟ ଉପରେ ଆଲୋକପାତ କରି ଏହାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ । ସାଧାରଣ ସମ୍ପାଦକ ଇଂ. ଅପୂର୍ବ ପଟ୍ଟନାୟକ, ସ୍ୱାଗତ ଭାଷଣରେ ପ୍ରାକ୍ତନ ସଭାପତି ବସନ୍ତ ପାଣିଗ୍ରାହୀ, ଶ୍ରୀକୃଷ୍ଣ ଚନ୍ଦ୍ର ସିଂହ, ମନ୍ମଥ ପାଢ଼ୀ, କୃଷ୍ଣଚନ୍ଦ୍ର ଜେନା, ବାଳକୃଷ୍ଣ ଦାସ, ଦେବ ନନ୍ଦ ସମେତ ଅନ୍ୟ ଆଜୀବନ ସଦସ୍ୟ ମାନଙ୍କ, ଗଞ୍ଜାମ କଳା ପରିଷଦ ଗଠନରେ ସେମାନଙ୍କ ଅତୁଳନୀୟ ଅବଦାନ ଉପରେ କହିଥିଲେ । ଅନ୍ୟମାନଙ୍କ ଭିତରେ ଭବାନୀ ଚରଣ ମିଶ୍ର, ଗୋକୁଳ ପଣ୍ଡା, ଅଶୋକ ଜେନା, ସମାରୋହର ଆଭିମୁଖ୍ୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଇତ୍ୟ ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଚାଳିଶି ଜଣ କଳାକାରଙ୍କୁ ପରିଷଦର କଳାକାର ସଦସ୍ୟ ଭାବେ ଗ୍ରହଣ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ନୀଳାଞ୍ଚଳ ବେହେରା ସମାରୋହକୁ ପରିଚାଳନା କରିଥିଲେ ।


## GOVT. OF ODISHA DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## PURI IRRIGATION DIVISION, PURI

A - 932

e Mail i.d.eepuri_elcwr.od@nic.in & eepurirrigation@yahoo.com

"e" PROCUREMENT NOTICE No. PID-03 OF 2025-26 (Double Cover)

Bid Identification No. PID-136of 2025-26 toPID140of 2025 -26

| | | | |
|---|---|---|---|
| 1. | Name of the work | :- | River/ Canal |
| 2. | Total No of package | :- | 5 No. (Double Cover) |
| 3. | Tender Cost | :- | 80.73 Lakhs to 83.05Lakhs |
| 4. | EMD | :- | As per Column No.6 (Online Payment Mode) |
| 5. | Class of contractor | :- | "B" to "A" Class |
| 6. | Cost of tender paper | :- | Rs.10000/- (Online Payment Mode) respectively shown as per Column No. 5 |
| 7. | Period of completion | :- | Five Calendar Months. |
| 8. | Technical Bid Opening | :- | Dt.09.12.2025 at 11.30 AM |
| 9. | Financial Bid Opening | :- | To be uploaded in Portal after evaluation of Technical Bids. (Cover-I) |
| 10 | Transparent lottery among L1 Bidders | :- | Dt.20.12.2025 at 11.30 AM onwards. |

| Procurement officer | Bid Identification No. | Availability of tender for on-line bidding From | To | Last date and time of seeking tender clarification | Date & time of opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Puri Irrigation Division, Puri | PID-136 to PID-140 of 2025-26 | From 24.11.2025 10.30 AM | Upto 8.12.2025 5.30PM) | Upto 08.12.2025 upto 5.30PM) | Technical Bid (Cover-I) 09.12.2025 at 11.30AM O/o SE, Puri Irr. Division, Puri |

Further detail conditions can be seen from the Govt website http://www. tendersorissa.gov.in All Corrigendum/cancellation of tender anything regarding tender will be shown inGovt. websiteonly.

Sd/-
Superintending Engineer
Puri Irrigation Division, Puri

# ଭୁବନେଶ୍ୱରରେ ଅନୁଷ୍ଠିତ ହେବ ରାଗୋତ୍ସବ




ଭୁବନେଶ୍ୱର, ୨୨।୧୧(ନିପ୍ର): ଶାସ୍ତ୍ରୀୟ ସଙ୍ଗୀତକୁ ପ୍ରୋତ୍ସାହିତ କରୁଥିବା ଆଗଧାଡ଼ିର ସଙ୍ଗଠନ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଦ୍ୱାରା ଆୟୋଜିତ ହେବାକୁ ଥିବା ବାର୍ଷିକ ସଙ୍ଗୀତ ମହୋତ୍ସବ-ରାଗୋତ୍ସବ-୨୦୨୫ ଚଳିତ ମାସ ୨୬,୨୭ ଓ ୨୮ ତାରିଖରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମ ପ୍ରତ୍ୟେକ ସନ୍ଧ୍ୟା ୬.୩୦ ଟାରେ ଆରମ୍ଭ ହେବ। ଏହି ଅବସରରେ ୨୬ ତାରିଖରେ ତେଜିନ୍ଦର ସିଂ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ବିଶିଷ୍ଟ ଗାୟିକା ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଡ.ଶ୍ୟାମାମଣୀ ଦେବୀଙ୍କୁ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ସହରରୁ ଆସୁଥିବା କଳାକାରମାନଙ୍କ ଦ୍ୱାରା ସନ୍ଧ୍ୟାରେ ୨ଟି ଉପସ୍ଥାପନା ପ୍ରଦର୍ଶିତ ହେବ। ଉକ୍ତ ସଙ୍ଗୀତ କାର୍ଯ୍ୟକ୍ରମ ସର୍ବସାଧାରଣଙ୍କ ପାଇଁ ଖୋଲା ରହିଛି। ୧୯୬୩ରେ ପ୍ରତିଷ୍ଠିତ ଭୁବନେଶ୍ୱର ମ୍ୟୁଜିକ ସର୍କଲ, ଭୁବନେଶ୍ୱର ଓ ଏହା ଆଖପାଖ ଅଞ୍ଚଳରେ ଶାସ୍ତ୍ରୀୟ ସଙ୍ଗୀତକୁ ପ୍ରୋତ୍ସାହିତ କରିଆସୁଛି। ସମ୍ପ୍ରତି ଏହାର ପାଖାପାଖି ୫୦୦ ଆଜୀବନ ସଦସ୍ୟ ରହିଛନ୍ତି। ଭୁବନେଶ୍ୱର ମ୍ୟୁଜିକ ସର୍କଲ ପ୍ରତି ମାସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାଏ, ସେଥିମଧ୍ୟରୁ ୩ ଦିନିଆ ବାର୍ଷିକ ସଙ୍ଗୀତ ମହୋତ୍ସବ 'ରାଗୋତ୍ସବ' ନଭେମ୍ବରରେ ଅନୁଷ୍ଠିତ ହୋଇଥାଏ। ଏଥିରେ ହିନ୍ଦୁସ୍ତାନୀ, କର୍ଣ୍ଣାଟକୀ, ଓଡ଼ିଶୀ ଧାରାର ଶାସ୍ତ୍ରୀୟ ସଙ୍ଗୀତ ଉପସ୍ଥାପନ କରାଯାଇଥାଏ। ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସାଧାରଣ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ, ଉପସଭାପତି ରାଜେନ୍ଦ୍ର ସିଂହ, କୋଷାଧ୍ୟକ୍ଷ ଜିପି ପାଣିଗ୍ରାହୀ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।୨୬ରେ ଡ. ଆଇ ମନ୍‌ମାଧା ରାଓଙ୍କ କର୍ଣ୍ଣାଟକୀ, ସାକ୍ସୋଫୋନ୍ ବାଦନରୁ ଆରମ୍ଭହେବ। ଏଥିରେ ଡ. ମାଭୁଦ୍ଦୁରୁ ସତ୍ୟନାରାୟଣ ଶର୍ମା ଭାଓଲିନ୍ ଏବଂ ମାଭୁଦ୍ଦୁରୁ ସତ୍ୟନାରାୟଣ ରାଓ ଶର୍ମା ମୃଦଙ୍ଗରେ ସହଯୋଗ କରିବେ। ଡ. ଚୈତ୍ରା ଏଚ୍ଏସ୍‌ଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଭୋକାଲ ପରିବେଷଣ କରାଯିବ। ୨୭ ସନ୍ଧ୍ୟାରେ ରୂପକ କୁମାର ପରିଡାଙ୍କ ଦ୍ୱାରା ଓଡ଼ିଶୀ ଭୋକାଲ ଉପସ୍ଥାପନ କରାଯିବ। ଏଥିରେ ରାମଚନ୍ଦ୍ର ବେହେରା ମର୍ଦ୍ଦଳ, ଆକାଶ ନାୟକ ହାରମୋନିୟମ୍ ଏବଂ ଅମିତ କୁମାର ପଣ୍ଡା ତାନପୁରାରେ ସହଯୋଗ କରିବେ। ଏହାପରେ ଡ. ଚନ୍ଦ୍ରିମା ରାୟଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଇନ୍‌ଷ୍ଟ୍ରୁମେଣ୍ଟାଲ ( ଶରଦ) ପରିବେଷଣ କରାଯିବ। ୨୮ ସନ୍ଧ୍ୟାରେ ପଣ୍ଡିତ ରବିଶଙ୍କରଙ୍କ ପ୍ରଧାନ ଏବଂ ବୁଦ୍ଧାଦିତ୍ୟ ପ୍ରଧାନଙ୍କ ଦ୍ୱାରା ହିନ୍ଦୁସ୍ତାନୀ ସୀତାରର ଯୁଗଳ ଉପସ୍ଥାପନ କରାଯିବ। କୂଳମଣୀ ସାହୁ ତବଲାରେ ସହଯୋଗ କରିବେ। ଏହାପରେ ଡ. ଭିଲିନା ପାତ୍ରଙ୍କ ଦ୍ୱାରା ହିନ୍ଦୁସ୍ତାନୀ ସଂଗୀତ ପରିବେଷଣ କରାଯିବ।

# ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର,୨୨।୧୧(ନିପ୍ର): ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ଜୁପିଟର ପବ୍ଲିକ ସ୍କୁଲରେ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ମୋଟରଯାନ ନିରୀକ୍ଷକ ରବୀନ୍ଦ୍ର ନାଥ ଜେନା (ଏମଭିଆଇ, ଆରଟିଓ ) ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଗାଡି ଚାଳନା ନିୟମ ସମ୍ପର୍କରେ ବୁଝାଇଥିଲେ। ଓଡିଶା ଓ ଖୋର୍ଦ୍ଧା ଜିଲ୍ଲାରେ ପ୍ରତିଦିନ ଘଟୁଥିବା ସଡ଼କ ଦୁର୍ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏଥି ସହିତ ସାଧାରଣ ଜ୍ଞାନ ପରୀକ୍ଷା କରାଇ ପିଲାମାନଙ୍କ ମଧ୍ୟରେ ମୋଟରଯାନ ଚାଳନା ନେଇ ସଚେତନତା ସୃଷ୍ଟି କରିଥିଲେ। ମୋଟରଯାନ ପରିବହନ ନିରୀକ୍ଷଣ ସଂସ୍ଥା ତରଫରୁ ଲୋକନାଥ ନାୟକ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଗାଡିଚାଳକ ପ୍ରମୁଖ କାର୍ଯ୍ୟକ୍ରମରେ ଏ ସମ୍ପର୍କିତ ଜ୍ଞାନ ଆହରଣ କରଥିଲେ। ଅଧକ୍ଷା ଏଭଳି ଏକ ଶିକ୍ଷଣୀୟ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଉପାଧାକ୍ଷା ଧନ୍ୟବାଦ ଅର୍ପଣ




# ଉତ୍କଳ ହସ୍ପିଟାଲରେ ଫାୟାର ସେଫ୍‌ଟି ମକ୍ ଡ୍ରିଲ୍



ଭୁବନେଶ୍ୱର,୨୨।୧୧(ନିପ୍ର): ନିଳାଦ୍ରି ବିହାରରେ ଅବସ୍ଥିତ ଉତ୍କଳ ହସ୍ପିଟାଲରେ ରାଜ୍ୟ ଫାୟାର ଆଣ୍ଡ ଏମର୍ଜେନ୍ସି ବିଭାଗ ସହଯୋଗରେ ଏକ ଫାୟାର ସେଫ୍ଟି ମକ୍ ଡ୍ରିଲ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୩୦ ଜଣ ଅଧିକାରୀ ଏବଂ ଉଦ୍ଧାରକାରୀ ଅଂଶଗ୍ରହଣ କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ଜନସାଧାରଣ ଓ ରୋଗୀ ସୁରକ୍ଷା ବୃଦ୍ଧି ଏବଂ ଅଗ୍ନିନିର୍ବାପନ ସମ୍ପର୍କିତ ପ୍ରାକଟିକାଲ୍ ଶିକ୍ଷା ପ୍ରଦାନ ଏହାର ଉଦ୍ଦେଶ୍ୟ। ସୁଉଚ୍ଚ ଭବନରୁ ଉଦ୍ଧାର ପ୍ରକ୍ରିୟା, ଆଧୁନିକ ଅଗ୍ନି ନିର୍ବାପନ ଯନ୍ତ୍ରପାତିର ବ୍ୟବହାର, ହସ୍ପିଟାଲ ଭିତରେ ଓ ବାହାରେ ଅଗ୍ନି ପରିଚାଳନା ପ୍ରକ୍ରିୟାର ମକ୍‌ଡ୍ରିଲ କରାଯାଇଥିଲା। ଡ୍ରିଲ୍‌ର ନେତୃତ୍ୱ ନେଇଥିଲେ ନାରାୟଣ ଦାଶ, ଚିନ୍ମୟ ବାରିକ, କୁନୁ ନାୟକ, ମନୋରଞ୍ଜନ ରାଉତ। ଏହା ସହିତ ପ୍ରଶିକ୍ଷିତ ଫାୟାର ଫାଇଟର୍ ଟିମ୍ ଅଂଶଗ୍ରହଣ କରିଥିଲେ। ଉତ୍କଳ ହସ୍ପିଟାଲର ବିକେ ସୁବୋଧ ସିଂହ, ସେଖ୍ ସିକନ୍ଦର, ଫାୟାର ଅଫିସର ସତ୍ୟଜିତ ସାହୁ, ଅରୁଣ ଖିଲାର, ସନ୍ଦୀପ ନାୟକ, ତନ୍ମୟ ଚୌଧୁରୀ, ଡ. ଜ୍ୟୋତିସ୍ମୟ ମହାପାତ୍ର, ଚିଫ୍ ସିକ୍ୟୁରିଟି ଅଫିସର୍ ବିଶ୍ୱଜିତ ଦାଶପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ଓ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିଛି।

# ଅନ୍ତର୍ଜାତୀୟ ସମ୍ମିଳନୀରେ ଚମକିଲେ ଆଇଆଇଏମ୍‌ଟି ଛାତ୍ରଛାତ୍ରୀ




**ଭୁବନେଶ୍ୱର,୨୨।୧୧(ନିପ୍ର):** ସିଲଂର ଉତ୍ତର-ପୂର୍ବାଞ୍ଚଳ ହିଲ୍ ବିଶ୍ୱବିଦ୍ୟାଳୟ (ନେହୁ)ରେ ଅନୁଷ୍ଠିତ ଦୁଇ ଦିନିଆ ଅନ୍ତର୍ଜାତୀୟ ବିପର୍ଯ୍ୟସ୍ତ ମାନବ ସମ୍ବଳ ପରିଚାଳନା: ସମନ୍ୱିତ କୃତ୍ରିମ ବୁଦ୍ଧିମତ୍ତା (ଡିଏଚ୍ଆରଏମ୍-୨୦୨୫) ସମ୍ମିଳନୀରେ ଭୁବନେଶ୍ୱର ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍ଟି) ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉତ୍କର୍ଷତା ଓ ନମନୀୟତା ମନୋଭାବକୁ ବିଶିଷ୍ଟ ସ୍ୱୀକୃତି ମିଳିଛି। ଛାତ୍ର ଲୟେଦର ଜେନା (ଏମସିଏ) ଏବଂ ଛାତ୍ରୀ କିରଣ ମହାନ୍ତି (ଏମସିଏ) ରୋହୋ ଓ୍ୱର୍କପ୍ଲେସ ସ୍ମୃତ: ବିପର୍ଯ୍ୟସ୍ତ ମାନବ ସମ୍ବଳ ପରିଚାଳନା ଶୀର୍ଷକ ଏକ ଉଚ୍ଚକୋଟିର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସେମାନଙ୍କର ବିଶ୍ଳେଷଣାତ୍ମକ ଅନ୍ତର୍ଦୃଷ୍ଟି ଏବଂ ବିସ୍ତୃତ ଉପସ୍ଥାପନାକୁ ନେହୁର ଡିନ୍ ପ୍ରଫେସର ବିପି ସାହୁ, ଡିଏସିଇ, ନେହୁର ମୁଖ୍ୟ ଡ. ଓ୍ୱାଲା ମାଇଲିଏମ୍ ଗ୍ୟାପ, ଅନ୍ତର୍ଜାତୀୟ ସମ୍ମିଳନୀର ଅନ୍ୟାନ୍ୟ ବିଶିଷ୍ଟ ବକ୍ତା ଏବଂ ପ୍ରତିନିଧିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ସମୀକ୍ଷକମାନେ ଛାତ୍ରଛାତ୍ରୀମାନଙ୍କର ଚିନ୍ତାଧାରାର ସ୍ୱଚ୍ଛତା, ବିଶ୍ଳେଷଣର ଗଭୀରତା ଏବଂ ଉଦୀୟମାନ ଏଚଆର ସହ କୃତ୍ରିମ ବୁଦ୍ଧିମତ୍ତା ସଂଯୋଗ କରିବାର କ୍ଷମତା ପାଇଁ ପ୍ରଶଂସା କରିଥିଲେ। ନେହୁ ସିଲଂ ଯୁବ ପ୍ରତିଭାକୁ ପୋଷଣ କରିବା, ସେମାନଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ମଞ୍ଚରେ ଅଂଶଗ୍ରହଣ ଏବଂ ଉତ୍କର୍ଷତା ହାସଲ କରିବାରେ ସୁଯୋଗ ପ୍ରଦାନ କରିବା ପାଇଁ ଆଇଆଇଏମଟି ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କର, ଆଇଆଇଏମଟି ଅଧକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ ଏବଂ ସିଭିଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ବିଷ୍ଣୁ ପ୍ରସାଦ ରାଉତରାୟଙ୍କୁ ବିଶେଷ ପ୍ରଶଂସା କରିଥିଲେ। ଏହି ମାନ୍ୟତା ଆଇଆଇଏମଟି ପାଇଁ ଏକ ଗର୍ବର ମୁହୂର୍ତ୍ତ।ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣା, ନବସୃଜନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି।

# ଏଫ୍‌ପିସି ପକ୍ଷରୁ ସାମର୍ଥ୍ୟ ନିର୍ମାଣ କର୍ମଶାଳା



ଭୁବନେଶ୍ୱର,୨୨।୧୧(ନିପ୍ର): ଲାଇଭଲିହୁଡ୍ ଅଲଟରନେଟିଭସ୍ (ଏଲ୍ଏ), ଭାରତ ସରକାରଙ୍କ ସିଏସ୍ସି ସହଯୋଗରେ ଭୁବନେଶ୍ୱରସ୍ଥିତ ଏମ୍ଆଇଏସିଏମ୍‌ରେ କୃଷକ ଉତ୍ପାଦକ ସଂଘ (ଏଫ୍ପିଓ) ଦ୍ୱାରା କମନ୍ ସର୍ଭିସ୍ ସେଣ୍ଟର (ସିଏସ୍ସି) ସମ୍ପର୍କରେ ଦୁଇ ଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ୪୧ଟି ବ୍ଲକ୍‌ରୁ ୪୧ଜଣ ଏଫ୍ପିଓ ପ୍ରତିନିଧି ଏଥିମନ୍ତେ ହୋଇଥିଲେ। ଏଫ୍ପିଓଗୁଡ଼ିକୁ ସୁଦୃଢ଼ କରିବା, ଋଣ ଯୋଗାଣ ସୁଗମ କରାଇବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମେତ ସରକାରୀ ସେବାଗୁଡ଼ିକ ଯୋଗାଇଦେବା ନିମନ୍ତେ ସମର୍ଥ କରାଇବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା। ଏହା ଗ୍ରାମାଞ୍ଚଳ ବିଶେଷକରି କୃଷକ ପରିବାରଗୁଡ଼ିକୁ ସରକାରୀ ସେବା ଯୋଗାଇଦେବାରେ ଶେଷ ମାଇଲ ପର୍ଯ୍ୟନ୍ତ ଉଲ୍ଲେଖନୀୟ ପ୍ରଭାବ ପକାଇବ। କର୍ମଶାଳାରେ ଜାତୀୟ ଇ-ପ୍ରଶାସନ ଯୋଜନାରେ କମନ୍ ସର୍ଭିସ ସେଣ୍ଟର ବିଧିବ୍ୟବସ୍ଥାକୁ ଉପସ୍ଥାପନ କରାଯାଇଥିଲା। ସିଏସ୍‌ସିଗୁଡ଼ିକ ଶେଷ ମାଇଲ ଡିଜିଟାଲ ପେଣ୍ଟସ୍ଥଳ ଭାବରେ କାର୍ଯ୍ୟ କରୁଛି, ଯେଉଁଠାରେ ଗ୍ରାମାଞ୍ଚଳ ଉଦ୍ୟୋଗୀମାନେ ଜି୨ସି ସେବା ଯୋଗାଣ, ଆଧାର ଓ ପାନ୍ ସୁଗମ କରିବା, ଆର୍ଥିକ ସେବାସମୂହ, ବୀମା, ଇ-ବାଣିଜ୍ୟ ଏବଂ କୃଷି ସମ୍ପର୍କିତ ସେବା ତଥା ପରାମର୍ଶ ଆଦି ଯୋଗାଇ ଦେଉଛନ୍ତି। ସିଏସ୍‌ସିଗୁଡ଼ିକୁ ପରିଚାଳନା କରି ଏଫ୍ପିଓଗୁଡ଼ିକ ଦୀର୍ଘସ୍ଥାୟୀ ରାଜସ୍ୱ ଆୟ କରିବା ସହିତ ଅଧିକରୁ ଅଧିକ ସଦସ୍ୟଙ୍କ ନିୟୋଜନତା ଏବଂ ସେମାନଙ୍କ କାର୍ଯ୍ୟାବଳୀରେ ବର୍ଦ୍ଧିତ ଜନସାଧାରଣଙ୍କ ଉପସ୍ଥିତି ହାସଲ କରିପାରୁଛନ୍ତି। କୃଷକମାନେ ସମୟ ସଞ୍ଚୟ କରିବା ସହିତ ସ୍ୱଚ୍ଛ ଓ ଡିଜିଟାଲ ତଥା ଆର୍ଥିକ ସେବାଗୁଡ଼ିକ ନିଜ ଗ୍ରାମ ସ୍ତରରେ ସୁବିଧାରେ ପାଇପାରୁଛନ୍ତି। ନାବାର୍ଡର ପ୍ରାକ୍ତନ ଏମ୍‌ଡି ସଞ୍ଜୀବ କୁମାର ଚଢ଼ା କର୍ମଶାଳାର ଉଦ୍‌ଘାଟନ କରିବା ସହିତ ଏଫ୍‌ପିଓସିଗୁଡ଼ିକ ପ୍ରଚଳିତ ସରକାରୀ ଯୋଜନାର ଉପଯୋଗ କରି ଆୟ ବୃଦ୍ଧି ଘଟାଇବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଆର୍‌ବିଆଇ ରିଜିଓନାଲ ଡାଇରେକ୍ଟର ଡ. ଶାରଦା ପ୍ରସନ୍ନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବ୍ୟବସାୟ ଆରମ୍ଭ କରିବା ନିମନ୍ତେ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ସ୍କୁଲକୁ ଫ୍ୟାନ ଦାନ କଲା ଓଏଲ୍‌ଆର୍‌ବିଏ



ଭୁବନେଶ୍ୱର, ୨୨।୧୧(ନିପ୍ର): ଓଏଲ୍‌ଆର୍‌ବିଏ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇ ଆସୁଛି। ଉକ୍ତ ସଙ୍ଗଠନ କଟକର ମହାନଦୀ ବିହାର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୩ ସିଲିଂ ଫ୍ୟାନ ଏବଂ ୨ଟି ୱାଲ୍ ଫ୍ୟାନ୍ ଦାନ କରାଯାଇଛି। ତତ୍ ସହିତ ଛାତ୍ରଛାତ୍ରୀମାନଙ୍କୁ ଟେକ୍ନୋଲୋଜିର ପ୍ରୟୋଗାତ୍ମକ ଭୂମିକା ବିଷୟରେ ଅବଗତ କରାଯାଇଛି। କାର୍ଯ୍ୟକ୍ରମରେ ସଭାପତି ଡ. ନିମାଇଁ ଦାସ ମହାନ୍ତି, ସମ୍ପାଦକ ରଶ୍ମି ରଞ୍ଜନ ମହାନ୍ତି, ରବୀନ୍ଦ୍ର ଖୁଣ୍ଟିଆ, ମନୋରଞ୍ଜନ ମହାନ୍ତି ଓ ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ପୂର୍ଣ୍ଣିମା ବେହେରା, ସି ଆରସି ମୋନାଲିସା ପାତ୍ର, ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ନାୟକ ଓ ଶିକ୍ଷକ ଉମେଶ ନାୟକ ସହଯୋଗ କରିଥିଲେ। ସଙ୍ଗଠନର ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଡିସେମ୍ବର ୧୭ରୁ ଆରମ୍ଭ ହେବ ଧାନ ମଣ୍ଡି



ରାୟଗଡା, ୨୨/୧୧(ନି.ପ୍ର) : ଆସନ୍ତା ଡିସେମ୍ବର ମାସ ୧୭ ତାରିଖରୁ ରାୟଗଡା ଜିଲ୍ଲାରେ ଖୋଲିବ ଧାନ ମଣ୍ଡି । ଏ ନେଇ ଆଜି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟବର ରାୟଗଡ଼ା ବିଧାୟକ, କାଡ୍ରାକା ଆପାଳସ୍ୱାମୀ,କ୍ଷମ କଟକ ବିଧାୟକ, ନୀଳମାଧ ହିକକା,କୋରାପୁଟ ଲୋକସଭା ସାଂସଦ ପ୍ରତିନିଧି,ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ନିହାର ରଞ୍ଜନ କହଁର,ଗୁଣପୁର ଉପଜିଲ୍ଲାପାଳ ଶ୍ରୀ ଦୁଧଳ ଅଭିଷେଖ ଦିଲ୍ଲୀପ,ରାୟଗଡା ଉପଜିଲ୍ଲାପାଳ ରମେଶ କୁମାର ଜେନା,ମୁଖ୍ୟ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଦଶରାଥି ସୋରେନ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହେସନ ଶେଖଙ୍କ ସମେତ ଚାଷୀପ୍ରତିନିଧି, ମିଲର୍ସ, ନିୟନ୍ତ୍ରିତ ବଜାର କମିଟି ର ସମ୍ପାଦକ,ସମବାୟ ସମିତି ସଂପାଦକ, ଏମପିସିଏସ୍ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଚଳିତ ଖରିଫ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ୭୩ ହଜାର ୨୦୦ ମେଟ୍ରିକ ଟନ ଧାନ ଚାଷୀମାନଙ୍କଠୁ କିଣାଯିବ ଜିଲ୍ଲାରେ ୨୧ ହଜାର ୪୮୬ ଜଣ ଚାଷୀଙ୍କ ଧାନ ବିକ୍ରୟ ନିମନ୍ତେ ପଞ୍ଜିକରଣ କରିଛନ୍ତି ଗତବର୍ଷ ୧ ଲକ୍ଷ ୨୨ ହଜାର ୬୯ ମେଟ୍ରିକ ଟନ ଧାନ ଆକାରରେ ୮୧ ହଜାର ୭୨୨ ମେଟ୍ରିକ୍ ଟନ ଚାଉଳ ସଂଗ୍ରହ କରାଯାଇଥିଲା ଜିଲ୍ଲାର ୧୮ ହଜାର ୯୬୩ଜଣ ପଂଜୀକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା ଏବଂ ଏଥିରେ ୧୪ ଟି ଲ୍ୟାମ୍ପସ୍ ଅଧିନରେ ୪୩ଟି ମଣ୍ଡି ଖୋଲାଯାଇଥିଲା ଏବଂ ଜିଲ୍ଲାର ୧୧୧ ଜଣ ମିଲର୍ସ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ମଧ ୪୩ଗୋଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ମାନ୍ୟବର ରାୟଗଡ଼ା ବିଧାୟକ ବୈଠକରେ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ ଏହା ସହିତ ପ୍ରକୃତ ଚାଷୀଙ୍କୁ ବୈଠକକୁ ଡକାଯାଉ ବୋଲି କହିଥିଲେ ଜିଲ୍ଲାରେ ଚାଷୀମାନଙ୍କ ଠାରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜିକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନେ ଧାନ ଦେବାକୁ ଜନପ୍ରତିନିଧି ମାନେ କହିଥିଲେ ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ଓ ଏ ଗ୍ରେଡ଼ର ଧାନ ମୂଲ୍ୟ ୨୩୮୯ ଟଙ୍କା ସରକର ଧର୍ଯ୍ୟ କରିଛନ୍ତି ଇମ୍ପୁଟ ସହାୟତା ୮୭୩୧/- କରାଯାଇଛି ଅନ୍ୟ ରାଜ୍ୟର ସୀମାନ୍ତ ଅଂଚଳ ଗୁଡିକରେ କଡା ନଜର ରଖିବା ପାଇଁ ଉଭୟ ଉପଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଚାଷୀ ମାନଙ୍କ ଠାରୁ ଧାନ କିଣିବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଜମା କରାଯିବ ଚାଷୀ ଏଫକ୍ୟୁ ମନରଧାନ ମଣ୍ଡିକୁ ଆଣିବେ ଆରଏମସି ତରଫରୁ ସମସ୍ତ ପ୍ରକାର ସୁବିଧା କରାଯିବ ଓ ଧାନର ଗୁଣବତ୍ତା ଚେକ କରିବାକୁ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ ଚାଷୀ ମଣ୍ଡିରେ କୌଣସି ପ୍ରକାର ଅସୁବିଧା ନ ହୁଅନ୍ତି ସେଥିପ୍ରତି ଧାନ ଦେବାକୁ କୁହାଯାଇଛି

# ଜାଭିୟର୍ସ ପବ୍ଲିକ ସ୍କୁଲରେ ଦଳଗତ କୁଇଜ୍ ପ୍ରତିଯୋଗିତା

ଜଗତସିଂହପୁର,୨୨।୧୧(ନିପ୍ର): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂହ ଠାରେ ଥିବା ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଆଜି ଦଳଗତ ବା ଗ୍ରୁପ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ଦଳଗତ କୁଇଜ୍ ପ୍ରତିଯୋଗିତାର ନିୟମ ସମ୍ପର୍କରେ ପିଲାମାନଙ୍କୁ ସୂଚନା ଦେଇଥିଲେ । ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ଚାରୋଟି ଦଳରେ ଯଥା – ହଳଦିଆ, ସବୁଜ, ଲାଲ ଓ ନୀଳ ରଙ୍ଗରେ ବିଭକ୍ତ କରାଯାଇଥିଲା । କୁଇଜ୍ ମାଷ୍ଟର ଶିକ୍ଷୟିତ୍ରୀ ପ୍ରିୟଙ୍କା ମଣ୍ଡଳ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଅଂଶଗ୍ରହଣ କାରୀ ଦଳଗୁଡିକୁ ପ୍ରାୟ ୨୦ଟି



ପ୍ରଶ୍ନ ପଚରା ଯାଇଥିଲା । ଏହି ପ୍ରତିଯୋଗିତା ପରିଚାଳନା ଓ ମୂଲ୍ୟାୟନରେ ଅଧ୍ୟକ୍ଷା ଜୋର୍ତିମୟୀ ମହାରଣା, ସୁଦେଷ୍ଣା ଦାସ, ମୋନାଲିସା ଭଞ୍ଜ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ସହାୟତା କରିଥିଲେ । ଏଥିରେ ହଳଦିଆଦଳ ପ୍ରଥମ, ସବୁଜଦଳ ଦ୍ୱିତୀୟ ଓ ଲାଲଦଳ ତୃତୀୟ ହୋଇଥିଲେ । ପୁରସ୍କାର ବିତରଣ ସଭାରେ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଭୁଲିଯିବା ଭାରି ସହଜ ଓ ମନେରଖିବା ଭାରିକଷ୍ଟ ବୋଲି କହିବା ସହ କୃତିତ୍ୱ ହାସଲ କରିଥିବା ତିନି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ବୈଠକ



କୋରାପୁଟ,୨୨।୧୧(ନି ପ୍ର):ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ବୟ ସମିତି କୋରାପୁଟ ଜିଲ୍ଲା ଶାଖାର ଏକ ଗୁରୁତ୍ବପୂର୍ଣ୍ଣ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସଭାପତି ଶଶୀଭୂଷଣ ଦାଶ୍ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ବୟ ସମିତି କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ବାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଣଗେଜେଟେଡ୍ କର୍ମଚାରୀ ସମନ୍ବୟ ସମିତି ଯୋଗଦାନ କରିଥିଲେ। ବୈଠକରେ ଅଣଗେଜେଟେଡ୍ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଓ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ଡିସେମ୍ବର ତା-୨୧ କରେ ଜୟପୁର ଠାରେ ଏକ ସମାବେଶ କରିବା ପାଇଁ ର ନିଷ୍ପତ୍ତି ନିଆଯାଇଛି। ସମସ୍ତ କର୍ମଚାରୀଙ୍କୁ ସ୍ବାସ୍ଥ୍ୟ ବୀମା ରାଶି ୨୦ ଲକ୍ଷ ଟଙ୍କା ଯୋଗାଇଦେବା , ନୁତନ ପେନସନ୍ ବଦଳରେ ପୁରୁଣା ପେନସନ ଲାଗୁ କରିବା, ପୁରୁଣା ନିୟମ ଅନୁସାରେ ଅନୁକମ୍ପା ମୂଳକ ନିଯୁକ୍ତି ପ୍ରଦାନ କରିବା ସହିତ ଅଣଗେଜେଟେଡ୍ କର୍ମଚାରୀଙ୍କ ବିଭିନ୍ନ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସ୍ଥିର କରାଯାଇଥିବା ସୁଚନା ମିଳିଛି। ଉକ୍ତ ବୈଠକରେ ମହେଶ୍ୱର ମିଶ୍ର ସମ୍ପାଦକ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ବୟ ସମିତି କୋରାପୁଟ ଜିଲ୍ଲା ଶାଖା, ଲକ୍ଷ୍ମୀକାନ୍ତ ଦାଶ ସହ ସମ୍ପାଦକ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ବୟ ସମିତି , କୈଳାସ ସାମନ୍ତରାୟ ଉପଦେଷ୍ଟା ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ବୟ ସମିତି କୋରାପୁଟ ଜିଲ୍ଲା ଶାଖାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ। ପରିଶେଷରେ ଶ୍ରୀ ଦାଶ୍ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

# ବରିଷ୍ଠ ନାଗରିକ ସଂଘର ବୈଠକ



ଠାକୁରମୁଣ୍ଡା,୨୨/୧୧(ନି.ପ୍ର):ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାର ସ୍ଥିତ ପ୍ରମିଳା ହୋଟେଲ ସଭାଗୃହରେ ୨୨ ତାରିଖ ଶନିବାର ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଠାକୁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗିରୀଶ ଚନ୍ଦ୍ର ମହାନ୍ତ ସଭାପତିତ୍ବ କରିଥିଲେ। ଏହି ବୈଠକରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ବରିଷ୍ଠ ନାଗରିକ ସଂଘ ର ସମ୍ପାଦକ ସର୍ବେଶ୍ୱର ମିଶ୍ର, ମୁଖ୍ୟ ବ୍କା ଭାବେ କରଞ୍ଜିଆ ଅବସରପ୍ରାପ୍ତ କର୍ମଚାରୀ ସଂଘ ର ସମ୍ପାଦକ ତଥା ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଉପସଭାପତି ଅଭିମନ୍ୟୁ ତ୍ରିପାଠୀ, ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପଦ୍ମଲୋଚନ ନନ୍ଦ ଏବଂ ରାଜ୍ୟ ଜଙ୍ଗଲ ସଚିବାଳୟର ଅବସରପ୍ରାପ୍ତ କର୍ମଚାରୀ କେଶିରାମ ହୋ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ପାଞ୍ଚପିଢ ସମ୍ପାଦକ ସର୍ବେଶ୍ୱର ମିଶ୍ର ତାଙ୍କ ଅଭିଭାଷଣ ମାଧ୍ୟମରେ ଜିଲ୍ଲାର ବିକାଶ ଘୋଷଣା ବାବଦରେ ଗୃହରେ ଆଲୋଚନା କରି ମୟୂରଭଞ୍ଜ ଜିଲ୍ଲାର ଅବହେଳିତ ବ୍ଲକ ଠାକୁରମୁଣ୍ଡା ଓ କରଞ୍ଜିଆରେ ମଧ ବିକାଶମୂଳକ କାର୍ଯ୍ୟର ଆବଶ୍ୟକତା ଦୃଷ୍ଟିରୁ ଏ ଅଞ୍ଚଳରେ ମଧ କେନ୍ଦ୍ର ଓ ରାଜ୍ୟ ସ୍ତରୀୟ ଖୋଲାଯାଇ ପାରନ୍ତା ବୋଲି କହିଥିଲେ। ଏଥିସହିତ ଠାକୁରମୁଣ୍ଡା ବରିଷ୍ଠ ନାଗରିକ ସଂଘର ଆଗାମୀ ଦିନରେ କାର୍ଯ୍ୟ ପରିଚାଳନା କରିବାକୁ ଏକ ନୂତନ ସଂଶୋଧିତ କମିଟି ଗଠନ କରିଥିଲେ। ଏଥିରେ ଉପଦେଷ୍ଟା ନନ୍ଦକିଶୋର ବାରିକ ଓ ଗିରୀଶ ଚନ୍ଦ୍ର ମହାନ୍ତ,ସଭାପତି ପଦ୍ମଲୋଚନ ନନ୍ଦ, ସମ୍ପାଦକ ପଦ୍ମଲୋଚନ ପତି , ଉପ ସଭାପତି ସୁରେନ୍ଦ୍ର ମହାନ୍ତ ଓ ମକରଧ୍ବଜ ବାରିକ୍, ସଂଗଠନ ସମ୍ପାଦକ ଭୋଳେଶ୍ବର ସେଠୀ ଓ ନଳରାଜ ସେଠୀ ସହ ସମ୍ପାଦକ ପ୍ରମୋଦ ବାରିକ୍ ଏବଂ କୋଷାଧକ୍ଷ ଅଭିରାମ ଗିର ସର୍ବସମ୍ମତି କ୍ରମେ ମନୋନୀତ କରାଗଲା।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସହିଦ୍ ଲକ୍ଷ୍ମଣ ନାଏକଙ୍କ ଜୟନ୍ତୀ ପାଳିତ

କଂକୋରାପୁଟ,୨୨।୧୧(ନି ପ୍ର):ଜିଲ୍ଲା କଂଗ୍ରେସ ପକ୍ଷରୁ ସହିଦ୍ ଲକ୍ଷ୍ମଣ ନାଏକଙ୍କ ଜନ୍ମ ଜୟନ୍ତୀ ଜୟପୁର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ରୁପକ୍ ତୁରୁକଙ୍କ ନେତୃତ୍ବରେରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଲକ୍ଷ୍ମଣ ନାୟକଙ୍କ ପଟ୍ଟଚିତ୍ର ରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ଅନ୍ୟାନ୍ୟ ଅତିଥି ଭାବେ ଜୟପୁର ପୌରାଧକ୍ଷ ନରେନ୍ଦ୍ର ମାହାନ୍ତି, କୋରାପୁଟ ସାଂସଦ ପ୍ରତିନିଧି ହାସନ୍ ମଦାନୀ,ପୂର୍ବତନ ବିଧାୟକ ନୀମାଇଁ ସରକାର,ବ୍ଲକ୍ ସଭାପତି ବସନ୍ତ ନାୟକ ପ୍ରମୁଖ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସଭାପତି ଶ୍ରୀ ତୁରୁକ ନିଜ ଅଭିଭାଷଣରେ ଲକ୍ଷ୍ମଣ ନାୟକଙ୍କ ଦେଶ ଭକ୍ତି ଏବଂ ତାଙ୍କ ଚିନ୍ତାଧାରାକୁ ବଜାୟ ରଖିବା ପାଇଁ କଂଗ୍ରେସ ପକ୍ଷରୁ ଆଜି ତାଙ୍କର ପଟ୍ଟଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ଆଜିର ଦିନଟି ଆମ ପାଇଁ ଗୌରବର ଦିବସ ବୋଲି କହିବା ସହିତ ଜୟପୁର ସ୍ଥିତ କଂଗେସ ଭବନ ହେଉଛି ଲକ୍ଷ୍ମଣ ନାୟକଙ୍କ ଅବଦାନ ତାଙ୍କ ଅବଦାନକୁ ମନେପକାଇ ଆଜି କଂଗ୍ରେସ ତାଙ୍କର ସ୍ମୃତି ଚାରଣ କରିଛି। ଲକ୍ଷ୍ମଣ ନାୟକଙ୍କ ଦେଶ ପ୍ରେମ ବୀର ଗାଥାକୁ ଜିଲ୍ଲାର ସମସ୍ତଙ୍କ ଘରେ ଘରେ ପହଞ୍ଚାଇବା ପାଇଁ ଏହି ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜିତ ହୋଇଥିଲା ବୋଲି ସେ କହିଛନ୍ତି।




# ହାଇକୋର୍ଟ ଜଜ୍‌ଙ୍କ କୁଜଙ୍ଗ ପରିଦର୍ଶନ



କୁଜଙ୍ଗ,୨୨/୧୧(ନିପ୍ର) ଓଡିଶା ହାଇକୋର୍ଟର ବିଚାରପତି ତଥା ବିଲ୍ଡିଂଗ କମିଟି ଦାଇତ୍ୱରେ ଥିବା ବିଚାରପତି ମାନ୍ୟବର ଶ୍ରୀଯୁକ୍ତ ମାନସ ରଞ୍ଜନ ପାଠକ କୁଜଙ୍ଗ ପରିଦର୍ଶନରେ ଆସିଥିଲେ।ତାଙ୍କର ଦୁଇଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତ କାଳରେ କୁଜଙ୍ଗ ଠାରେ କାର୍ଯ୍ୟରତ କୋର୍ଟ କାମ କୁଜଙ୍ଗ ସବଜେଲ ପରିଦର୍ଶନ ସହିତ କୁଜଙ୍ଗ ରେ ନୂତନ ନିର୍ମାଣାଧୀନ ଜୁଡିସିଆଲ କମ୍ପ୍ଲେକ୍ସ ଗୃହ କାର୍ଯ୍ୟ ବୁଲି ଦେଖିଥିଲେ।କୋର୍ଟ ପରିସର ମଧ୍ୟରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଓକିଲ ସଂଘ ଗୃହରେ ଆଇନଜୀବୀ ମାନଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ।ମାନ୍ୟବର ଜଜଙ୍କ ସହିତ ଜଗତସିଂହପୁର ଜିଲ୍ଲା ଦୌରାଜଜ ପଦ୍ୟୁମ୍ନ କୁମାର ନାୟକ,ଜିଲ୍ଲା ରେଜିଷ୍ଟ୍ରର ବିଶ୍ୱ କଳ୍ପିତା ମହାନ୍ତି,କୁଜଙ୍ଗ ଅତିରିକ୍ତ ଦୌରାଜଜ ଦୀପ୍ତି ପ୍ରକାଶ ବ୍ରହ୍ମା,ସିଭିଲ ଜଜ ସିନିଅର ଡିଭିଜନ ଅବକାଶ ଚୌଧୁରୀ,ସିଭିଲ ଜଜ ଜୁନିଅର ଡିଭିଜନ ବିଶ୍ୱ ଭୂଷଣ ନାୟକ, ଜୁଡିସିଆଲ ମାଜିଷ୍ଟ୍ରେଟ ରାଜେଶ ମିଶ୍ରଙ୍କ ସମେତଓକିଲ ସଂଘ ସଭାପତି ଏ.ଏନ.ଡିଯାଦବ, ସମ୍ପାଦକ ବ୍ରଜ କିଶୋର ରାଉତ,ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ସୁଶାନ୍ତ ପଟନାୟକ,ଅମୃତ ଦାସ,କୈଳାଶ ପରିଡା,ରମେଶ ଚନ୍ଦ୍ର ଦାସ,ନଳିନୀ ରଞ୍ଜନ ଦାସଙ୍କ ସମେତ କର୍ମକର୍ତ୍ତା ଓ ଓକିଲ ସଂଘ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ମନ୍ଦିର ସମ୍ମୁଖରେ ଗାଈ ମୁଣ୍ଡ ପକାଇବାକୁ ନେଇ ଉତ୍ତେଜନା



ଜଗତସିଂହପୁର ,୨୧/୧୧(ନି ପ୍ର): ଜଗତସିଂହପୁର ସହର କ୍ରମଶଃ ଅଶାନ୍ତ ହେବାରେ ଲାଗିଛି ଏଠାରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ ମାନେ ଲୁକାୟିତ ଭାବେ ଗୋମାତା ଙ୍କୁ ହତ୍ୟା କରି ଗୋ ମାଂସ ସହରର ବିଭିନ୍ନ ହୋଟେଲ କୁ ଯୋଗାଇବା ଘଟଣା ଉପରେ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ ମାନେ କଡା ନଜର ରଖି ଗୋ ମାତା ଚାଲାଣ ଏବଂ ଗୋ ହତ୍ୟା ବନ୍ଦ କରିବାକୁ ଜିଲ୍ଲାପାଳ ଏବଂ ଏସ ପି ଙ୍କ ନିକଟରେ ଦାବି କରିବା ଦ୍ୱାରା ସଂଖ୍ୟା ଲଘୁ ସମ୍ପ୍ରଦାୟ ମାନଙ୍କ ମଧ୍ୟରେ ପ୍ରତିକ୍ରିୟା ଦେଖାଦେଇଥିଲା ଅନେକ କ୍ଷେତ୍ରରେ ପୋଲିସ ଗୋ ମାଂସ ଜବତ କରି ଅଭିଯୁକ୍ତ ମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ବିଶ୍ୱ ହିନ୍ଦୁ ପରିଷଦ ର କାର୍ଯ୍ୟକଳାପ କୁ ଓପନ ଚ୍ୟାଲେଞ୍ଜ କରି ଜଗତସିଂହପୁର ଶ୍ରୀକୃଷ୍ଣ ଏକାଡେମୀ ପଡିଆ ସ୍ଥିତ ତାରାଦେଇ ମନ୍ଦିର ନିକଟରେ ୩ଟି ଅଖାରେ ୬ ରୁ ଉର୍ଦ୍ଧ ଗାଈ ମୁଣ୍ଡ ପଡିଥିବାର ଦେଖିବାକୁ ମିଳିଥିଲା ଏଥିନେଇ ଉତେଜନା ଦେଖାଦେଇଥିଲା ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତାମାନେ ପ୍ରତିବାଦ ଶୋଭାଯାତ୍ରା ରେ ଗୋ ହତ୍ୟା କାରି ଙ୍କୁ ଗିରଫ ଦାବି କରି ଏସ ପି ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଜିଲ୍ଲା ପ୍ରଶାସନ ଗୋ ହତ୍ୟା କାରି ଙ୍କ ବିରୋଧ ରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତା ମାନେ ଦାବି କରିଛନ୍ତି

## ଆଶେସ ସିରିଜ: ପ୍ରଥମ ଟେଷ୍ଟ ୨ ଦିନରେ ଶେଷ

# ହେଡ୍‌ଙ୍କ ଲଢୁଆ ଶତକ : ଇଂଲଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ



ପର୍ଥ,୨୨।୧୧(ଏଜେନ୍ସି): ଚଳିତ ଆଶେସ ଟେଷ୍ଟ କ୍ରିକେଟ ସିରିଜର ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଦୁଇ ଦିନରେ ଶେଷ ହୋଇ ଯାଇଥିବା ବେଳେ ଟ୍ରେଭିସ ହେଡଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ୮ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରିଛି । ଏଥିସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୧–୦ର ଅଗ୍ରଣୀ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ଇନିଂସରେ ୧୭୨ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୧୩୨ ରନ କରିବାକୁ ସକ୍ଷମ ହୋଇଥିଲା । ପ୍ରଥମ ଦିବସରେ ୧୯ ୱିକେଟର ପତନ ଘଟିଥିଲା । ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୧୬୪ ରନ କରିବା ଫଳରେ ଅଷ୍ଟ୍ରେଲିଆ ସମ୍ମୁଖରେ ୨୦୫ ରନର ବିଜୟ ଲକ୍ଷ୍ୟ ରହିଥିଲା । ଟ୍ରେଭିସ ହେଡ ଓ ମାର୍ନସ ଲାବୁସେନ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ । ଅଷ୍ଟ୍ରେଲିଆ ୨୮.୨ ଓଭରରେ ୨ୱିକେଟ ହରାଇ ମ୍ୟାଚ ଜିତି ନେଇଥିଲା । ହେଡ ୬୯ ବଲରେ ଶତକ ହାସଲ କରିଥିଲେ । ସେ ୮୩ ବଲ ଖେଳି ୧୨୩ ରନ ଓ ଲାବୁସେନ ୪୯ ବଲରେ ୫୧ ରନ କରିଥିଲେ । ପ୍ରଥମ ଇନିଂସରେ ୭ ଓ ଦ୍ୱିତୀୟ ଇନିଂସରେ ୩ ୱିକେଟ ମ୍ୟାଚରେ ମୋଟ ୧୦ୱିକେଟ ଅକ୍ତିଆର କରିଥିବା ଅଷ୍ଟ୍ରେଲିଆ ପେସ୍ ବୋଲର ମିଚେଲ ଷ୍ଟାର୍କଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା ସିରିଜର ଦ୍ୱିତୀୟ ଟେଷ୍ଟ ବ୍ରିସବେନରେ ଡିସେମ୍ବର ୪ରୁ ଅନୁଷ୍ଠିତ ହେବ ।ଏହି ଦିବାରାତ୍ର ଟେଷ୍ଟ ପିଙ୍କ ବଲରେ ଖେଳାଯିବ ।

# ଶୈକ୍ଷିକ ବାତାବରଣ ସହ ପ୍ରଶିକ୍ଷଣ ପ୍ରୋତ୍ସାହନ ଆବଶ୍ୟକ



ଅସ୍ତରଙ୍ଗ, ୨୨।୧୧ (ନିପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଜନତା ଉଚ୍ଚ ବିଦ୍ୟାଳୟ, ବନ୍ତିଲୋ ରେ ୩୪ତମ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଉଦ୍‌ଘାଟକ ଭାବେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ରେ ବ୍ଲକ ଟପ୍ପର ଛାତ୍ରୀ ଦିବ୍ୟାଶ୍ରୀ ଦାଶ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ଆରତୀ ନାଏକ, ମୁଖ୍ୟ ବକ୍ତା ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ସଂମ୍ମାନିତ ଅତିଥି ମଣ୍ଡଳ ସହଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଦାସ, ଓଷ୍ଟା ସଙ୍ଘ ଅସ୍ତରଙ୍ଗ ବ୍ଲକ ସମ୍ପାଦକ ସନ୍ତୋଷ କୁମାର ଦାଶ, ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଶ୍ରୀଯୁକ୍ତ ବିପିନ କୁମାର ମହାନ୍ତି, ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ କମିଟି ସାଙ୍ଗଠନିକ ସମ୍ପାଦକ ତଥା ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। କଣ, କାହିଁକି ଓ କିପରି ପ୍ରଶ୍ନରୁ ହିଁ ଆରମ୍ଭ ହୋଇଥାଏ ବିଜ୍ଞାନ। ଏକ ଜିଜ୍ଞାସା ଓ ଅନୁସନ୍ଧିତ୍ସୁ ମନୋଭାବ ନେଇ ପରୀକ୍ଷଣ ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଛାତ୍ର, ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରି ପାରିଲେ ବିଜ୍ଞାନ ମେଳା ସାର୍ଥକ ହେବ ବୋଲି ସଭାପତି ତଥା ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନ ଉତ୍ସବ ମୁଖ୍ୟ ଅତିଥି ବ୍ଲକ ଅଧକ୍ଷା ଶ୍ରୀ ମତୀ ନାଏକ ନିଜ ବକ୍ତବ୍ୟ ରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ପରିବେଶ ସୁରକ୍ଷା ଉପଯୋଗୀତା ସମ୍ପର୍କରେ ପିଲା ମାନଙ୍କୁ ବୁଝାଇଥିଲେ। ମୁଖ୍ୟ ବକ୍ତା ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ ନିଜ ବକ୍ତବ୍ୟ ରେ ପ୍ରତ୍ୟେକ ଛାତ୍ର, ଛାତ୍ରୀ ସ୍ୱତନ୍ତ୍ର ଓ ସମାଜରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଧିକ ବହି ପଢିବା ଓ ନିଜର ମୌଳିକ ବୃଦ୍ଧିକୁ ଅଧିକ ରୁ ଅଧିକ ପ୍ରୟୋଗ କରି ସମସ୍ୟାର ସମାଧାନ କରିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟ ରୁ ମନୋନୀତ ଛାତ୍ର, ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସ୍ୱାସ୍ଥ୍ୟ ଓ ସ୍ୱଛତା, ପରିବହନ ଓ ଯୋଗାଯୋଗ, ପ୍ରାକୃତିକ, କୃଷି, ବିପର୍ଯ୍ୟୟ ପରିଚାଳନା, ଆଦର୍ଶ ଗଣିତ ପ୍ରଦର୍ଶନ, ବର୍ଜ୍ୟବସ୍ତୁ ପରିଚାଳନା, ସମ୍ବଳ ପରିଚାଳନା ଆଦି ବିଷୟକୁ ନେଇ ୧୪୫ବିଜ୍ଞାନ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା, ସେଥି ମଧ୍ୟରୁ ୭ ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପ୍ରତାପ ରାଉତ ଓ ନୟାହାଟ ଅଞ୍ଚଳ ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ ମିଶ୍ର ବିଚାରକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ଉଦ୍‌ଯାପନୀ ଉତ୍ସବ ରେ ମୁଖ୍ୟଅତିଥି କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ନାୟକ, ସଂମ୍ମାନିତ ଅତିଥି ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର ପରିଡା, ମଣ୍ଡଳ ସହଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ବିଜ୍ଞାନ ପର୍ଯ୍ୟବେକ୍ଷକ ଜିଲ୍ଲାଶିକ୍ଷାଧିକାରୀ ଶ୍ରୀଯୁକ୍ତ ଶ୍ରୀ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବ ମୁଖ୍ୟ ଅତିଥି ବିଧାୟକ ଶ୍ରୀଯୁକ୍ତ ବେହେରା ନିଜ ବକ୍ତବ୍ୟ ରେ ବିଜ୍ଞାନର ବିକାଶରେ ଦେଶର ପ୍ରଗତି ନିର୍ଭର କରେ। ତେଣୁ ନୂତନ ଜ୍ଞାନ କୌଶଳ ଓ ଉଦ୍ଭାବନ ଦିଗରେ ଆଜିର ବିଦ୍ୟାର୍ଥୀ ମାନେ ଅଧିକ ମନୋନିବେଶ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ।ବିଜ୍ଞାନର ବିକାଶ ଯୋଗୁଁ ମାନବ ସଭ୍ୟତାର ବିକାଶ ସମ୍ଭବପର ହୋଇପାରିଛି। ଏଣୁ ଛାତ୍ର, ଛାତ୍ରୀ ମାନେ ବିଜ୍ଞାନ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ। ଛାତ୍ର ଜୀବନରେ ନିଜକୁ ଅଧିକ ଶୃଙ୍ଖଳିତ ଭାବରେ ଗଢି ତୋଳିବା ପାଇଁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ସମସ୍ତ ସାଧନ ସଂଯୋଜକ, ବିଭିନ୍ନ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

**OFFICE OF THE REGULATED MARKET COMMITTEE, HINJILICUT (GANJAM)**

No. 752 Dated-20.11.2025

**SHORT TENDER / QUOTATION CALL NOTICE**

The Sub-Collector, Chatrapur-cum-Chairman, R.M.C. Hinjilicut invites tender/ quotation for procurement of grading equipment. The details of which are available in the website www.ganjam.nic.in. Intending bidders are requested to visit the mentioned website for detailed information and submission of document.

Sd/-
Sub-Collector, Chatrapur-cum-Chairman, R.M.C., Hinjilicut

**OFFICE OF THE PRINCIPAL**
**S.V.M. AUTONOMOUS COLLEGE**
**JAGATSINGHPUR 754 103 (ODISHA)**
Tel: 06724-220027, 220017; Fax: 06724 220119; E-mail: svmcorissa@gmail.com
No. 2900 /SVMC//Date. 71125



PRINCIPAL

**ବାର୍ତ୍ତା**

ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁର ଜିଲ୍ଲା ତଥା ଓଡ଼ିଶା ପ୍ରଦେଶର ଏକ ସର୍ବପୁରାତନ ମହାବିଦ୍ୟାଳୟ। ରୂପରେ ଖ୍ୟାତି ଅର୍ଜନ କରିଛି । ଏହି ମହାବିଦ୍ୟାଳୟରେ ହାରାହାରି ୬୦୦୦ (ଛଅ ହଜାର) ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସଂପୂର୍ଣ୍ଣ ଭାବରେ ସରକାରଙ୍କ ଦ୍ୱାରା ପରିଚାଳିତ ତଥା ଆର୍ଥିକ ଅନୁଦାନରେ ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରାଯାଇଛି ।ଏହା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ପାଇଁ ଉଦ୍ଦିଷ୍ଟ ଗ୍ରନ୍ଥାଗାରରେ ଅନେକ ପୁରାତନ ପୁସ୍ତକ ସଂରକ୍ଷିତ, ଏହି ଗ୍ରନ୍ଥାଗାରକୁ ସ୍ୱୟଂଚାଳିତ କରିବା ପାଇଁ ବର୍ତ୍ତମାନ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି । ମହାବିଦ୍ୟାଳୟର ଆର୍ଥିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ଠାରୁ ବିଭିନ୍ନ ପ୍ରକାର ଶୁଳ୍କ ଆଦାୟ ହେଉଛି ତଥା ମହାବିଦ୍ୟାଳୟର ବିଭିନ୍ନ ପ୍ରକାର ଖର୍ଚ୍ଚ ମଧ୍ୟ ସେହି ମାଧ୍ୟମରେ କରାଯାଉଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଧ୍ୟୟନ ପ୍ରତି ଆଗ୍ରହ ବୃଦ୍ଧି ପାଇଛି ଓ ସରକାରଙ୍କ ନିର୍ଦ୍ଦେଶାନୁସାରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମୟାନୁବର୍ତ୍ତୀତାକୁ ଅନୁସରଣ କରୁଛନ୍ତି । ଓଡ଼ିଶାର ସଂସ୍କୃତି ତଥା ଐତିହ୍ୟକୁ ବହନ କରୁଥିବା ଜଗତସିଂହପୁର ଜିଲ୍ଲାର ସ୍ୱୟଂଶାସିତ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ସମସ୍ତ ନିୟମକୁ ପାଳନ କରି କାର୍ଯ୍ୟ କରୁଅଛି।

ଏହି ମହାବିଦ୍ୟାଳୟର ସର୍ବବିଧ ପ୍ରଗତି ଆମର ଚିର ଲକ୍ଷ୍ୟ ଅଟେ ।

ଅଧ୍ୟକ୍ଷା
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଜଗତସିଂହପୁର

# ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ନୟାଗଡ଼, ୨୨।୧୧ (ନିପ୍ର): ଆଜି କୃଷି ବିଜ୍ଞାନ କେନ୍ଦ୍ର, ପାଣିପୋଇଲା ଓ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ପକ୍ଷ ରୁ ମିଳିତ ଭାବେ କୃଷି ବିଜ୍ଞାନ କେନ୍ଦ୍ର ରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ବର କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଉଥିବା ବିଶାଳ ସମୁଦ୍ର ତଥା ଅନ୍ୟାନ୍ୟ ଜଳ ଉତ୍ସର ଗୁରୁତ୍ୱକୁ ଉପଲବ୍ଧି କରିବା ତଥା ଏହା ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀ ଙ୍କ ଜୀବିକା ସୁନିଶ୍ଚିତ କରିବା ସହ ଏକ ପୋଷଣୀୟ ମତ୍ସ୍ୟଧରା କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ବିଶ୍ୱ ବ୍ୟାପି ବିଶ୍ୱ ମତ୍ସ୍ୟ ଦିବସ ପାଳନ କରାଯାଏ। ରାଜ୍ୟ ସ୍ତରରେ ପାଳିତ ହେଉଥିବା ବିଶ୍ୱ ମତ୍ସ୍ୟ ଦିବସ କାର୍ଯ୍ୟକ୍ରମକୁ ସିଧା ସଳଖ ଭାବେ ଏଠାରେ ଉପସ୍ଥିତ ମତ୍ସ୍ୟଜୀବୀମାନେ ଦେଖିଥିଲେ। ସରକାରଙ୍କ ପକ୍ଷରୁ ପ୍ରାକୃତିକ ଜଳଉତ୍ସର ସୁରକ୍ଷା ତଥା ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼ ଅନିଲ କୁମାର ସ୍ୱାଇଁ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ପ୍ରକାଶ କୁମାର ତ୍ରିପାଠୀ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ ବ୍ଲକର ପଚାଶରୁ ଅଧିକ ମତ୍ସ୍ୟ ଚାଷୀ ଓ ମତ୍ସ୍ୟଜୀବୀ ଯୋଗ ଦେଇଥିଲେ। ସଫଳ ମତ୍ସ୍ୟ ଚାଷୀଙ୍କୁ ଏହି ଅବସରରେ ସେମାନଙ୍କ କୃତି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।ଉତ୍ସବ କୁ ପରିଚାଳନା କରିଥିଲେ ନୟାଗଡ଼ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରୀ ସ୍ନେହଂଶୁ ପଣ୍ଡା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶ୍ରୀମତୀ ସୁଚିସ୍ମିତା ଦ୍ୱିବେଦୀ।

**ଅଭିନନ୍ଦନ**

'ବୋଲଗଡ଼ ବେଗୁନିଆ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ




ମୋର ହାର୍ଦ୍ଦିକ ଶୁଭ କାମନା। ସମସ୍ତଙ୍କୁ ପ୍ରଭୁ ଜଗନ୍ନାଥ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ, ଏତିକି ପ୍ରାର୍ଥନା କରୁଛି।

**ଦୀପନ ବିଶ୍ୱାଳ**
ଯୁବ ସମାଜସେବୀ, ବୋଲଗଡ଼

## ଗଜପତି ଜିଲ୍ଲାରେ 'ଜନଜାତୀୟ ଗୌରବ ଦିବସ'ମହାସମାରୋହରେ ପାଳିତ



ପାରଳାଖେମୁଣ୍ଡି (ଗଜପତି): ନଭେମ୍ବର ୧୫, ୨୦୨୫ ମହାନ ଜନଜାତିର ନାୟକ, 'ଧରତୀ ଆବା' ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜନ୍ମ ଜୟନ୍ତୀ ଏବଂ ରାଷ୍ଟ୍ରୀୟ 'ଜନଜାତୀୟ ଗୌରବ ଦିବସ'। ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଜନ୍ମଗ୍ରହଣ କରିଥିବା ଏହି ମହାନ ସଂଗ୍ରାମୀଙ୍କର ତ୍ୟାଗପୂର୍ଣ୍ଣ ଜୀବନ ଆମ ସମସ୍ତଙ୍କ ପାଇଁ ଏକ ଅମୂଲ୍ୟ ପ୍ରେରଣା। ଏହି ବିଶେଷ ଅବସରରେ, ଭାରତ ସରକାର ବର୍ଷବ୍ୟାପୀ ଉତ୍ସବ 'ଜନ ଜାତୀୟ ଗୌରବ ବର୍ଷ'ର ଶୁଭାରମ୍ଭ କରିଛନ୍ତି। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ମାଟିର ବୀର ଶହୀଦ ଲକ୍ଷ୍ମଣ ନାୟକ,ଶହୀଦ ମାଧୋ ସିଂହ , ଚକ୍ରା ବିଶୋଇଙ୍କ ପରି ଅନେକ ଜନଜାତିର ନାୟକଙ୍କର ଅମୂଲ୍ୟ ଯୋଗଦାନକୁ ଆମେ ଶ୍ରଦ୍ଧାର ସହିତ ସ୍ମରଣ କରୁଛୁ। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀକୁ ସ୍ମରଣୀୟ କରିବା ପାଇଁ ଏବଂ ଜନଜାତି ସମାଜର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ସ୍ତରୀୟ ଜନ ଜାତୀୟ ଗୌରବ ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ମହା ସମାରୋହରେ ପାଳନ କରାଯାଇଅଛି ।ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତ ଅତିଥି ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ମହାନ ତ୍ୟାଗ ଓ ସଂଗ୍ରାମକୁ ସ୍ମରଣ କରିଥିଲେ। ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ସମ୍ମାନିତ ଅତିଥି ତାଙ୍କ ଅଭିଭାଷଣରେ ଜନଜାତି ସଂସ୍କୃତିର ମହତ୍ତ୍ୱ ଏବଂ ଦେଶର ସ୍ୱାଧୀନତାରେ ଆଦିବାସୀ ବୀରମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭିଡିଓ କନଫେରେନ୍ସି ମାଧ୍ୟମରେ ଆର୍. ଉଦୟଗିରି ଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନ କରାଯାଇଛି। ଏହା ଜନଜାତିର ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ଦିଗରେ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଯୋଜନାରେ ୭ଟି ବହୁମୁଖୀ କେନ୍ଦ୍ରର ଉଦ ଘାଟନ କରାଯାଇଛି। ଏହା ଦୁର୍ବଳ ଜନଜାତି ଗୋଷ୍ଠୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ସହାୟକ ହେବ । ସମସ୍ତ ଗ୍ରାମ ପଞ୍ଚାୟତରେ ବିକାଶମୂଳକ ଯୋଜନାଗୁଡ଼ିକର ସୁଫଳ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି। ଜନ ଜାତୀୟ ଗୌରବ ବର୍ଷ ପକ୍ଷ ୧ ନଭେମ୍ବରରୁ ୧୫ ନଭେମ୍ବର ୨୦୨୫ ଜିଲ୍ଲାର ସମସ୍ତ ବିଦ୍ୟାଳୟ, EMRS ଏବଂ ବିଶ୍ୱ ବିଦ୍ୟାଳୟରେ ପାଳନ କରଯାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ସହିତ ନୁକଡ ନାଟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରଯାଇଥିଲା। ଜିଲ୍ଲାର ବିଭିନ୍ନ କୋନୋ ଅନୁକୋଣରୁ ଆସିଥିବା ଜନଜାତି କଳାକାରମାନେ ସେମାନଙ୍କର ପାରମ୍ପରିକ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ, ଯାହା ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ଗୌରବମୟ ଦିବସରେ ଭଗବାନ ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନଜାତି ସମାଜର ବିକାଶ, ସଂସ୍କୃତିର ସୁରକ୍ଷା ଏବଂ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣ ଦିଗରେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ଉପସ୍ଥିତ ଥିବା ସମସ୍ତ ଅତିଥି ବୃନ୍ଦ ଶପଥ ନେଲେ ଛ ଏହି କାର୍ଯ୍ୟକ୍ରମରେ ଶ୍ରୀ ମୁନୀନ୍ଦ୍ର ହନ୍ନଗା,ଅତିରିକ୍ତ ଜିଲ୍ଲାପାଳ ଅଧକ୍ଷତା କରିଥିଲେ । ମୁଖ୍ୟ ଅଥିତି ଭାବରେ ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦର ସଭାପତି ଜି ତିରୁପତି ରାଓ , ପୌର ଅଧକ୍ଷ୍ୟା, ପାରଳାଖେମୁଣ୍ଡି ନିର୍ମଳା ସେଠି,ପଞ୍ଚାୟତ ସମିତି ଅଧକ୍ଷ୍ୟା ସୁନେମି ମଣ୍ଡଳ ଗୁମ୍ମା , ପଞ୍ଚାୟତ ସମିତି ଅଧକ୍ଷ୍ୟା କାଶିନଗର,ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝି , ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା ,ଜିଲ୍ଲା ମଙ୍ଗଳ ଅଧିକାରୀ ଗଜପତି ସୋଲମନ ରାଇକା ଏବଂ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ ବୃନ୍ଦ ଯୋଗଦାନ କରିଥିଲେ ।






ଜୋହାନ୍ସବର୍ଗରେ ଚାଲିଥିବା ଜି-୨୦ ଶିଖର ସମ୍ମିଳନୀରେ ବିଶ୍ୱ ନେତୃବୃନ୍ଦ

# ବିଶ୍ୱ ବିକାଶ ମାନଦଣ୍ଡର ଗଭୀର ପୁନର୍ବିଚାର ପାଇଁ ମୋଦୀଙ୍କ ଆହ୍ୱାନ

**ଜୋହାନ୍ସବର୍ଗ,୨୨।୧୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ପ୍ରଥମ ଜି୨୦ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଭାଷଣରେ ବିଶ୍ୱ ବିକାଶ ମାନଦଣ୍ଡର ଗଭୀର ପୁନର୍ବିଚାର ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ଜି୨୦ ଦୀର୍ଘ ସମୟ ଧରି ବିଶ୍ୱ ଅର୍ଥ ଏବଂ ବିକାଶକୁ ଆକାର ଦେଇଛି, କିନ୍ତୁ ବର୍ତ୍ତମାନର ମଡେଲ ଏକ ବିଶାଳ ଜନସଂଖ୍ୟାକୁ ସମ୍ବଳରୁ ବଞ୍ଚିତ କରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ୨୧ରୁ ୨୩, ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ତିନିଦିନିଆ ଜି୨୦ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ପହଞ୍ଚିଥିଲେ। ଜି୨୦ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ 'ସମସ୍ତଙ୍କ ପାଇଁ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି' ଶୀର୍ଷକ ଅଧିବେଶନକୁ ସମ୍ବୋଧିତ କରିଥିଲେ।



ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ବିଗତ କିଛି ଦଶନ୍ଧି ଧରି ଜି୨୦ ବିଶ୍ୱ ଅର୍ଥ ଏବଂ ବିଶ୍ୱ ଅର୍ଥନୈତିକ ବିକାଶକୁ ଆକାର ଦେଇଛି, କିନ୍ତୁ ଏପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ବିକାଶର ପାରାମିଟରଗୁଡ଼ିକ ଏକ ବଡ଼ ଜନସଂଖ୍ୟାକୁ ସମ୍ବଳରୁ ବଞ୍ଚିତ କରିଛି। ଏହାବ୍ୟତୀତ ସେମାନେ ପ୍ରକୃତିର ଅତ୍ୟଧିକ ଶୋଷଣକୁ ଉତ୍ସାହିତ କରିଛନ୍ତି। ଆଫ୍ରିକା ଏହାର ଏକ ପ୍ରମୁଖ ଶିକାର। ଯେହେତୁ ଆଫ୍ରିକା ପ୍ରଥମ ଥର ପାଇଁ ଜି୨୦ ଶିଖର ସମ୍ମିଳନୀ ଆୟୋଜନ କରୁଛି, ଆମକୁ ଏଠାରେ ବିକାଶର ପାରାମିଟରଗୁଡ଼ିକୁ ପୁନର୍ବିଚାର କରିବାକୁ ପଡିବ।

ସେ କହିଥିଲେ, 'ଏଥିପାଇଁ ଗୋଟିଏ ପଥ ଭାରତର ସଭ୍ୟତାର ମୂଲ୍ୟବୋଧରେ ନିହିତ ଅଛି, ଏବଂ ସେହି ପଥ ହେଉଛି ସମନ୍ୱିତ ମାନବବାଦ। ଏହାର ଅର୍ଥ ହେଉଛି ଆମକୁ ମାନବତା, ସମାଜ ଏବଂ ପ୍ରକୃତିକୁ ଏକ ସମନ୍ୱିତ ସମଷ୍ଟି ଭାବରେ ଦେଖିବା ଉଚିତ। କେବଳ ସେତେବେଳେ ପ୍ରଗତି ଏବଂ ପ୍ରକୃତି ମଧ୍ୟରେ ସମନ୍ୱୟ ସମ୍ଭବ ହେବ।

ବିଶ୍ୱରେ ଅନେକ ସମ୍ପ୍ରଦାୟ ଅଛନ୍ତି ଯେଉଁମାନେ ସେମାନଙ୍କର ପାରମ୍ପରିକ ଏବଂ ପରିବେଶ-ସନ୍ତୁଳିତ ଜୀବନଶୈଳୀକୁ ସଂରକ୍ଷଣ କରିଛନ୍ତି। ଏହି ପରମ୍ପରାଗୁଡ଼ିକ କେବଳ ସ୍ଥାୟିତ୍ୱ ପ୍ରଦର୍ଶନ କରନ୍ତି ନାହିଁ, ବରଂ ସାଂସ୍କୃତିକ ଜ୍ଞାନ, ସାମାଜିକ ସଂହତି ଏବଂ ପ୍ରକୃତି ପ୍ରତି ଗଭୀର ସମ୍ମାନକୁ ମଧ୍ୟ ପ୍ରତିଫଳିତ କରନ୍ତି।

ମୋଦୀ କହିଛନ୍ତି, ଭାରତ ଜି୨୦ ମଧ୍ୟରେ ଏକ ବିଶ୍ୱ ପାରମ୍ପରିକ ଜ୍ଞାନ ଭଣ୍ଡାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି। ଭାରତର ଭାରତୀୟ ଜ୍ଞାନ ପ୍ରଣାଳୀ ପଦକ୍ଷେପ ଏହାର ଭିତ୍ତିଭୂମି ଭାବରେ କାର୍ଯ୍ୟ କରିପାରିବ। ଏହି ବିଶ୍ୱ ପ୍ଲାଟଫର୍ମ ଭବିଷ୍ୟତ ପିଢ଼ିକୁ ମାନବତାର ସାମୂହିକ ଜ୍ଞାନ ପ୍ରଦାନ କରିବାରେ ସାହାଯ୍ୟ କରିବ।

## ଆସିଲେନି ଟ୍ରମ୍ପ, ପୁଟିନ, ଜିନପିଙ୍ଗ



**ଜୋହାନ୍ସବର୍ଗ,୨୨।୧୧(ଏଜେନ୍ସି):** ୨୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜି୨୦ ଶିଖର ସମ୍ମିଳନୀ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେଉଛି। ଏହି ଐତିହାସିକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଜୋହାନ୍ସବର୍ଗରେ ପହଞ୍ଚିଛନ୍ତି। ଏହି ସମ୍ମିଳନୀରେ ବିଶ୍ୱର ତିନି ପ୍ରମୁଖ ନେତା- ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଦେଖିବାକୁ ମିଳିନି।

ଆମେରିକା ଜି୨୦ର ପ୍ରତିଷ୍ଠାତା ସଦସ୍ୟ ଏବଂ ପରବର୍ତ୍ତୀ ରାଷ୍ଟ୍ରପତି ପଦରେ ଥାଇ ମଧ୍ୟ ଏଥର ଦକ୍ଷିଣ ଆଫ୍ରିକାରେ ଆୟୋଜିତ ହୋଇଥିବା ସମ୍ମିଳନୀରେ ଯୋଗ ଦେଇନାହିଁ। ଯାହା ଏହାର ଅନୁପସ୍ଥିତିକୁ ଆହୁରି ଚିନ୍ତାଜନକ କରିଦେଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୂର୍ବରୁ ସ୍ପଷ୍ଟ ଭାବରେ କହିଥିଲେ ଯେ ସେ ଜି୨୦ ସମ୍ମିଳନୀରେ ଯୋଗଦେବେ ନାହିଁ। ସେ ଅଭିଯୋଗ କରିଥିଲେ ଯେ ଦକ୍ଷିଣ ଆଫ୍ରିକାର ଗୋରା ଚାଷୀମାନଙ୍କୁ ନିର୍ଯାତିତ କରାଯାଉଛି। ଟ୍ରମ୍ପ ସୋସିଆଲ ମିଡିଆରେ ପୋଷ୍ଟ କରି ଦାବି କରିଥିଲେ ଯେ ନୂତନ ଭୂମି ସଂସ୍କାର ଆଇନ ପରେ ଦକ୍ଷିଣ ଆଫ୍ରିକାର ଗୋରା ଚାଷୀମାନେ ଜାତିଗତ ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଶିଖର ସମ୍ମିଳନୀର ଗୋଟିଏ ଦିନ ପୂର୍ବରୁ ଟ୍ରମ୍ପ ତାଙ୍କ ମତ ବଦଳାଇଥିଲେ। ଶିଖର ସମ୍ମିଳନୀର ଶେଷ ଅଧିବେଶନରେ ଯୋଗଦେବା ପାଇଁ ଆମେରିକା ଏହାର କାର୍ଯ୍ୟକାରୀ ରାଷ୍ଟ୍ରଦୂତ ମାର୍କ ଡି. ଡିଲାର୍ଡଙ୍କୁ ପଠାଇଛି।

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଦକ୍ଷିଣ ଆଫ୍ରିକା ଆସିନାହାନ୍ତି। କାରଣ ୟୁକ୍ରେନ ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି) ପୁଟିନଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି କରିଛି। ଦକ୍ଷିଣ ଆଫ୍ରିକା ରୋମ୍ ନିୟମର ସଦସ୍ୟ, ଅର୍ଥାତ୍ ଏହା ଆଇସିସି ୱାରେଣ୍ଟ ପାଳନ କରିବାକୁ ଆଇନଗତ ଭାବରେ ବାଧ୍ୟ। ଏହାର ଅର୍ଥ ହେଉଛି ଯଦି ପୁଟିନ୍ ଜି୨୦ ରେ ଯୋଗ ଦେଇଥାନ୍ତେ, ତେବେ ଦକ୍ଷିଣ ଆଫ୍ରିକା ତାଙ୍କୁ ଗିରଫ କରିବାକୁ ଆଇନଗତ ଭାବରେ ବାଧ୍ୟ ହୋଇଥାନ୍ତା। ଏହି କାରଣରୁ ସେ ପୂର୍ବରୁ ମଧ୍ୟ ଦକ୍ଷିଣ ଆଫ୍ରିକାରେ ୨୦୨୩ରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ବି ଯୋଗ ଦେଇନଥିଲେ।

ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ଏଥର ଜି୨୦ ସମ୍ମିଳନୀରୁ ଦୂରେଇ ରହିଛନ୍ତି। ରିପୋର୍ଟ ଅନୁସାରେ, ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ ତେଣୁ ସେ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କୁ ତାଙ୍କ ପ୍ରତିନିଧି ଭାବରେ ଦକ୍ଷିଣ ଆଫ୍ରିକା ପଠାଇଛନ୍ତି। ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୃଢ଼ ବାଣିଜ୍ୟିକ ସମ୍ପର୍କ ରହିଛି। ସି ଜିନପିଙ୍ଗ ୨୦୨୩ ବ୍ରିକ୍ସ ସମ୍ମିଳନୀ ପାଇଁ ଦକ୍ଷିଣ ଆଫ୍ରିକା ମଧ୍ୟ ଗସ୍ତ କରିଥିଲେ, ଯାହା ଏଥର ତାଙ୍କ ଅନୁପସ୍ଥିତିକୁ ଆହୁରି ଉଲ୍ଲେଖନୀୟ କରିଛି।

୩ ବିଶ୍ୱ ନେତାଙ୍କ ଅନୁପସ୍ଥିତି ଭାରତର ଗୁରୁତ୍ୱ ବଢାଇଛି। ଟ୍ରମ୍ପ, ପୁଟିନ୍ ଏବଂ ସି ଜିନପିଙ୍ଗଙ୍କ ପରି ପ୍ରମୁଖ ନେତାଙ୍କ ଅନୁପସ୍ଥିତି ଚଳିତ ଜି୨୦ ସମ୍ମିଳନୀରେ ଭାରତର ଭୂମିକାକୁ ଆହୁରି ଗୁରୁତ୍ୱପୂର୍ଣ୍ଣ କରିଛି।

### ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ ମୋଦୀ

## କାହାକୁ ଆଲିଙ୍ଗନ, କାହା ସହ ମଜା

**ଜୋହାନ୍ସବର୍ଗ,୨୨।୧୧(ଏଜେନ୍ସି):** ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଜି-୨୦ ଶିଖର ସମ୍ମିଳନୀରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ଦେଶର ନେତାଙ୍କ ସହ ସାକ୍ଷାତ କରିଥିଲେ। ଜୋହାନ୍ସବର୍ଗରେ ଜି-୨୦ ଶିଖର ସମ୍ମିଳନୀରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ରାମାଫୋସା ତାଙ୍କୁ ହାତ ଯୋଡି ସ୍ୱାଗତ କରିଥିଲେ। ତା'ପରେ ଇଟାଲୀର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହାତ ଯୋଡି ନମସ୍ତେ କହି ସ୍ୱାଗତ କରିଥିଲେ। ଦୁଇ ନେତା ମଜା କରିବାର ଏବଂ ହସିବାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ମେଲୋନିଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଦେଶର ରାଜନେତାଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ। ସେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭାଙ୍କ ସହିତ ସାକ୍ଷାତ କରିଥିଲେ। ଉଭୟ ପରସ୍ପରକୁ ଉଷ୍ମତାର ସହ ଆଲିଙ୍ଗନ କରିଥିଲେ, ସିଲଭା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପିଠି ଥାପୁଡ଼ାଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାଏଦ ଅଲ ନାହ୍ୟାନଙ୍କୁ ମଧ୍ୟ ଆଲିଙ୍ଗନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଜି୨୦ ଶିଖର ଅଧିବେଶନକୁ ସମ୍ବୋଧିତ କରିଥିଲେ।





## ମୁମ୍ବାଇ ଧାରାଭିରେ ଭୟଙ୍କର ଅଗ୍ନିକାଣ୍ଡ

### ହାର୍ବର ଲାଇନ ଲୋକାଲ ଟ୍ରେନ୍‌ସେବା ପ୍ରଭାବିତ



**ମୁମ୍ବାଇ,୨୨।୧୧(ଏଜେନ୍ସି):** ଶନିବାର ଅପରାହ୍ନରେ ମୁମ୍ବାଇର ଧାରାଭି ଅଞ୍ଚଳରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଯାହା ବ୍ୟାପକ ଆତଙ୍କ ସୃଷ୍ଟି କରିଛି। ରେଳ କ୍ରସିଂ ଏବଂ ନୁର ରେଷ୍ଟୁରାଣ୍ଟ ନିକଟରେ ଥିବା ପ୍ଲଟ୍ ନମ୍ବର ୧ର ନଭରଙ୍ଗ କମ୍ପାଉଣ୍ଡରେ ଥିବା ଏକ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ତୁରନ୍ତ ଅଗ୍ନିଶମ ବାହିନୀ ଏବଂ ଅନେକ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ଅଗ୍ନିକାଣ୍ଡଟି ଭୂମି ପ୍ଲସ ୱାନ ସଂରଚିତ ବସ୍ତି-ଗୋଦାମରେ ହୋଇଥିଲା। ନିଆଁ ନିକଟସ୍ଥ ମାହିମ ଷ୍ଟେସନ ଅଞ୍ଚଳକୁ ବ୍ୟାପିଯାଇଥିଲା, ଯେଉଁଠାରେ ଅନେକ କୁଡ଼ିଆ ନିଆଁରେ ପୋଡ଼ି ଯାଇଥିଲା। ଏପରି ଘଟଣା ପ୍ରାୟ ୧୨:୧୫ ମିନିଟ୍ ସମୟରେ ହୋଇଥିଲା। ନିଆଁ ଲିଭାଇବା ପାଇଁ ଅନେକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିକାଣ୍ଡ ଯୋଗୁ ହାରବର ଲାଇନରେ ସ୍ଥାନୀୟ ଟ୍ରେନ୍ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଏମ୍‌ସିର ମୁମ୍ବାଇ ଅଗ୍ନିଶମ ବାହିନୀ ସମେତ ପୋଲିସ, ୧୦୮ ଆମ୍ବୁଲାନ୍ସ ଏବଂ ବିଏମ୍‌ସି ୱାର୍ଡ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିଲେ। ଅନ୍ୟପଟେ ଅଗ୍ନିକାଣ୍ଡ ଯୋଗୁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଓଭରହେଡ୍ ଉପକରଣଗୁଡ଼ିକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ପରିସ୍ଥିତି ନିୟନ୍ତ୍ରଣକୁ ନଆସିବା ପର୍ଯ୍ୟନ୍ତ ହାରବର ଲାଇନ ଟ୍ରେନ୍ ସେବାକୁ ନିୟନ୍ତ୍ରିତ କରାଯାଇଛି, ପଶ୍ଚିମ ରେଳବାଇ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟରେ ଲେଖିଛନ୍ତି।

# ଦିଲ୍ଲୀ ପ୍ରଦୂଷଣ ଉଦ୍‌ବେଗଜନକ

### ଲାଗୁ ହେଲା ଗ୍ରାପ୍-୩




**ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି):** ଦିଲ୍ଲୀରେ ବାୟୁ ଗୁଣବତ୍ତା କ୍ରମାଗତ ଭାବେ ହ୍ରାସ ପାଇ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିବାରୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଜିଆର୍‌ଏପିଏ-ଗ୍ରାପ୍) ଅନୁଯାୟୀ କଟକଣା ଲାଗୁ ହୋଇଛି। ନୂଆ ସଂଶୋଧିତ ପଦକ୍ଷେପ ଅଧୀନରେ ଗ୍ରାପ୍-୪ ଷ୍ଟେଜ୍‌ରେ ପୁଅର(ଖରାପ), ଭେରି ପୁଅର (ଅତି ଖରାପ) ଓ ସିଭିୟର (ଉଦ୍‌ବେଗଜନକ) ସ୍ଥିତି ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପଗୁଡ଼ିକ ମଧ୍ୟରୁ ଅନେକ ଗ୍ରାପ ଷ୍ଟେଜ୍-୩ରେ ଲାଗୁ ହୋଇଛି। ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୧ରୁ ୪୫୦ ମଧ୍ୟରେ ରହିଲେ ଏହି କଟକଣା ଲାଗୁ କରାଯାଇଥାଏ। କେନ୍ଦ୍ର ସରକାର ନିଜ କର୍ମଚାରୀମାନଙ୍କୁ ୱାର୍କ ଫ୍ରମ ହୋମ୍ ପାଇଁ ନିର୍ଦ୍ଦେଶ ଦେଇପାରିବେ। କିନ୍ତୁ ଦିଲ୍ଲୀ ସରକାର ନିଜ ଅଧୀନସ୍ଥ କର୍ମଚାରୀଙ୍କ ମଧ୍ୟରୁ ୫୦ ପ୍ରତିଶତ ଅଫିସ ଆସିବାକୁ ନିର୍ଦ୍ଦେଶ ଦେବା ସହିତ ୫୦ ପ୍ରତିଶତଙ୍କୁ ଘରେ ରହି କାମ କରିବାକୁ ଅନୁମତି ଦେଇପାରନ୍ତି। ଉଭୟ କଟକଣା ଗ୍ରାପ୍-୪ରେ ଲାଗୁ ହୋଇଥାଏ। ସେହିପରି ଗ୍ରାପ୍-୨ରେ ଭେରି ପୁଅର ଏକ୍ୟୁଆଇ ପାଇଁ ସରକାରୀ ଓ ପୌର କାର୍ଯ୍ୟାଳୟ ପାଇଁ ସମୟ ନିର୍ଦ୍ଧାରଣ କରିବେ। କେନ୍ଦ୍ର ସରକାର ମଧ୍ୟ ଦିଲ୍ଲୀରେ ଥିବା ନିଜ ଅଫିସଗୁଡ଼ିକର କାର୍ଯ୍ୟ ସମୟ ସ୍ଥିର କରିବେ। ଗ୍ରାପ୍-୧ରେ କମିଶନ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବେ। ଫଳରେ ଜେନେରେଟର କିମ୍ବା ଅନ୍ୟ କୌଣସି ପ୍ରଦୂଷଣ ସୃଷ୍ଟି କରୁଥିବା ଯନ୍ତ୍ରପାତି ବ୍ୟବହାର ହ୍ରାସ ପାଇବ। ଭିଡ଼ ହେଉଥିବା ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବ ଓ ଅଧିକ କର୍ମଚାରୀଙ୍କୁ ମୁତୟନ କରାଯିବ। ଖବରକାଗଜ ଓ ଗଣମାଧ୍ୟମରେ ସତର୍କ ସୂନା ପ୍ରକାଶ କରାଯିବା ସହିତ କଣ କରିବାକୁ ହେବ ଓ ନହେବ ତାହା ପ୍ରକାଶ କରାଯିବ। ସିଏନ୍‌ଜି ଚାଳିତ ବସ୍ ଚଳାଚଳ ବୃଦ୍ଧି ସହିତ ମେଟ୍ରୋ ଟ୍ରେନ୍‌ଗୁଡ଼ିକରେ ଅତିରିକ୍ତ ବଗି ବ୍ୟବସ୍ଥା କରାଯାଇ ଚଳାଚଳକୁ ସୁଗମ କରାଯିବ। ସୂଚନାଯୋଗ୍ୟ ଦିଲ୍ଲୀରେ ଶନିବାର ଏକ୍ୟୁଆଇ ୨୦୫ ରହିଥିଲା।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida